
# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 229 | ଭାଗ ୩୨ | ସଂଖ୍ୟା୨୨୯ | Bhubaneswar | Wednesday 13 November 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୧୩ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଅଷ୍ଟ୍ରେଲିଆ ଖବରକାଗଜରେ କୋହଲି ଝଡ଼ ପୃଷ୍ଠା ୬


# ବିଶ୍ୱ ଦେଖିବ ଓଡ଼ିଆ ଆତିଥ୍ୟ



- ଭୁବନେଶ୍ୱରରେ ହେବ ପ୍ରବାସୀ ଭାରତୀୟ ଦିବସ
- ବିଦେଶରେ ରହୁଥିବା ୭ ହଜାର ଭାରତୀୟ ଯୋଗଦେବେ
- ଜାନୁଆରୀ ୮ରୁ ତିନିଦିନ ଧରି ଓଡ଼ିଶା ବୁଲିବେ ପ୍ରବାସୀ
- ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୨।୧୧(ସଂଚାର ବ୍ୟୁରୋ): ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ମିଳିତ ଭାବେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ୱେବସାଇଟ୍ (କ୍ଟଭୟସଭୟସବ.ଶକ୍ଟଙ୍ଖ. ସଭ)କୁ ଉନ୍ମୋଚନ କରିଛନ୍ତି। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ମଧ୍ୟ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରବାସୀ ଭାରତୀୟ ଦିବସ (ପିବିଡି) ସମ୍ମିଳନୀ ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ। ବିଦେଶରେ ରହୁଥିବା ଭାରତୀୟ ପ୍ରବାସୀଙ୍କ ସହ ଯୋଗାଯୋଗ ଏବଂ ସମ୍ପର୍କ ସ୍ଥାପନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥାଏ। ଓଡ଼ିଶା ସରକାରଙ୍କ ସହଯୋଗରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆସନ୍ତା ୨୦୨୫ ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ୨୦୨୫ ପାଇଁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ବିଷୟବସ୍ତୁ ହେଉଛି "ଏକ ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ"। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରିବେ। ପୃଷ୍ଠା-୬



ଭାଗୀରଥୀ ମାଣ୍ଡାଙ୍କି ହତ୍ୟାକାଣ୍ଡ

# ବନ୍ଧା ହେବେ ୬ ବିଜେଡି ନେତା

## ୧୪ ବର୍ଷ ପରେ ଜାରିହେଲା ଏନ୍‌ବିଡବ୍ଲ୍ୟୁ

ରାୟଗଡ଼ା, ୧୨।୧୧ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍ଗି ହତ୍ୟା ମାମଲା ପ୍ରାୟ ୧୪ ବର୍ଷ ପରେ କଡ଼ ଲେଉଟାଇଛି। ଏହି ମାମଲାରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍ ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ନାଁରେ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟ ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଭାସ୍କର ରାଓ, ୱାଇ ଭେଙ୍କଟ ରାଓ (କଣ୍ଡାବାବୁ), ଏନ ଆଦିନାରାୟଣା, କେ କ୍ରିଷ୍ଣା ରାଓ, ଇପିଲି ସନ୍ନ୍ୟାସୀ ରାଜୁ, ପେଦେନା ଦିଲୀପ କୁମାରଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି। ୨୦୧୦ ଡିସେମ୍ବର ୧୫ ତାରିଖରେ ରାୟଗଡା ଜିଲ୍ଲାର ବରିଷ୍ଠ ଆଦିବାସୀ ନେତା ଭାଗୀରଥୀ ମାଣ୍ଡାଙ୍ଗୀ ହଠାତ୍ ନିଖୋଜ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମୃତଦେହ ଆନ୍ଧ୍ରପ୍ରଦେଶରୁ ମିଳିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ସେଠାରେ ଫିଙ୍ଗି ଦିଆଯାଇଥିବା ପରିବାର ଓ ଆତ୍ମୀୟସ୍ୱଜନ ଅଭିଯୋଗ କରିଥିଲେ। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ ପୁଲିସ୍ ଜାଣିଶୁଣି ଅଭିଯୁକ୍ତଙ୍କୁ ଧରୁ ନ ଥିଲା। ବାରମ୍ବାର ଦାବି ସତ୍ତ୍ୱେ ପୁଲିସ ନିଷ୍କ୍ରିୟ ରହିବାରୁ ଏକ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିଦିନଠାରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଥିଲା। ଏନ୍‌ବିଡବ୍ଲ୍ୟୁ ପରେ ଭାଗୀରଥୀଙ୍କ ଆତ୍ମୀୟସ୍ୱଜନଙ୍କ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଛି। ହେଲେ ଭାସ୍କର ରାଓଙ୍କ ପ୍ରତିକ୍ରିୟା ଜଣାପଡ଼ି ନାହିଁ।


ରେଳଧାରଣାରେ ହାତୀ ମୃତ୍ୟୁ

## ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ରେଳଧାରଣାରେ ହାତୀ ମୃତ୍ୟୁର ତଦ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ଓ ଢେଙ୍କାନାଳର ମେରାମୁଣ୍ଡଳିଠାରେ ଟ୍ରେନ୍ ଦୁର୍ଘଟଣାରେ ହାତୀଙ୍କ ମୃତ୍ୟୁ ସମ୍ପର୍କରେ ଅକ୍ଟୋବର ମାସ ୩ ଓ ୧୫ ତାରିଖରେ ଗଣ ମାଧ୍ୟମରେ ଖବର ପ୍ରକାଶିତ ଓ ପ୍ରସାରିତ ହୋଇଥିଲା। ଘଞ୍ଚ ଜଙ୍ଗଲ ଓ ହାତୀ ଚଳପ୍ରଚଳ ପଥ ଦେଇ ଯାଉଥିବା ଟ୍ରେନ୍‌ଗୁଡ଼ିକର ବେଗ ସୀମା ନିୟନ୍ତ୍ରଣ ନେଇ ବିଭିନ୍ନ ପରାମର୍ଶ ଓ ଏସ୍‌ଓପି ଜାରି ସତ୍ତ୍ୱେ ରେଳବାଇ ଓ ବନ ବିଭାଗ ମଧ୍ୟରେ ଭୁଲ ବୁଝାମଣା ଯୋଗୁଁ ୨ ହାତୀ ମୃତ୍ୟୁ ଘଟିଥିବାରୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କ୍ଷୋଭ ପ୍ରକାଶ କରିଥିଲେ । ରେଳ ଧାରଣାରେ ହାତୀ ପୃଷ୍ଠା-୬

ଏକାଡେମିକ୍ ଲିଡର୍ ଓ ପ୍ରଶାସକଙ୍କୁ ଶିକ୍ଷା ମନ୍ତ୍ରୀଙ୍କ ପରାମର୍ଶ

# ଶିଳ୍ପ ବିପ୍ଳବ ଶିକ୍ଷା ଭିତ୍ତିଭୂମି ପାଇଁ ବଡ଼ ସୁଯୋଗ




- ଯୋଗଦେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉଚ୍ଚ ଶିକ୍ଷା ବିଭାଗ ସଚିବ
- ୫ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଦୃଷ୍ଟି ଦେବାକୁ ପରାମର୍ଶ
- ଅଭିନବ ପାଣ୍ଠି ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୧୧(ସଂଚାର ବ୍ୟୁରୋ): ଶିଳ୍ପ ବିପ୍ଳବ ୪.୦ ଆମର ଶିକ୍ଷା ଭିତ୍ତିଭୂମିକୁ ବିଶ୍ୱମାନର କରିବା ପାଇଁ ଏକ ବଡ ସୁଯୋଗ ଦେଇଛି। ଏହାକୁ ଦୃଷ୍ଟିରେ ରଖି ଆମକୁ ଅଭିନବ ମଡେଲ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ମଜଭୁତ କରିବା ସହିତ ଶିକ୍ଷା ଭିତ୍ତିଭୂମିର ବିକାଶ କରି ଦେଶକୁ ଏକ ଉତ୍ପାଦନକାରୀ ଅର୍ଥନୀତିରେ ପରିଣତ କରିବାକୁ ପଡ଼ିବ ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ଉପରେ ଆୟୋଜିତ ଦୁଇ ଦିନିଆ ରାଷ୍ଟ୍ରୀୟ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିବା ସହ କହିଛନ୍ତି, ଏହି କର୍ମଶାଳା ଉତ୍ତମ ଶୈକ୍ଷିକ ବିଚାରବିମର୍ଶ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ବିଶେଷ ଭାବରେ ଶିକ୍ଷା ଦ୍ୱାରା କିପରି ଜୀବନଯାପନକୁ ଅଧିକ ସୁଗମ କରିବା ପାଇଁ କର୍ମଶାଳା ଏକ ମାଧ୍ୟମ ହେବ। ଏହି କାର୍ଯ୍ୟକ୍ରମ ଦେଶରେ ମୁଣ୍ଡପିଛା ଆୟ ବୃଦ୍ଧି କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିର୍ଦ୍ଧାରିତ ଜାତୀୟ ପ୍ରାଥମିକତା ହାସଲ କରିବାରେ ଯଥେଷ୍ଟ ଉନ୍ନତି ଆଣିପାରିବ। ଏହି ଅବସରରେ ଏକାଡେମିକ୍ ଲିଡର୍ ଓ ପୃଷ୍ଠା-୬

# ମାଲକାନଗିରିରେ ଲ୍ୟାଣ୍ଡ ଜିହାଦ




ରିପୋର୍ଟ ତଲବ କଲେ ଏନ୍‌ଜିଟି

ମାଲକାନଗିରି,୧୨।୧୧(ସଞ୍ଚାର ବ୍ୟୁରୋ): ମାଲକାନଗିରି ଜିଲା ମୋଟୁ ତହସିଲ ଅଧୀନରେ ୧୦୦ ଏକର ଜଙ୍ଗଲ ଜମିକୁ ବେଆଇନ କବ୍‌ଜାକରି ଇସ୍‌ଲାମ୍‌ନଗର ନିର୍ମାଣ ଘଟଣାରେ ଏନ୍‌ଜିଟି ରିପୋର୍ଟ ତଲବ କରିଛନ୍ତି। ପିସିସିଏଫ୍ ଓ ମାଲକାନଗିରି ଜିଲାପାଳଙ୍କୁ ଏନ୍‌ଜିଟି ନୋଟିସ ଆସିବା ପରେ ପୁନର୍ବାର ତଦନ୍ତ ପାଇଁ ମୋଟୁ ରେଞ୍ଜରଙ୍କୁ ଦାୟିତ୍ୱ ଦେବା ସହ ୨ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମାଲକାନଗିରି ଏସିଏଫ୍ ମନସୁନ ଖେମୁଡୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବେଆଇନ ଇସ୍‌ଲାମନଗରକୁ ସଂଯୋଗ ହୋଇଥିବା ରାସ୍ତା ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନାହିଁ ବୋଲି ଏସିଏଫ୍ କହିଛନ୍ତି। ଏଥିପାଇଁ କାଲିମେଳା ବିଡିଓ ଏବଂ ମୋଟୁ ତହସିଲଦାରଙ୍କୁ ଚିଠି କରାଯାଇ ଏହାର ତଦନ୍ତ ରିପୋର୍ଟ ମଗାଯାଇଛି। ଏଥିରେ ଯିଏ କେହି ବି ଭୁଲ୍ କରିଥିବେ ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ଖେମୁଡୁ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି କେତେକ ବ୍ୟକ୍ତି ମୋଟୁ ତହସିଲ ଅଧୀନରେ ଥିବା ଏକର ଏକର ଜଙ୍ଗଲ ଜମିକୁ ଜବରଦଖଲକରି ସେଠାରେ ବିରାଟ ଅଟ୍ଟାଳିକା ଏବଂ ଏକାଧିକ ପୋଖରୀ ଖନନ କରିଥିଲେ। ତେବେ ଏହି ଅଟ୍ଟାଳିକା ମଧ୍ୟରେ ଜଡ଼ିବୁଟି ବା ଆୟୁର୍ବେଦ ଔଷଧ ତିଆରି ହେଉଥିବା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ବିଗତ ଦିନରେ ସେଠାରେ ଚଢ଼ାଉ କରାଯାଇ ବିଭିନ୍ନ ସାମଗ୍ରୀ ଜବତ ହୋଇଥିଲା। ଏନେଇ ଏନ୍‌ଜିଟି ପକ୍ଷରୁ ରିପୋର୍ଟ ତଲବ ପରେ ପ୍ରଶାସନ ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ନେଉଥିବା ଜଣାପଡିଛି।

## କେନ୍ଦ୍ରୀୟ ଡେପୁଟେସନ୍‌ରୁ ଫେରିଲେ ସଞ୍ଜୀବ



ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷାକରି କେନ୍ଦ୍ର ସରକାର ବରିଷ୍ଠ ଆଇଏଏସ୍ ଅଫିସର ସଞ୍ଜୀବ କୁମାର ମିଶ୍ରଙ୍କୁ ଓଡ଼ିଶା ଫେରାଇଛନ୍ତି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ରାଜ୍ୟ ସରକାରଙ୍କ ଅନୁରୋଧ ଉପରେ ମୋହର ମାରିଛନ୍ତି। ମଙ୍ଗଳବାର ପର୍ସନେଲ ଓ ତାଲିମ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ତାଙ୍କ ଡେପୁଟେସନକୁ ବାତିଲ କରାଯିବା ସହିତ ମୂଳ କ୍ୟାଡରକୁ ଫେରାଇ ଦିଆଯାଇଥିବା ଦର୍ଶାଯାଇଛି।

२୦୨୫ ପାଇଁ ରାଜ୍ୟ ସରକାରଙ୍କ ଛୁଟି କ୍ୟାଲେଣ୍ଡର

# କର୍ମଚାରୀଙ୍କୁ ମିଳିବ ୨୬ ସରକାରୀ ଓ ୮ ଇଚ୍ଛାଧୀନ

ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ମଙ୍ଗଳବାର ୨୦୨୫ ମସିହା ପାଇଁ ଛୁଟି କ୍ୟାଲେଣ୍ଡର ଜାରି କରିଛନ୍ତି। ୨୦୨୫ ଇଂରାଜୀ ବର୍ଷରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ୨୬ଟି ସରକାରୀ ଛୁଟିଦିନ ଓ ୮ଟି ଇଚ୍ଛାଧୀନ ଛୁଟି(ଯେକୌଣସି ଗୋଟିଏ ଦିନ) ମିଳିବ। ଏହି ସମସ୍ତ ଛୁଟିରେ ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ସାମିଲ ହୋଇନାହିଁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୨୫ ମସିହା ପାଇଁ ଜାରି ଛୁଟି କ୍ୟାଲେଣ୍ଡର ସମସ୍ତ ସରକାରୀ ଅଫିସ୍ ଓ ରେଭିନ୍ୟୁ ଓ ମାଜିଷ୍ଟ୍ରେଟ୍ କୋର୍ଟ ପାଇଁ ପ୍ରଯୁଜ୍ୟ। ଏହି ୨୬ଟି ସରକାରୀ ଛୁଟି ନୂଆବର୍ଷରେ ମକରସଂକ୍ରାନ୍ତିରୁ ଆରମ୍ଭ ହୋଇ ଏକ୍ସମାସ୍ ଡେ' ପର୍ଯ୍ୟନ୍ତ ରହିଛି। ଏହି ଛୁଟି ବ୍ୟତୀତ ସରକାରୀ କର୍ମଚାରୀମାନେ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପଳାତକ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଦାଉଦ ଇବ୍ରାହିମ୍ ଓ ଅଭିନେତା ସଲମନ ଖାନଙ୍କ ସହିତ ସଂପର୍କ କାରଣରୁ ବାବା ସିଦ୍ଦିକ୍‌ଙ୍କୁ ହତ୍ୟା କରାଗଲା ବୋଲି ସୁଟର ସୁଟର ଶିବ କୁମାର ଗୌତମ କହିଲା। ତାକୁ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ମାସିକ ଖର୍ଚ୍ଚ ଓ ବିଦେଶ ଯାତ୍ରାର ପ୍ରତିଶ୍ରୁତି ଦିଆଯାଇଥିଲା।
- ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କାରଣରୁ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୨୧%କୁ ବୃଦ୍ଧି। ସେପ୍ଟେମ୍ବରରେ ଏହା ୫.୪୯ % ଥିଲା।
- ମହାରାଷ୍ଟ୍ରରେ ପୁନର୍ବାର ବିଜେପି ସରକାର ଗଢ଼ିଲେ ଧର୍ମାନ୍ତରୀକରଣ ଆଇନ ଆଣିବ ଓ ସଂଖ୍ୟାଲଘୁଙ୍କୁ ସଂରକ୍ଷଣ ଦେବ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିବା ପରେ ରାଜ୍ୟରେ ଥିବା ଖ୍ରୀଷ୍ଟିଆନ୍ ସଂପ୍ରଦାୟ ନିରୁତ୍ସାହିତ।
- ଚୀନର ଝୁହେି ସହରରେ ହିଟ୍ ଆଣ୍ଡ ରନ୍ ମାମଲା: କ୍ରୀଡ଼ା କେନ୍ଦ୍ର ବାହାରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ଦ୍ରୁତଗାମୀ କାର୍ ମାଡ଼ି ଯିବାରୁ ୩୫ ଜଣ ମୃତ ଓ ୪୦ରୁ ଉର୍ଦ୍ଧ୍ୱ ଆହତ।
- ମଣିପୁରେ ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହେବା ପରେ କୁକି-ଜୋ-କାଉନସିଲିଂ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳିତ। ସୁରକ୍ଷା ଦୃଷ୍ଟିରୁ ଜିବିରାମ ଜିଲ୍ଲାରେ କର୍ଫ୍ୟୁ ଲାଗୁ।

ସେନା କର୍ମଚାରୀଙ୍କ ସହ ପୁଲିସର ବ୍ୟବହାର

# ଏସ୍‌ଓପି ଆଣିଲେ ରାଜ୍ୟ ସରକାର



ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ଭରତପୁର ଥାନା ମାମଲାରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର। ଥାନାରେ ସିସିଟିଭି ଲଗେଇବା ଓ ପ୍ରତିରକ୍ଷା କର୍ମଚାରୀଙ୍କ ସହ ପୁଲିସ୍‌ର ବ୍ୟବହାର ପ୍ରସଙ୍ଗରେ ଏସ୍‌ଓପି ପ୍ରସ୍ତୁତ ହୋଇଛି ବୋଲି ହାଇକୋର୍ଟଙ୍କୁ ରାଜ୍ୟ ସରକାର ଜଣାଇଛନ୍ତି। ରାଜ୍ୟର ସମସ୍ତ ଥାନାରେ ସିସିଟିଭି ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି। ୯୬% ଥାନାରେ ଲାଗିଛି ସିସିଟିଭି। ଅବଶିଷ୍ଟ ଥାନାରେ ନଭେମ୍ବର ଶେଷ ସୁଦ୍ଧା ସିସିଟିଭି ଲାଗିବ। ସବୁ ସିସିଟିଭିକୁ ପୁଲିସ ମୁଖ୍ୟାଳୟରୁ ମନିଟରିଂ କରାଯାଉଛି। ପୃଷ୍ଠା-୬

### ସେନାର ହେଲ୍‌ପଲାଇନ ନମ୍ବର

ଭରତପୁର ଥାନାରେ ମେଜରଙ୍କୁ ଦୁର୍ବ୍ୟବହାର ମାମଲାର ଦୁଇମାସ ପରେ ଭାରତୀୟ ସେନା ପକ୍ଷରୁ ଯବାନ, ଅଫିସର ଓ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସହାୟତା ପାଇଁ ୨୪ ଘଣ୍ଟିଆ ହେଲପଲାଇନ୍ ନମ୍ବର-୧୫୫୩୦୬ ଜାରି କରାଯାଇଛି। ଅତି ଜରୁରୀ ପରିସ୍ଥିତିରେ ଏହାର ଉପଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜମି ବିବାଦ କିମ୍ବା ଦାମ୍ପତ୍ୟ କଳହ ଭଳି ଘଟଣାରେ ଏହାର ନମ୍ବରକୁ ସହାୟତା ନ ମାଗିବାକୁ କୁହାଯାଇଛି। ହେଲପଲାଇନକୁ କଲ କଲେ ତାହା ସ୍ୱତଃ ରେକର୍ଡ ହୋଇଯିବ । ପ୍ରତ୍ୟେକ ମାମଲାର ପ୍ରଭାବଶାଳୀ ଢଙ୍ଗରେ ଫଲୋଅପ୍ କରାଯିବ। ଦେଶବ୍ୟାପୀ ସେନା ଓ ସିଭିଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରଖି ଏଭଳି ମାମଲା ଉପରେ ନଜର ରଖାଯିବ। ଏହି ହେଲପଲାଇନକୁ ସେନାର ପ୍ରଶିକ୍ଷିତ ମିଲିଟାରୀ ପୁଲିସ ଅଫିସରମାନେ ପରିଚାଳନା କରିବେ।

# ନେତ୍ରୀଙ୍କ ପାଖଲୋକ ଲଗାଇଲେ ଚୂନ



ଟ୍ରାନ୍ସଫର ପାଇଁ ଆଇଆଇସିଙ୍କଠାରୁ ନେଇଗଲେ ୩ ଲକ୍ଷ

ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ଚାକିରି ଦେବା ଓ ବଦଳି କରିବାକୁ କହି ଠକେଇ ସମ୍ପର୍କରେ ଆପଣ ସାଧାରଣତଃ ଅନେକ କଥା ଶୁଣିଥିବେ। କିନ୍ତୁ ରାଜଧାନୀର ଏକ ପ୍ରତିଷ୍ଠିତ ଥାନାରେ କାର୍ଯ୍ୟ କରୁଥିବା ମହିଳା ଥାନାଧିକାରୀଙ୍କ ଠାରୁ ଠକେଇ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ନିଜକୁ ବେଶ ପ୍ରଭାବଶାଳୀ କହି ବୋଲୁଥିବା ଜଣେ ନେତ୍ରୀଙ୍କ ପାଖଲୋକ ଏହି ଠକେଇ କରିଛନ୍ତି। ଖବର ମୁତାବକ ପିଆର୍ ଦାୟିତ୍ୱରେ ଥିବା ଜଣେ ଯୁବକ ମହିଳା ଥାନାଧିକାରୀଙ୍କ ବଦଳି କରାଇବାକୁ ଦୃଢୋକ୍ତି ପ୍ରକାଶ କରିଥିଲେ। ରାଜଧାନୀର କୋଣରେ ଥିବା ଏକ ଥାନାରୁ ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟକୁ ବଦଳି କରିବାକୁ କହି ସ୍ଥାନୀୟ ବିଧାୟକଙ୍କ ସହ କଥା ମଧ୍ୟ କରାଇଥିଲେ। ଶିଳ୍ପାଞ୍ଚଳ ଥାନାକୁ ବଦଳି ହେଲେ ଭଲ ଦି ପଇସା ହାତ ସଫେଇ ହେବ ବୋଲି କୁଆଡେ ଦୁହିଁଙ୍କ ଭିତରେ କଥା ହୋଇଥିଲା। ବୁଝାମଣା ମୁତାବକ ଦୁଇଟି କିସ୍ତିରେ ୩ ଲକ୍ଷ ନେଇଥିଲେ ନେତ୍ରୀଙ୍କ ଏହି ବିଶ୍ୱସ୍ତ ବ୍ୟକ୍ତି। କାମ ପରେ ଆଉ ୨ ଲକ୍ଷ ନେଇଥାନ୍ତେ। ଏବେ କିନ୍ତୁ ବାବୁ ଆଉ ଧରାଛୁଆଁ ଦେଉନାହାନ୍ତି। ଫୋନ କଲେ କାଟି ଦେଉଛନ୍ତି। ଅଧିକ କଲ କଲେ କଥା ଖରାପ ହେବ ବୋଲି ଧମକ ଦେଇଛନ୍ତି। ଏପରିକି ଟଙ୍କା କାରବାର କଥା କାହାକୁ କହିଲେ, ମ୍ୟାଡାମଙ୍କୁ କହି କଳାହାଣ୍ଡି ବଦଳି କରିଦେବେ ବୋଲି ଧମକ ଦେଉଛନ୍ତି। ଯାହାକୁ ନେଇ ଆଇଆଇସି ମ୍ୟାଡାମ ଏବେ ଘୁମୁରି ଘୁମୁରି କାନ୍ଦୁଛନ୍ତି। କଣ' କରିବେ କିଛି ବୁଝିପାରୁନାହାନ୍ତି।

ଏଠାରେ କହି ରଖୁଛୁ,ଏ ହେଉଛନ୍ତି ସେହି ମ୍ୟାଡାମ ଯାହାର ଜଣେ ପ୍ରାପ୍ତବୟସ୍କ ଅତିରିକ୍ତ ଡିସିପିଙ୍କ ସହ ଅନୈତିକ ସମ୍ପର୍କକୁ ନେଇ ଚାରିଆଡେ କଥା ଉଠିଥିଲା। ଯେଉଁଥିପାଇଁ କିଛିଦିନ ତଳେ ଅତିରିକ୍ତ ଡିସିପିଙ୍କୁ କଟକ ମଧ୍ୟ ବଦଳି ହେବାକୁ ପଡ଼ିଥିଲା। ଏବେ ଦେଖିବାକୁ ବାକି ରହିଲା ଠକକୁ ଧରିବା ପାଇଁ ଆଇଆଇସି ମ୍ୟାଡାମ ଆଇନର ଆଶ୍ରୟ ନେଉଛନ୍ତି, ନାଁ ଚାପରେ ଚେପା ହୋଇ ଚୁପ ବସୁଛନ୍ତି?



କାନ ଡେରିଆ

ମିଲେଟ ଉତ୍ସବ ନାଁଟାରେ ଭାଇ
କେତେ ଟଙ୍କା ଉଡ଼ିଯାଉଛି
ରସୁଣ-ପିଆଜ ମହରଗ ହୋଇଛି
ଘରଣିର ମୁଣ୍ଡ ବିନ୍ଧୁଛି

# ବବିଙ୍କୁ ଗୋଡ଼ାଇଲାଣି ଜେଲ୍ ଯିବାର ଭୂତ

- ବାରମ୍ବାର ଜେଲ ଯିବା କଥା କହୁଛନ୍ତି
- ସହାନୁଭୂତି ପାଇବାକୁ ସୁଚିନ୍ତିତ ରଣନୀତି
- ଦାସ ବଂଶ ରାଜନୀତିରେ ପଡ଼ିପାରେ ପୂର୍ଣ୍ଣଚ୍ଛେଦ



ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): କ୍ଷମତା ଯିବାର ମାସ ୫ଟି ନପୁରୁଣୁ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ଜେଲ୍ ଯିବାର ଭୂତ ଗୋଡେଇଲାଣି। ଯାଜପୁରର ଅଧିକାଂଶ ସଭାରେ ସେ ଜେଲ୍ ଯିବାକୁ ପ୍ରସ୍ତୁତ ବୋଲି କହିବାରେ ଲାଗିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କ ନାଁରେ ସେଭଳି କିଛି ମାମଲା ନଥିବାରୁ ବବି କାହିଁକି ଜେଲ୍ ଯିବାକଥା ବାରମ୍ବାର କହୁଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିକଟରେ ଯାଜପୁରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ବବି ଘୋଷଣା କରିଛନ୍ତି ଯେ ସେ ଚାରିବର୍ଷ ପାଇଁ ଜେଲ୍ ଯିବାକୁ ପ୍ରସ୍ତୁତ। ହେଲେ କେଉଁ ମାମଲାରେ ଯିବେ ଓ କାହିଁକି ଯିବେ ତାହା କହି ନାହାନ୍ତି। ଏପରିକି ସେ କି ଦୋଷ କରିଛନ୍ତି ତାହା ମଧ୍ୟ ଗୁପ୍ତ ରଖିଛନ୍ତି। ଗୋଟିଏ ପଟେ ବବି ଆଇନ୍ ପାଠପଢି ନାହାନ୍ତି କି କୋର୍ଟ କଚେରୀରେ କେବେ କାମ କରିନଥିବାରୁ କେଉଁ ଆଧାରରେ ଜେଲ୍‌ଯିବାକୁ ବାହାରିଛନ୍ତି ତାହା ଏବେ ଯାଜପୁରବାସୀ ବୁଝିପାରୁ ନାହାନ୍ତି। ନିଜ ଦଣ୍ଡ ନିଜେ ଘୋଷଣା କରିବା ସହିତ ମୁଁ ଅଶୋକ ଦାସଙ୍କ ପୁଅ। ଦରକାର ପଡ଼ିଲେ ଜେଲ୍ ଯିବି ବୋଲି କହୁଛନ୍ତି। ହେଲେ ଯେଉଁ ଅଶୋକ ଦାସ ଶେଷ ପର୍ଯ୍ୟନ୍ତ ବିଜେଡିର ଛାଇ ମାଡିନଥିଲେ ତାଙ୍କ ପୁଅ ହିସାବରେ ବବି କିନ୍ତୁ ନିଜର ରାଜନୈତିକ ଭବିଷ୍ୟତ ଗଢିବାକୁ ଚଟାପଟ୍ ବିଜେଡିରେ ମିଶି ବିଧାୟକ ଓ ମନ୍ତ୍ରୀ ହୋଇଥିଲେ। ପିତା ଅଶୋକଙ୍କ ଆଦର୍ଶକୁ ସମ୍ମାନ ଜଣାଇନଥିବା ପୁତ୍ର ବବି ଏବେ କେଉଁ ଆଧାରରେ ଅଶୋକଙ୍କ ପୁଅ ହିସାବରେ ଜେଲ୍ ଯିବେ ବୋଲି ଗର୍ବର ସହିତ କହୁଛନ୍ତି ତାହା ଯାଜପୁରବାସୀଙ୍କ ସମେତ ରାଜନୀତିରେ ରୁଚି ରଖିଥିବା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେହିଭଳି ନିକଟରେ ବିଜେଡିର ଅର୍ଥ ବୁଝାଇବାକୁ ଯାଇ ବବି-ଜିତୁ-ଡ୍ୟାନି ହେଉଛନ୍ତି ବିଜେଡି ବୋଲି ସେ କହିଥିଲେ। ଏହା ମଧ୍ୟ କହିଥିଲେ ଯେ ଯାଜପୁରରେ ଆଜି ଯାହା ହୋଇଛି ତାହା କେବଳ ନବୀନ ବାବୁଙ୍କ ପାଇଁ। ଏହା କହି ବବି ଦର୍ଶାଇଥିଲେ ଯେ ପିତା ଅଶୋକ ମଧ୍ୟ ଅ ତୀତରେ ଯାଜପୁର ପାଇଁ ସେଭଳି କିଛି କରିନଥିଲେ। ଯାଜପୁରର ବିକାଶର ଯୋଗାଦାନରେ ନବୀନ ହିଁ ହେଉଛନ୍ତି ବିଶ୍ୱକର୍ମା। ଏବେ କିନ୍ତୁ ଜେଲ୍ ଭୂତ ଗୋଡାଇଲା ବେଳକୁ ପିତା ଅଶୋକଙ୍କୁ ଆଣି ଲୋକଙ୍କ ଆଗରେ ଛିଡା କରାଉଛନ୍ତି। ବିଜେଡି ରାଜନୀତିରେ ଏବେ ଅସନ୍ତୁଷ୍ଟ ସଂଖ୍ୟା ସେୟାର ବଜାର ଉପରମୁହାଁ ହେଲାଭଳି ବଢି ଚାଲିଥିବାରୁ ଏଥିରେ ବ୍ରେକ୍ ଲଗାଇବାପାଇଁ ବବିଙ୍କର ଏହା ସୁଚିନ୍ତିତ ରଣନୀତି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଗୋଟିଏ ପଟେ ସମ୍ବଲପୁରର ହାରିବା ଓ ପୃଷ୍ଠା-୬

# ନାଉଗାଁ ପୁଅଙ୍କ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ପ୍ରତିନିଧିମଣ୍ଡଳୀରେ ଭୁଟାନ ଗସ୍ତ

**ନାଉଗାଁ, ୧୨।୧୧ (ସଂଚାର ବ୍ୟୁରୋ):** ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ୭୫ବର୍ଷ ଅନ୍ତର୍ଜାତୀକ କୁଟନୀତିକ ସମ୍ପର୍କ ଅବସରରେ ଡକ୍ଟର ବିଭୂପ୍ରସାଦ ସ୍ୱାଇଁ ଇଣ୍ଡୋନେସିଆ ଦୂତବାସ ତରଫରୁ ନିମନ୍ତ୍ରଣ ପାଇ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ରାଜନୟିକ ଓ ଗଣିତ୍ୟିକ ପ୍ରତିନିଧି ମଣ୍ଡଳରେ ଭୁଟାନ ଗସ୍ତ କରିଛନ୍ତି। ସେ ଭାରତର ଏକ ମାତ୍ର କମ୍ପାନୀର ପ୍ରତିନିଧି କରି ଭୁଟାନରେ ଉପସ୍ଥିତ ପ୍ରଣିପାଦିତ କରିଥିଲେ। ଡକ୍ଟର ବିଭୁ ପ୍ରସାଦ ସ୍ୱାଇଁ ଏକ ସ୍ୱୟଂ ଯୁବ ଉଦ୍ୟୋଗୀ ଯେ ନାଉଗାଁ ଛାଡିଆନା ନିବାସୀ ଭାରତ ସରକାର ଙ୍କର ସୁରକ୍ଷା ମହାନିର୍ଦ୍ଦେଶାଳୟର ପୂର୍ବତନ ଅଧିକାରୀ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ସ୍ୱାଇଁ ଙ୍କର ଏକମାତ୍ର ପୁତ୍ର ଓ ବର୍ତ୍ତମାନ ସେ ଗୁଜୁରାଟ ଅହମଦାବାଦ ଠାରେ ଅବସ୍ଥାପିତ ଭାରତର ସର୍ବ ବୃହତ୍ତ ଓ ସର୍ବ ଆଧୁନିକ ଖାଦ୍ୟ ପ୍ରସ୍ତୁତିକରଣ ପାର୍କ "ପ୍ରଣିଧର ମେଗା ଫୁଡ ପାର୍କ" ଗ୍ରୁପ ସଭାପତି ରୂପେ କାର୍ଯ୍ୟରତ। ସେ ଦୀର୍ଘ ୨୦୧୭ ମସିହାରୁ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ରହିଥିବା କଳା, ବାଣିଜ୍ୟ, ପର୍ଯ୍ୟଟନ ର ବିକାଶ ନିମନ୍ତେ ମଧ୍ୟ ଅନରତ କାର୍ଯ୍ୟରତ।




# ଭିନ୍ନକ୍ଷମଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ନିବେଦନ

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତର ବରାହିଲୋ ଗ୍ରାମର ଅନାମ ଚରଣ ମଳିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ବାସଗୃହ ନିର୍ମାଣ ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବାକୁ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକଙ୍କୁ ଭେଟି ନିବେଦନ କରିଛନ୍ତି । ସେ ଜଣେ ଭିନ୍ନକ୍ଷମ ତଥା ଦଳିତ ସଂପ୍ରଦାୟର ଗରିବ ଲୋକ ଅଟନ୍ତି । ପୂର୍ବରୁ ବାରମ୍ବାର ସେ ଏଥିନିମନ୍ତେ ଦରଖାସ୍ତ କରିଥିଲେ ବି ତାଙ୍କ ଆବେଦନକୁ ବିଚାର କରାଯାଇନଥିବା ଅନାମ ଓ ତାଙ୍କ ପତ୍ନୀ ବିଡିଓ ଶ୍ରୀମତୀ ବାରିକଙ୍କୁ କହିବା ସହିତ ତାଙ୍କୁ ସରକାରଙ୍କ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ।



# କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକଙ୍କୁ ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବି ଗୁଡିକ ମଧ୍ୟରେ ସୁଭଦ୍ରା ଯୋଜନାରେ ସମସ୍ତ ମା'ମାନଙ୍କୁ ସାମିଲ କରାଯାଇ ଗୋଟିଏ କିସ୍ତିରେ ୫୦ହଜାର ଟଙ୍କା ପ୍ରଦାନ କରାଯିବା, ଲକ୍ଷ୍ମୀନାରାୟଣ ପୁର ଗ୍ରାମପଞ୍ଚାୟତରେ ବରାହିଲୋ ଗ୍ରାମରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଓଭରବ୍ରିଜ ନିର୍ମାଣ କରାଯିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ତୁରନ୍ତ କମାଯିବା, ଡେରାବିଶ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ଘଣ୍ଟିଆ ଆଉଟଡୋର ସେବା ସହିତ ଡାକ୍ତର ନିଯୁକ୍ତି କରାଯିବା, ସରକାର ଘୋଷଣା କରିଥିବା ବାର୍ଦ୍ଧକ୍ୟ ଭତ୍ତା ୬୦ବର୍ଷ ବୟସର ବ୍ୟକ୍ତିଙ୍କୁ ୩ହଜାର ୫ଶହ ଟଙ୍କା ପ୍ରଦାନ କରାଯିବା, ଲକ୍ଷ୍ମୀନାରାୟଣପୁର ଦେଇ ଯାଇଥିବା ୬ନମ୍ବର କେନାଲର ପୁର୍ନଉଦଯଦାର କରାଯିବା ଓ ଡେରାବିଶ ବ୍ଲକରେ ସରକାରଙ୍କ ଦ୍ୱାରା ଏକ ବୃହତ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଡିଓଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସି.ପି.ଆଇ. ଜିଲ୍ଲା କମିଟି ସଭ୍ୟ ରଞ୍ଜନ କୁମାର ମଳିକ, ଉତ୍ତମ ଚରଣ ଜେନା, ଶୁକଦେବ ମଲ୍ଲିକ, କୁବେର ସାହୁ, ଦାମୋଦର ମଲ୍ଲିକ, ପଦ୍ମନାଭ ଦାସ, ପ୍ରସନ୍ନ କୁମାର ଦାସ, ନିରଞ୍ଜନ ଦାସ, ଦୀପକ କୁମାର ପଟ୍ଟନାୟକ ଓ ଜିଲ୍ଲା ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



# କେନ୍ଦ୍ରାପଡା ବିଜେଡିର ଜନସମ୍ପର୍କ ପଦଯାତ୍ରା

**କେନ୍ଦ୍ରାପଡା, ୧୨।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଆଜି ବିଜେଡି ଜନସଂପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ପ୍ରଥମେ ଚଉଦକୁଲାଟ ଗାନ୍ଧୀପୀଠଠାରେ ଜାତିର ଜନକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ନବୀନ ବାବୁଙ୍କ ନିର୍ଦ୍ଦେଶରେ ବିଜେଡିର ଜନସମ୍ପର୍କ ପଦଯାତ୍ରାର ଏକମାତ୍ର ଲକ୍ଷ୍ୟ ହେଉଛି ଜନସ୍ୱାର୍ଥର ସୁରକ୍ଷା । ଜନସମସ୍ୟା ସହ ପରିଚିତ ହେବା ଓ ତାହାର ସମାଧାନ ପାଇଁ ପନ୍ଥା ନିର୍ଦ୍ଧାରଣ କରିବାକୁ ବିଜେଡି ସଂକଳ୍ପ କରିଛି । କେନ୍ଦ୍ରାପଡା ତଥା ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରାପଡାର ପ୍ରତିନିଧି ଭାବେ ମୁଁ ନିରନ୍ତର ଭାବେ ବିଧାନସଭାରେ ସ୍ୱର ଉଠାଇବାକୁ ପଣ କରିଛି । ଶ୍ରୀ ବେହେରା କହିଲେ ଯେ, କେନ୍ଦ୍ରାପଡାର ସ୍ୱାର୍ଥ ଯେଉଁଠି ବିଜେଡି ସେଇଠି, ନବୀନ ବାବୁ ସେଇଠି ।




ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ସମିତି ଅଧ୍ୟକ୍ଷ ଦୁର୍ଗାଶୀଷ ମହାନ୍ତି, ଶିବ ପ୍ରସାଦ ଭଳ ଓ କଳାକାର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, କେଶପୁର ସରପଞ୍ଚ ପ୍ରମୋଦ ମଳିକ, ପଳସିଂହା ସରପଞ୍ଚ ଦେବେନ୍ଦ୍ର ପରିଡା, ଚନ୍ଦନପୁର ସରପଞ୍ଚ ରମାକାନ୍ତ ମଳିକ, ଗାଙ୍ଗପଡା ସରପଞ୍ଚ ଅସିନୀ ପାତ୍ର, ସାନମାଣତିଆ ସରପଞ୍ଚ ବିଭୁତି ମଳିକ, ଘାଗରା ସରପଞ୍ଚ ଅଜିତ ପରିଡା, ଛାରିଗାଁ ସରପଞ୍ଚ ଭାରତୀ ମଳିକ, ଇନ୍ଦୁପୁର ସରପଞ୍ଚ ପ୍ରଦୀପ ସୂତାର, ନିକିରାଇ ସରପଞ୍ଚ ପ୍ରଭାତ ଉଡାଣସିଂ, କୁତରଙ୍ଗ ସରପଞ୍ଚ ଚିତ୍ତରଞ୍ଜନ ଜେନା, କୋର ସରପଞ୍ଚ ରଞ୍ଜିତ ଜେନା, ସମିତି ସଭ୍ୟ/ସଭ୍ୟା ଙ୍କ ସହ ଶତାଧିକ କର୍ମୀ ଉକ୍ତ ଜନସମ୍ପର୍କ ପଦଯାତ୍ରାରେ ଭାଗ ନେଇଥିଲେ ।

# ପାଣ୍ଡିରି ଗ୍ରାମରେ ଭାଗବତ ସପ୍ତାହ

**କେନ୍ଦ୍ରାପଡା, ୧୨।୧୧ (ସଂଚାର ବ୍ୟୁରୋ):** ଜମଧର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରି ଗ୍ରାମର ଗ୍ରାମଦେବତୀ ମା କଳାବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ସପ୍ତଦିନ ବ୍ୟାପୀ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଲକ୍ଷ୍ମୀନାରାୟଣଙ୍କ ମନ୍ଦିରରୁ ଶାଳଗ୍ରାମଙ୍କୁ ଆବାହନ କରି ସ୍ଥାପନ କରାଯିବା ପରେ ଭାଗବତ ପାଠ ଆରମ୍ଭ ହୋଇଥିଲା । ଏହି ଅବସରରେ ଦୈନିକ ନାନାପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୂଜକ ପ୍ରଫୁଲ୍ଲ କୁମାର ଦାଶ ଓ ନିଗମ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଉତ୍ସବରେ ପ୍ରଫୁଲ୍ଲ ବିଶ୍ୱାଳ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଗାଁ କମିଟି ସଭାପତି ମନୋଜ ମହାନ୍ତି ଓ ସମ୍ପାଦକ ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅୟୋଜିତ ସପ୍ତ ଦିନ ବ୍ୟାପୀ ଭାଗବତ ପାଠ ଉତ୍ସବକୁ ଭାସ୍କର ବିଶ୍ୱାଳ, ରାଜକିଶୋର ବିଶ୍ୱାଳ, ପ୍ରାଣକୃଷ୍ଣ ସ୍ୱାଇଁ, ଜଗନ୍ନାଥ ମହାନ୍ତି, ବିଷ୍ଣୁପଦ ମହାନ୍ତି, ତ୍ରୈଲୋଚନ ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ହୃଷୀକେଶ ବିଶ୍ୱାଳ, କାହ୍ନୁଚରଣ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗ୍ରାମବାସୀ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ ।

## ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ନ୍ୟାୟ ପାଇଁ ସରପଞ୍ଚ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** ଜଣେ ସରପଞ୍ଚଙ୍କୁ ଦୃର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣ ଘଟଣାକୁ ଦୁଇ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନ୍ୟାୟ ମିଳିପାରିନାହିଁ। ଏନେଇ ପାଟକୁରା ଥାନାରେ ସରପଞ୍ଚଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସକୁ ବାରମ୍ବାର ଗୁହାରୀ କରିବା ପରେ ମଧ୍ୟ ଏପର୍ଯ୍ୟନ୍ତ ଅନେକ ଅଭିଯୁକ୍ତକୁ ପୁଲିସ୍ ଧରିନାହିଁ । ଶେଷରେ ସରପଞ୍ଚ ଜଣଙ୍କ ବାଧ୍ୟ ହୋଇ ନ୍ୟାୟ ପାଇବା ଆଶାରେ ସରପଞ୍ଚ ସଂଘ ସହାୟତାରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଘଟଣା ଅନୁଯାୟୀ ବାତ୍ୟା 'ଦାନା'ର କ୍ଷତିଗ୍ରସ୍ତଙ୍କ ଥଇଥାନ ନିମନ୍ତେ ସରପଞ୍ଚ ସଞ୍ଜୟ କୁମାର ସେଠୀ ଓ ଦୁଇ ପ୍ରାଣୀ ଚିକିତ୍ସକ ସହିତ ରାସ୍ତାରେ ଯାଉଥିବା ସମୟରେ ଆଠ ଜଣ ଅଭିଯୁକ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାକୁ ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ୍ ଏପର୍ଯ୍ୟନ୍ତ ଗିରଫ କରିନି । ଅଭିଯୁକ୍ତ ମାନେ ଅଞ୍ଚଳରେ ଘୁରି ବୁଲିବା ସହିତ ସଞ୍ଜୟ ଏବଂ ତାଙ୍କ ପରିବାରକୁ ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ସରପଞ୍ଚ ସଞ୍ଜୟ ଏଥିରେ ଭୟଭୀତ ହେବା ସହିତ ତାଙ୍କ ଜୀବନ ବିପଦରେ ଅଛି । ଏନେଇ କେନ୍ଦ୍ରାପଡ଼ା ସରପଞ୍ଚ ସଂଘ ପକ୍ଷରୁ ସଞ୍ଜୟ ଙ୍କୁ ସୁରକ୍ଷା ଯୋଗାଇଦେବା ସହ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଙ୍ଗଳବାର ଦିନ ଦାବି ହୋଇଛି ।



# ମାନସ ବିକାଶ ମଞ୍ଚ ପକ୍ଷରୁ ବୃକ୍ଷରୋପଣ

**ପଟ୍ଟାମୁଣ୍ଡାଇ, ୧୨।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ମାନସ ବିକାଶ ମଞ୍ଚ ଓ ଦାଣ୍ଡିସାହି ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବୃକ୍ଷରୋପଣ ଓ ଚାରା ବଣ୍ଟନ କରାଯାଇ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ମାନସ ବିକାଶ ମଞ୍ଚ ସଭାପତି ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ଉଦଘାଟନ କରି ସମ୍ପ୍ରତି ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ପରିବେଶ ସୁରକ୍ଷା ଏକ ଆହ୍ୱାନ ଭାବେ ଦେଖାଦେଇଛି । ପରିବେଶ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମା ପାଇଁ ଗଛ ଟିଏ ସ୍ଲୋଗାନ ଦେଇ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିବାରୁ ପ୍ରତ୍ୟେକ ସଚେତନ ନାଗରିକ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ନିବେଦନ କରିଥିଲେ । ମାନସ ରଞ୍ଜନ ସାମଲଙ୍କ ନେତୃତ୍ୱ ରେ ମଞ୍ଚ ସମ୍ପାଦକ ପୂର୍ବତନ ସରପଞ୍ଚ ସଂଜୀବ ମଲ୍ଲିକ,ପ୍ରାଧ୍ୟାପକ ଡ଼ ସୁନୀଲ ପ୍ରଧାନ ନିର୍ମଳ ବିଶ୍ୱାଳ ଗଣେଶ ରାଉତ, ଶ୍ରୀକାନ୍ତ ସାମଲ, କମଳାକାନ୍ତ ରାଉତ, ପ୍ରଭାତ ପ୍ରଧାନ ବିକ୍ରମ ପରିଡା, ନିରଞ୍ଜନ ପାଢ଼ୀ, କାଙ୍ଗାଳୀ ସେଠୀ,ଦେବରାଜ ପାଢ଼ୀ,ଶୁଭାଶିଷ ବିଶ୍ୱାଳ, ସୌଭାଗ୍ୟ ରାଉତ,ଅକ୍ଷୟ ସାମଲ, ପରମାନନ୍ଦ ରାଉତ, ସୁଶାନ୍ତ ସାମଲ, ଯଶୋବନ୍ତ ରାଉତ, ଦେବବ୍ରତ ପ୍ରଧାନ, ପିଣ୍ଟୁ ରାଉତ ଆଶୁତୋଷ ପ୍ରଧାନ ,ଟୁଟୁ ରାଉତ, ଅକ୍ଷୟ ମଲ୍ଲିକ, ରାଜେନ୍ଦ୍ର ରାଉତ, ପ୍ରଫୁଲ୍ଲ ପ୍ରଧାନ, ଅଶୋକ ରାଉତ ଓ ଅନିଶି ସାହାଣୀ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଦାଣ୍ଡିସାହି ଗାଁ ଠାକୁରାଣୀ ପରିସର, ଗାଁ ପୁଷ୍କରଣୀ, ଦାଣ୍ଡିସାହି ଜୟ ହିନ୍ଦ ହାଇସ୍କୁଲ ନିକଟରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ମାନସ ବିକାଶ ମଞ୍ଚ ଓ ଦାଣ୍ଡିସାହି ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ ।



# ଗ୍ରାମବାସୀଙ୍କ ସଫେଇ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** ନିଜ ଗ୍ରାମକୁ ସ୍ୱଚ୍ଛତା ଏବଂ ସୁନ୍ଦର ରଖିବା ପାଇଁ ପୂର୍ବରୁ ଗାଁ ଦାଣ୍ଡରେ ପଡ଼ି ରହିଥିବା ଅଳିଆ ଆବର୍ଜନାକୁ ସଫା କରିବାକୁ ଆଗେଇ ଆସିଛନ୍ତି ଗ୍ରାମର ସଚେତନ ଯୁବକ ଏବଂ ମୁରବୀ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମରେ । ମଙ୍ଗଳବାର ସକାଳୁ ଯୁବକମାନେ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗାଁକୁ ସ୍ୱଚ୍ଛତା ଏବଂ ସୁନ୍ଦର ରଖିବା ପାଇଁ ଅନ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହା ବ୍ୟତୀତ ଗାଁ ରାସ୍ତା କଡ଼ରେ ଯେଉଁମାନେ ମଳତ୍ୟାଗ କରୁଛନ୍ତି ସେମାନଙ୍କୁ ବାରଣ କରିବା ସହିତ ପାଇଖାନା ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ।

## ଖାକିରେ ଗୁଣ୍ଡାଗର୍ଦ୍ଦି

# ପୂଜା ବାହାନାରେ ଚାନ୍ଦା ଆଦାୟ

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକେଶ୍ୱର ପୂଜା ବାହାନାରେ ଆଦାୟ ହେଉଛି ମୋଟା ଅଙ୍କର ଚାନ୍ଦା! ଜଳଖିଆ ଦୋକାନଠୁ ଆରମ୍ଭ କରି ମେଡ଼ିସିନ୍ ଦୋକାନ ପର୍ଯ୍ୟନ୍ତ କାହାରିକୁ ଛଡ଼ା ଯାଉନି । ଦୋକାନ ସମ୍ମୁଖରେ ପୁଲିସ୍ ଭ୍ୟାନ ଲଗାଇ ପୁଲିସ୍ ବାବୁମାନେ ହାତରେ ନିମନ୍ତ୍ରଣ କାର୍ଡ ଧରି ପହଞ୍ଚି ଯାଉଛନ୍ତି । ପୁଲିସ୍ ଭ୍ୟାନ ଏବଂ ଖାକି ବାବୁଙ୍କୁ ଦେଖି ହଠାତ୍ ଦୋକାନୀମାନେ ଭୟଭୀତ ହୋଇଯାଉଛନ୍ତି। ଏମିତିକି କେତେକ ଦୋକାନ ସମ୍ମୁଖରେ ଭ୍ୟାନ ଅଟକୁ ଅଟକୁ ଦୋକାନୀ ଇତସ୍ତତଃ ହୋଇ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଛନ୍ତି । ହେଲେ ବାବୁ ଜଣଙ୍କ ପୁଲିସ୍ ଭ୍ୟାନ୍‌ରୁ ଥାନାରେ ଅନୁଷ୍ଠିତ ହେବାକୁ ଥିବା କାର୍ତ୍ତିକେଶ୍ୱରଙ୍କ ପୂଜାର ନିମନ୍ତ୍ରଣ ପତ୍ର ଖଣ୍ଡେ ଧରି ଦୋକାନୀକୁ ଦେଉଛନ୍ତି । ନିମନ୍ତ୍ରଣ ପତ୍ର ବାହାନା କିନ୍ତୁ ଜୁଲମ୍ ହେଉଛି ଏକ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ।

ଛୋଟ ମୋଟ ଦୋକାନୀ ପୁଲିସ୍ ବାବୁଙ୍କୁ ଏକ ହଜାର ଟଙ୍କା ଦେବାକୁ ଅସମର୍ଥ ହେଲେ ମିଳୁଛି ଖାକି ବର୍ଦ୍ଦିର ଧମକ । ଏଥିରେ ଭୟଭୀତ ହୋଇ ଦୋକାନୀମାନେ ପୁଲିସର ଜୁଲମ ମୁତାବକ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି । ଖାକି ବର୍ଦ୍ଦିରେ ଗୁଣ୍ଡା ଗର୍ଦ୍ଦି କେବଳ ଏକ ହଜାର ଟଙ୍କା ସୀମିତ ନୁହେଁ ଏକ ଲକ୍ଷ ପର୍ଯ୍ୟନ୍ତ ମଧ୍ୟ ଯାଉଛି । ଥାନାରେ ଅନୁଷ୍ଠିତ ହେବାକୁ ଯାଉଥିବା କାର୍ତ୍ତିକେଶ୍ୱର ପୂଜାରେ ସମୁଦାୟ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାହିଁକି ହଜାର ହଜାର ଛୋଟ ମୋଟ ବ୍ୟବସାୟୀ, ବାଲି ମାଫିଆ, ମଦ ମାଫିଆ, ଦଲାଲ୍, କୁଜି ନେତା, ଠିକାଦାର, ଜୁଆଡି ମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି ତାହା ଏବେ ସନ୍ଦେହ ଘେରରେ। ନିଜ ପକେଟ୍ ଗରମ କରିବାକୁ କାର୍ତ୍ତିକେଶ୍ୱର ପୂଜା କେବଳ ବାହାନା ବୋଲି ସାଧାରଣରେ ଚର୍ଚ୍ଚା ହେଲାଣି ।

**ବାହାନା ନିମନ୍ତ୍ରଣ, ଆଦାୟ ହେଉଛି ମୋଟା ଅଙ୍କର ଅର୍ଥ**

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ଏହି ସମ୍ପର୍କରେ ପଚାରିବାରୁ ନିଜ ନାମକୁ ଗୋପନ ରଖି କହିଛନ୍ତି କି ଏହି ପୂଜା କେବଳ ବାହାନା କିନ୍ତୁ ପୁଲିସ୍ ଅଧିକାରୀଙ୍କ କେବଳ ରୋଜଗାର ।

## ଗୋପ ପଞ୍ଚାୟତ ସମିତି ବୈଠକ

# ବିଡିଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଧ୍ୟକ୍ଷା

**ଗୋପ, ୧୨।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଗୋପ ବ୍ଲକରେ ପଞ୍ଚାୟତ ନିର୍ବାଚନ ପରଠାରୁ ଅଦ୍ୟାବଧି ୬ ଥର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ପଞ୍ଚାୟତ ସମିତି ବୈଠକର ଏକାନ୍ତ ଆବଶ୍ୟକ ଥିବା ସ୍ଥଳେ ପୂର୍ବରୁ ଯେତେଥର ବୈଠକ ଅନୁଷ୍ଠିତ ହୋଇଛି ତାହା ଅଧାରୁ ବନ୍ଦ ହୋଇଥିବାରୁ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନାହିଁ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଥିଲା ।



ମଙ୍ଗଳବାର ଦିନ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଥିବା ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ କୁମର ମହାନ୍ତି ଯୋଗ ଦେଇଥିବା ସ୍ଥଳେ ନିମାପଡା ବିଧାୟିକା ଶ୍ରୀମତୀ ପ୍ରଭାତୀ ପରିଡା ଅନୁପସ୍ଥିତ ଥିବା ସହିତ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ମଧ୍ୟ ଅନୁପସ୍ଥିତ ରହିଥିଲେ । ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଗୋପ ବ୍ଲକର ୩୧ ପଞ୍ଚାୟତ ଓ ୪ଟି ଜିଲ୍ଲାପରିଷଦ ଜୋନର ସମସ୍ୟା ସମ୍ପର୍କ ବିଧାୟକ ଦ୍ୱୟଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା । ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ ଅନୁପସ୍ଥିତ ଥିବା ବେଳେ ଅବଶିଷ୍ଟ ଜୋନର ସଭ୍ୟାମାନେ ଉପସ୍ଥିତ ରହିଥିଲେ। ସାଧାରଣ ନିର୍ବାଚନ ପରଠାରୁ ଉକ୍ତ ବ୍ଲକରେ ରାଜନୈତିକତା ଉଷ୍ମତା ଦେଖିବାକୁ ମିଳୁଥିଲା। ସମସ୍ତ ସମସ୍ୟା ଠାରୁ ଅଧିକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଅଧକ୍ଷା ଝୁନୁ ମଲ୍ଲିକଙ୍କ କୋହଭରା ଅଭିଯୋଗ । ବିଡ଼ିଓ ଛବିରାଣୀ ସାହୁଙ୍କ ବିରୁଦ୍ଧରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ । ସାଧାରଣ ନିର୍ବାଚନ ପରଠାରୁ ଶ୍ରୀମତୀ ସାହୁ ଆକ୍ରୋଶ ମୂଳକ ଭାବେ ଅଧକ୍ଷାଙ୍କୁ ଅନେକ ସମୟରେ ଅସୁବିଧାରେ ପକାଉଥିବା କଥା ଶ୍ରୀମତୀ ମଲ୍ଲିକ କାନ୍ଦି କାନ୍ଦି ସମ୍ମିଳନୀ କକ୍ଷରେ ଉପସ୍ଥାପନା କରିଥିଲେ।

ଏ ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ସତ୍ତ୍ୱେ ଶ୍ରୀମତୀ ମଲ୍ଲିକ ନ୍ୟାୟ ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ଗତକାଲିର ବୈଠକରେ ସ୍ପଷ୍ଟ କରିଥିଲେ । ଗୋପ ତହସିଲଦାର ଅନିଲ କୁମର ମହାନ୍ତି, ଅତିରିକ୍ତ ବିଡ଼ିଓ ଦୀପକ ଜେନା ଓ ଜିପିଓ ପ୍ରଭୃତି ଅଧିକାରୀମାନେ ଉପସ୍ଥିତ ରହିଥିଲେ। ମୋଟାମୋଟି ଭାବେ ଗତ କାଲିର ବୈଠକଟି ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିଲା।

# ଚମ୍ପତିପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

## ବିକାଶ କାର୍ଯ୍ୟକୁ ଅଣଦେଖା କରିବା ପଡିଲା ମହଙ୍ଗା

**ନୟାଗଡ଼, ୧୨।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ସଦରବ୍ଲକ ଚମ୍ପତିପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅମର ପ୍ରସାଦ ସାଥୁଆଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ଉକ୍ତ ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା । ବିଜେପି ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଶ୍ରୀ ସାଥୁଆ ୩ ବର୍ଷ କାର୍ଯ୍ୟକାଳ ଭିତରେ କୌଣସି ବିକାଶ ମୂଳକ କାର୍ଯ୍ୟ କରୁନଥିବା ଏବଂ ସାଧାରଣ ଲୋକଙ୍କୁ ମଦ୍ୟପାନ କରି ଅଶ୍ଳୀଳ ଗାଳି ଗୁଲଜ କରୁଥିବା ଅଭିଯୋଗ ହୋଇଛି । ଏପରିକି ପଞ୍ଚାୟତ ବୈଠକରେ ମହିଳା ସଭ୍ୟାଙ୍କୁ ଅଶ୍ଳୀଳ ଗାଳି କରୁଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି ।



ନିର୍ବାଚନ ବୈତରଣୀ ପାର ହେବା ଦିନ ଠାରୁ ପଞ୍ଚାୟତର କୌଣସି ବି ବିକାଶ କରିନାହାନ୍ତି କି ବିକାଶ କାର୍ଯ୍ୟ କରିବାକୁ ସହଯୋଗ କରିନାହାନ୍ତି। ବରଂ ପଞ୍ଚାୟତରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ବିଭିନ୍ନ ସମୟରେ ବାଧା ଦେଇଆସିଛନ୍ତି । ଏମିତି କି ସରକାରୀ କର୍ମଚାରୀ ମାନଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରିଥିବା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା । ହରିଶଚନ୍ଦ୍ର ଯୋଜନା ହଉ ବା ଛାତ୍ରଛାତ୍ରୀ ମାନଙ୍କର କୌଣସି ଫର୍ମରେ ଦସ୍ତଖତ ଲୋଡ଼ାପଡିଲେ ବାବୁ ସରପଞ୍ଚଙ୍କ ଦେଖା ମିଳିନଥାଏ। ଯଦି ବା ଦେଖା ମିଳେ ତେବେ ତମେ କଣ ମୋତେ ଭୋଟ ଦେଇଛ ଯେ, ତମ ଫର୍ମରେ ଦସ୍ତଖତ କରିବି କହି ଏଡ଼ାଇ ଦେଉଥିଲେ । ଏଭଳି କାର୍ଯ୍ୟକୁ କେତେ ଦିନ ଆଉ ସହିଥାନ୍ତେ ପଞ୍ଚାୟତବାସୀ । ଏନେଇ ପଞ୍ଚାୟତ ୯ ଜଣ ସଭ୍ୟସଭ୍ୟା ବୈଠକ କରି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଆଜି ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଭେଟି ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଣାଇଛନ୍ତି।

ତେବେ ଉପଜିଲ୍ଲାପାଳ ଶ୍ରୀ କର୍ଣ୍ଣଦେବ ସମାଦାର ଅନସ୍ତା ପ୍ରସ୍ତାବକୁ ଗ୍ରହଣ କରି ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

# ଜଙ୍ଗଲ କିସମ ଜମିରେ ବେଆଇନ ହୋଟେଲ, ଜିଲ୍ଲାପାଳଙ୍କୁ ଦାବିପତ୍ର

**ରାଜନଗର, ୧୨।୧୧ (ସଂଚାର ବ୍ୟୁରୋ):** ଜଳବାୟୁ ପରିବର୍ତ୍ତନ ଯୋଗୁଁ ସବୁ ସ୍ତରରେ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ତାରୋପ କରାଯାଉଛି। ମାତ୍ର ଭିତରକନିକା ଅଞ୍ଚଳରେ ଜଙ୍ଗଲ କିସମ ଜମିରେ ବେଆଇନ ହୋଟେଲ ନିର୍ମାଣ କରାଯାଇଛି। ଏପରିକି ବନ ବିଭାଗର କର୍ମଚାରୀ ମଧ୍ୟ ଜଙ୍ଗଲ ଜମିରେ ବେଆଇନ ହୋଟେଲ ନିର୍ମାଣ କରିଛନ୍ତି।ଆଜି ଭିତରକନିକା ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଏ ନେଇ ଅଭିଯୋଗ କରାଯିବା ସହିତ ତୁରନ୍ତ ବେଆଇନ ହୋଟେଲକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି।

ଭିତରକନିକା ଜାତୀୟ ଉଦ୍ୟାନ ଏବେ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଭିତରକନିକା ଜାତୀୟ ଉଦ୍ୟାନକୁ ସ୍ଥଳ ପଥରେ ପ୍ରବେଶ ପଥ ଡାଙ୍ଗମାଳ ପଂଚାୟତର ବାଙ୍କୁଆଳ ଠାରେ ରହିଛି। ବାଙ୍କୁଆଳ ଗାଁରେ ଥିବା ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ଏହି ଜମି ଗୁଡିକ ଡିଏଲସି (ଜିଲ୍ଲା ସ୍ତରୀୟ କମିଟିକୁ) ୨୦୦୮ ମସିହାରୁ ହସ୍ତାନ୍ତର କରାଯାଇଛି। ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ଡିଏଲସିକୁ ହସ୍ତାନ୍ତର ସରିଥିବା ବେଳେ ଏବେ ସେଠାରେ ଜଙ୍ଗଲ ପରିବର୍ତ୍ତେ ବ୍ୟବସାୟୀକ ହୋଟେଲ ଓ ରିସର୍ଟ କିପରି ଗଢି ଉଠିଥିବା ନେଇ ଅଭିଯୋଗ ହୋଇଛି।ଅଭିଯୋଗ ମୁତାବକ ବାଙ୍କୁଆଳ ମୌଜାର ଖାତା ନଂ ୭, ପ୍ଲଟ ନଂ-୯୨ ଜଙ୍ଗଲ କିସମ ଜମିରେ ହୋଟେଲ ଭିତରକନିକା ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜାର ଖାତା ନଂ-୭, ପ୍ଲଟ ନଂ- ୩୯ ଜଙ୍ଗଲ କିସମ ଜମିରେ ରହିବା ଓ ଖାଇବାର ହୋଟେଲ ରେଡକ୍ରାବ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଖାତା ନଂ ୭, ପ୍ଲଟ ନଂ- ୮୫ ଜଙ୍ଗଲ କିସମ ଜମି, ଖାତା ନଂ ୯, ପ୍ଲଟ ନଂ ୮୬, ଜଙ୍ଗଲ କିସମ ଜମି ଓ ଖାତା ନଂ ୭ ପ୍ଲଟ ନଂ ୮୭ ପତିତ ଜମି, ୩ଟି ପ୍ଲଟରେ ୩ ମହାଲା ବିଶିଷ୍ଟ ହୋଟେଲ କନିକା ସୁନ୍ଦରୀ ନିର୍ମାଣ ହୋଇଛି। ଡିଏଲସିକୁ ହସ୍ତାନ୍ତର ହୋଇସାରିଥିବା ଜଙ୍ଗଲ କିସମ ଜମିରେ ୪ଟି ହୋଟେଲ ଗଢି ଉଠିଛି। ଇଂଚେ ବି ଜମି ପଟ୍ଟା ନଥାଇ ଜଙ୍ଗଲ ଜମିରେ କିପରି ହୋଟେଲ ଓ ରିସର୍ଟ ଗଢି ଉଠିବା ଭିତରକନିକାର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ସ୍ୱାମୀ ସ୍ତ୍ରୀ ସରକାରଙ୍କ ଉଚ୍ଚ ପଦବୀରେ ଚାକିରୀ କରି ମଧ୍ୟ ଜଙ୍ଗଲ ଜମିରେ ଏବେବି ୩ ମହାଲା ବିଶିଷ୍ଟ ହୋଟେଲ ନିର୍ମାଣ ଜାରି ରଖିଛନ୍ତି। ପ୍ରଶାସନ ଓ ବନବିଭାଗ ଏହି ଜଙ୍ଗଲ କିସମ ଜମିରେ ଜଙ୍ଗଲ ସୃଷ୍ଟି ନକରି ୩ ମହାଲା ହୋଟେଲ ନିର୍ମାଣ ପାଇଁ ଛାଡିଦେବା ଘଟଣା ଭିତରକନିକା ଓ ପରିବେଶପ୍ରେମୀ ମାନଙ୍କୁ ଆଘାତ ଦେଇଛି।

ଜୁଲାଇ ମାସରେ ରାଜନଗର ତହସିଲ ପକ୍ଷରୁ ଡିଏଲସିକୁ ହସ୍ତାନ୍ତର ହୋଇଥିବା ଜଙ୍ଗଲ କିସମ ଜମିରେ ଚାଲିଥିବା ୪ଟି ହୋଟେଲକୁ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ ମଧ୍ୟ ଆଜିଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଚୁପ୍ ବସିଥିବାରୁ ଭିତରକନିକା ସୁରକ୍ଷା ସମିତି ଦାବି ପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ୧୫ଦିନ ମଧ୍ୟରେ ଭିତରକନିକା ନିକଟରେ ନିର୍ମାଣ ହୋଇଥିବା ବେଆଇନ ହୋଟେଲ ଓ ରିସର୍ଟକୁ ଭାଙ୍ଗିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଭିତରକନିକା ସୁରକ୍ଷା ସମିତି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ପରିବର୍ତ୍ତୀ ପରିସ୍ଥିତି ପାଇଁ ପ୍ରଶାସନ ବିଭାଗ ଦାୟୀ ରହିବ ବୋଲି ଭିତରକନିକା ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଭେଟି ପ୍ରଶାସନକୁ ଅବଗତ କରିଛନ୍ତି।

# ତୁଳସୀ କ୍ଷେତ୍ରରେ 'ପ୍ରଳମ୍ବାସୁର ବଧ'

**କେନ୍ଦ୍ରାପଡ଼ା, ୧୨।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ମାସରେ ପଞ୍ଚୁକ ପାଞ୍ଚ ଦିନରେ ପବିତ୍ର ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହେବାକୁ ଥିବାବେଳେ, ମଙ୍ଗଳବାର ହୋଇଯାଇଛି ପଞ୍ଚୁକର ଦ୍ୱିତୀୟ ଦିନ ତଥା ଏକାଦଶୀ ତିଥି । ଯେଉଁ ତିଥିରେ ପ୍ରଭୁ ଶ୍ରୀ 'ବଳଦେବ ପ୍ରଳମ୍ବାସୁର ବଧ' ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଯେଉଁ ବେଶର ଏକ ସ୍ୱତନ୍ତ୍ର କିମ୍ବଦନ୍ତୀ ରହିଥାଏ 'ଶ୍ରୀକ୍ଷେତ୍ର' ଏବଂ 'ତୁଳସୀକ୍ଷେତ୍ର' ମଧ୍ୟରେ । ସତ୍ୱଲିପି ପ୍ରମାଣ ଅନୁଯାଇ ଶ୍ରୀକ୍ଷେତ୍ର ରୁ ଆସିଥିବା ପାଟ ବସ୍ତ୍ର କୁ ପରିଧାନ କରି ମଙ୍ଗଳବାର ସନ୍ଧ୍ୟାରେ ତୁଳସୀକ୍ଷେତ୍ର ର ଆରାଧ୍ୟ ଦେବତା ଶ୍ରୀ "ବଳଦେବ" "ପ୍ରଳମ୍ବାସୁର" ବଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏହି ବେଶ ଦେଖିବାକୁ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



## କିମ୍ସରେ ଉପଲବ୍ଧ ହେଲା ୩ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର



**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ଅତ୍ୟାଧୁନିକ ଷ୍ଟେରିଓଟାକ୍ଟିକ୍ ବାୟୋପ୍ସି ବ୍ୟବସ୍ଥା ସହ କିମ୍ସରେ ପ୍ରଥମ ଥର ଲାଗି ଉପଲବ୍ଧ ହୋଇଛି ୩-ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର। ଏହା ଦ୍ୱାରା ଓଡ଼ିଶା ବାହାରକୁ ଚିକିତ୍ସା ପାଇଁ ଯାଉଥିବା ରାଜ୍ୟର ବହୁ ରୋଗୀ ଉପକୃତ ହୋଇପାରିବେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଯନ୍ତ୍ରକୁ ଉଦ୍‌ଘାଟନ ସୋମବାର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଏହି ଯନ୍ତ୍ରରେ ସ୍ତନ କର୍କଟ ଭଳି ଜଟିଳ ରୋଗର ନିଦାନ ସହ ପ୍ରାକ୍ ଓ ସଠିକ୍ ଚିହ୍ନଟ ହୋଇପାରିବ ଓ ଏହି ଯନ୍ତ୍ରରେ ଅପେକ୍ଷାକୃତ କମ୍ ରେଡିଏସନ୍‌ରେ ହାଇ ରିଜୋଲ୍ୟୁସନ୍‌ତ ଇମେଜିଂ କ୍ଷମତା ରହିଛି । ଏହି ଯନ୍ତ୍ର ଥ୍ରୀ-ଡାଇମେନ୍‌ସନାଲ ଭିଉ ଦେଉଥିବାରୁ ଏହା ଦ୍ୱାରା ସ୍ତନ କର୍କଟର ଠିକ୍ ନିଦାନ ସମ୍ଭବ ହୋଇପାରୁଛି । ଏଥିରେ ରହିଥିବା ଅଟୋମେଟିକ୍ ଏକ୍ସପୋଜର କଣ୍ଟ୍ରୋଲର୍ (ଏଇସି) ଟେକ୍ନୋଲୋଜି ରଞ୍ଜନ-ରଶ୍ମିର ମାତ୍ରାକୁ ନିୟନ୍ତ୍ରିତ କରିଥାଏ। ଶ୍ରୀ ସାମନ୍ତ ଏଥିରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ୩-ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର ଦ୍ୱାରା ଓଡ଼ିଶାର ରୋଗୀମାନେ ଉପକୃତ ହୋଇପାରିବେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷା ଦିବସ



**ଭୁବନେଶ୍ୱର୧୨।୧୧(ସଂଚାର ବ୍ୟୁରୋ):** ଶିକ୍ଷା ସବୁଠାରୁ ବଡ଼ ସାଧନ, ବଡ ମାଧ୍ୟମ। ଶିକ୍ଷାକୁ ମାଧ୍ୟମ କରି ବିଶ୍ୱଶାନ୍ତି ପ୍ରତିଷ୍ଠା ସହ ଆନ୍ତର୍ଜାତିକ ବୁଝାମଣା, ମହାକାଶ ଗବେଷଣା, ଦାରିଦ୍ର୍ୟ ଦୂରୀକରଣ ସହ ବିକାଶ ଓ ପ୍ରଗତି ସମ୍ଭବ ବୋଲି ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ଜାତୀୟ ଶିକ୍ଷା ଦିବସ ଉତ୍ସବରେ ମତ ପ୍ରକାଶ ପାଇଛି। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମଙ୍କ ଜୟନ୍ତୀକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ସାରା ଭାରତରେ ଆଜି ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭବ୍ୟ ଉତ୍ସବରେ ଭୋପାଳରୁ ଆସିଥିବା ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଅନିଲ କୁମାର, ଏନ.ସି.ଇ.ଆର.ଟି.ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଓ ପ୍ରତିଷ୍ଠାନର ଡ଼ିନ ପ୍ରଫେସର ମାନସୀ ଗୋସ୍ୱାମୀ ଶିକ୍ଷାର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତକରି ଏହା କିଭଳି ବ୍ୟକ୍ତିରୁ ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସହାୟକ ହୁଏ ତାହାର ଦୃଷ୍ଟାନ୍ତ ବୁଝାଇଥିଲେ।

**ଚତୁର୍ଥ ସିଓଡିଆରଆର କର୍ମଶାଳା**

# ଜିଏଲଓଏଫ୍ ବିପଦ ହ୍ରାସ ପାଇଁ ରଣନୀତି

### ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ




**ନୂଆଦିଲ୍ଲୀ,୧୨।୧୧** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି. କେ. ମିଶ୍ର ଆମ ଜନସମୁଦାୟ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ନିମନ୍ତେ ହିମବାହ ହ୍ରଦ ସହିତ ଜଡିତ ବିପଦକୁ ହ୍ରାସ କରିବା ଉପରେ ଆଲୋକପାତ କରିଛନ୍ତି। ଡ. ମିଶ୍ର ଆଜି ଏଠାରେ ଜିଏଲ୍‌ଓଏଫ୍ (ଗ୍ଲେସିଆଲ୍ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍ ବା ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା) ବିପଦ ହ୍ରାସ ପାଇଁ ରଣନୀତି ଉପରେ ବିପର୍ଯ୍ୟୟ ବିପଦ ହ୍ରାସ କମିଟି (ସିଓଡିଆରଆର୍) ର ଚତୁର୍ଥ କର୍ମଶାଳା ଅବସରରେ ବକ୍ତବ୍ୟ ରଖିଛନ୍ତି। ଏହି କର୍ମଶାଳାର ଆୟୋଜନ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ଜଳ ସମ୍ପଦ ବିଭାଗକୁ ପ୍ରଶଂସା କରି ସେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଏବଂ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇଥିଲେ, ବିଶେଷ କରି ଭାରତର ଅଭିଜ୍ଞତା, ଅଭାବ ଅସୁବିଧା ଏବଂ ଆହ୍ୱାନର ମୁକାବିଲା ଉପରେ ସେ ଜୋର ଦେଇଥିଲେ। ଡକ୍ଟର ମିଶ୍ର କହିଥିଲେ ଯେ ସିକିମର ହିମବାହ ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ବିପତ୍ତି ଉପରେ ଆଲୋଚନା ଏହି ଆହ୍ୱାନର ବ୍ୟାପକତା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ବାସ୍ତବରେ, ଦକ୍ଷିଣ ଲୋନାକ ଜିଏଲଓଏଫ ଆମ ସମସ୍ତଙ୍କ ପାଇଁ ଏକ ଜାଗ୍ରତ ଆହ୍ୱାନ ଥିଲା। ହିମବାହ ହ୍ରଦଗୁଡ଼ିକ ସହ ଜଡ଼ିତ ବିପଦଗୁଡ଼ିକର ମୁକାବିଲା ପାଇଁ ପ୍ରଭାବଶାଳୀ ରଣନୀତିର ଜରୁରୀ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତିକୁ ଉଦ୍ଧୃତ କରି ସେ କହିଥିଲେ, "ବିପର୍ଯ୍ୟୟ ବିପଦ ହ୍ରାସ କେବଳ ବିପର୍ଯ୍ୟୟକୁ ମୁକାବିଲା କରିବା ନୁହେଁ ବରଂ ସହନଶୀଳ ପଦକ୍ଷେପ ବିକଶିତ କରିବା ଉପରେ ଆଧାରିତ"। ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱକୁ ଦୋହରାଇ ଡକ୍ଟର ମିଶ୍ର କହିଥିଲେ ଯେ 'ବିପର୍ଯ୍ୟୟ ମୁକାବିଲା କରିବାର ସର୍ବୋତ୍ତମ ଉପାୟ ହେଉଛି ସେଗୁଡ଼ିକୁ ରୋକିବା', ଯାହା ଆମକୁ ସ୍ମରଣ କରାଇ ଦେଇଥିଲା ଯେ ଆମ ଜନ ସମାଜର ସୁରକ୍ଷା ପାଇଁ ସକ୍ରିୟ ପଦକ୍ଷେପ ଆବଶ୍ୟକ। ଆହୁରି, ଜିଏଲ୍‌ଓଏଫ୍ ବିପଦ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲା କରିବାରେ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ, "ଏକ ସୁରକ୍ଷିତ ବିଶ୍ୱ ସୃଷ୍ଟି କରିବା ପାଇଁ ଆମକୁ ସୀମା ଏବଂ ଶୃଙ୍ଖଳା ନିର୍ବିଶେଷରେ ମିଳିତ ଭାବେ କାମ କରିବାକୁ ପଡ଼ିବ'।

## ପିଆଇବି ଓ ସିବିସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କର୍ମଶାଳା



**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ରସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ଅଂଶବିଶେଷ ସ୍ୱରୂପ, ଦୁର୍ନୀତି ନିବାରଣ ଉପରେ ଏକ ସ୍ୱତନ୍ତ୍ର ଜ୍ଞାନ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁର୍ନୀତି ନିବାରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟସ୍ଥଳୀରେ ଅସତ୍ ଆଚରଣକୁ ରୋକିବା ଏବଂ ସ୍ୱଚ୍ଛତା ଓ ନୈତିକ ଅଭ୍ୟାସ ଆଚରଣ କରିବା ଉପରେ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

**ରାଜ୍ୟସ୍ତରୀୟ ଟେକ୍ ହୋମ୍ ରାସନ କନ୍‌କ୍ଲେଭ୍**

# କୁପୋଷଣମୁକ୍ତ ହେବ ଓଡ଼ିଶା



- ଛତୁଆର ବିକଳ୍ପ ଖୋଜିବେ ସରକାର
- ୯ ରାଜ୍ୟର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞ ସାମିଲ

**ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ସହଭାଗିତାରେ ରାଜ୍ୟସ୍ତରୀୟ ଟେକ ହୋମ୍ ରାସନ (ଟିଏଚ୍ଆର୍) କନକ୍ଲେଭ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତେଲେଙ୍ଗାନା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼, ଆସାମ, ଝାଡ଼ଖଣ୍ଡର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସଚିବ ତଥା ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହା ସହ ମହୀଶୂରସ୍ଥିତ ସିଏଫଟିଆରଆଇ, ହାଇଦରାବାଦର ଏନଆଇଏଚ, ଗୁଜୁରାଟ ମିଲ୍କ ମାର୍କେଟିଙ୍ଗ ଫେଡେରେଶନ (ଅମୁଲ୍), ରାଉରକେଲା ଏନଆଇଟି, ୱାର୍ଲଡ ଫୁଡ ପ୍ରୋଗ୍ରାମ, ଅଜିମ ପ୍ରେମଜୀ ଫାଉଣ୍ଡେସନ ଭଳି ପ୍ରମୁଖ ସଂସ୍ଥାର ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକଙ୍କ ସମେତ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସଚିତ ଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ସରକାରଙ୍କ ପ୍ରାଥମିକତା। ବିଭିନ୍ନ ରାଜ୍ୟରୁ ଆସିଥିବା ପୋଷଣ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିବା ସହ ଆଲୋଚନା ଓ ସମାଲୋଚନା ମାଧ୍ୟମରେ ଏହାର ଉପାୟ ବାହାରି ପାରିବ। ଓଡ଼ିଶାର ଆଞ୍ଚଳିକ ପୋଷଣ ଅସମାନତାକୁ ଧ୍ୟାନ ଦେବା ସହ ଛତୁଆର ମାନ ବୃଦ୍ଧି ତଥା ଅନ୍ୟ ବିକଳ୍ପ ଖୋଜିବାକୁ ସେ ବିଭାଗକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ, ଓଡ଼ିଶା ଭିଜନ-୨୦୪୭ରେ କୁପୋଷଣମୁକ୍ତ ଓଡ଼ିଶା ଏକ ମୁଖ୍ୟ ବିଷୟବସ୍ତୁ। ବିଭିନ୍ନ ରାଜ୍ୟର ପୋଷଣ କାର୍ଯ୍ୟକ୍ରମରୁ ଶିଖିବା, ବିକଳ୍ପ ଟେକ ହୋମ୍ ରାସନ (ଟିଏଚଆର) ବିଷୟରେ ବିଶ୍ଳେଷଣ ସହ ସମ୍ପୃକ୍ତ ରାଜ୍ୟରେ ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋଚନା କରିବା ଏହି କନକ୍ଲେଭର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ନିର୍ଦ୍ଦେଶିକା ମୋନିଷା ବାନର୍ଜୀ କୁପୋଷଣକୁ ଦୂର କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

**ଜାତୀୟ ସାଂସ୍କୃତିକ**

## ସାହିତ୍ୟିକ ଓ କଳା ଉତ୍ସବ 'ଉଭବ' ଉଦ୍‌ଘାଟିତ



**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ପ୍ରଥମ ଥର ଓଡ଼ିଶାରେ ଆରମ୍ଭ ହୋଇଯାଇଛି ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ' । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ୍ ଯୋଗ ଦେଇ ଏକଲବ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି । ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଜନଜାତି ମନ୍ତ୍ରାଳୟ ରାଜ୍ୟମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଛନ୍ତି । ଜାତୀୟସ୍ତରୀୟ ଏହି କଳା ଉତ୍ସବକୁ ଶୁଭାରମ୍ଭ କରି ମାନ୍ୟବର କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଫଳ କରିବା ଉଦ୍ଦେଶ୍ୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଗଠନ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରୟାସରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଦେଶରେ ବ୍ୟାପକ କରାଯାଇଛି । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଦେଶର ଏକ ନମ୍ବର ବିଦ୍ୟାଳୟ ରୂପରେ ଗଢ଼ି ତୋଳିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି । ଏଥିସହିତ ଜାତୀୟସ୍ତରୀୟ ଏହି ସାଂସ୍କୃତିକ ଓ କଳାତ୍ମକ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ସଫଳ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

# ପୂର୍ବତଟ ରେଳପଥ ୨x୨୫ କେଭି ଓଏଚଇ ପ୍ରଣାଳୀ ପ୍ରବର୍ତ୍ତନ

- ଭଦ୍ରକ-ଖୋର୍ଦ୍ଧା ରୋଡ୍
- ପଲାସା-ବିଜୟନଗରମ୍
- କଟକ-ପାରାଦୀପ
- କଟକ-ତାଳଚେର-ଅନୁଗୁଳ
- ବିଜୟନଗରମ୍-ରାୟଗଡ଼ା



**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ଅନେକ ପ୍ରମୁଖ ରେଳ ସେକ୍ସନରେ ୨x୨୫ କେଭି ଓଭରହେଡ୍ ବିଦ୍ୟୁତିକରଣ (ଓଏଚ୍ଇ) ପ୍ରଣାଳୀର ପ୍ରବର୍ତ୍ତନ ସହିତ ଏହାର ବିଦ୍ୟୁତିକରଣ ଭିତ୍ତିଭୂମି ବୃଦ୍ଧି କରିବାକୁ ସ୍ଥିର କରିଛି । ଏହି ପଦକ୍ଷେପ ଭୋଲଟେଜ୍ ନିୟନ୍ତ୍ରଣରେ ଉନ୍ନତି ଆଣିବା, ସେମି-ହାଇ ସ୍ପିଡ୍ ଟ୍ରେନ୍ ଚଳାଚଳ ପାଇଁ ସୁଗମ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ କ୍ଷମତା ସମ୍ପନ୍ନ ପଣ୍ୟବାହୀ ଟ୍ରେନ୍‌ଗୁଡ଼ିକର ବର୍ଦ୍ଧିତ ଚଳାଚଳକୁ ସକ୍ଷମ କରିବା ପାଇଁ ଉଦ୍ଦିଷ୍ଟ । ୩୦୦ ନିୟୁତ ଟନ ପଣ୍ୟ ବୋଝେଇ କ୍ଷମତା ହାସଲ କରିବା ଏବଂ ହାଇ ସ୍ପିଡ୍ ଟ୍ରେନ୍ ର ଚଳାଚଳ ଦକ୍ଷତାକୁ ପ୍ରୋତ୍ସାହନ କରିବା ପାଇଁ ରେଳ ବୋର୍ଡର ଲକ୍ଷ୍ୟ ଅନୁଯାୟୀ,ବର୍ତ୍ତମାନ ୧x୨୫ କେଭି ଓଭରହେଡ୍ ବିଦ୍ୟୁତିକରଣ ପ୍ରଣାଳୀକୁ ଅଧିକ ଦୃଢ଼ୀଭୂତ କରାଇବା ପାଇଁ ୧x୨୫ କେଭି ପ୍ରଣାଳୀକୁ ଉନ୍ନତ କରାଯିବ। ବର୍ଦ୍ଧିତ ଟ୍ରେନ ଚଳାଚଳ ଚାପର ଚାହିଦା ପୂରଣ କରିବା ଏବଂ ରେଳ ନେଟୱାର୍କରେ ଏକ ସଠିକ୍ ଭୋଲଟେଜ୍ ସ୍ତରର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ଏହି ଉନ୍ନତିକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨x୨୫ କେଭି ପ୍ରଣାଳୀ ଏକ ଉଚ୍ଚ ସ୍ତରରେ (୫୦ କେଭି) ରେ ଥିବା ଭୋଲଟେଜ୍ ବଣ୍ଟନ କରି ଏବଂ ୨୫ କେଭି ରେ ଟ୍ରେନ୍ ଚଳାଚଳ ପାଇଁ ଶକ୍ତି ଯୋଗାଇବାରେ କାର୍ଯ୍ୟ କରେ । ୫୦ କେଭି ଟ୍ରାନ୍ସଫର୍ମର ବ୍ୟବହାର କରି ଟ୍ରାକ୍ସନ୍ ସବ୍-ଷ୍ଟେସନ୍ (ଟିଏସ୍ଏସ୍) ରୁ ବିଦ୍ୟୁତ୍ ଯୋଗାଇ ଏହା କାର୍ଯ୍ୟକାରୀ କରିଥାଏ ଏବଂ ମଧ୍ୟବର୍ତ୍ତୀ ଅଟୋଟ୍ରାନ୍ସଫର୍ମର୍ସ ଟ୍ରେନ ଇଞ୍ଜିନକୁ ୨୫ କେଭି ଶକ୍ତି ସଞ୍ଚାରିତ କରିଥାଏ । ଏହି ପ୍ରଣାଳୀ ଉନ୍ନତ ଭୋଲଟେଜ୍ ନିୟନ୍ତ୍ରଣ ସୁନିଶ୍ଚିତ କରେ, ଟିଏସ୍ଏସ୍‌ରୁ ରେଳ ସେକ୍ସନ ଏବଂ ସମାନ୍ତରାଳ ପୋଷ୍ଟଗୁଡିକ (ଏସ୍‌ପି) ର ଦୂରତମ ସୀମା ପର୍ଯ୍ୟନ୍ତ ବିସ୍ତାର କରେ। ବର୍ଦ୍ଧିତ ଭୋଲଟେଜ୍ ସ୍ଥିରତା ପ୍ରଦାନ କରିବା ସହିତ, ଉନ୍ନତିକରଣ ନୂତନ ପ୍ରଣାଳୀ ବୃଦ୍ଧି ପାଉଥିବା ଟ୍ରାକ୍ସନ୍ ଲୋଡ୍ କୁ ସମର୍ଥନ କରିପାରିବ, ଉଭୟ ସେମି-ହାଇ ସ୍ପିଡ୍ ଯାତ୍ରୀବାହୀ ଟ୍ରେନ୍ ଏବଂ ଭାରୀ ପଣ୍ୟବାହୀ ଟ୍ରେନର ସୁଗମ ଚଳାଚଳ ସୁନିଶ୍ଚିତ କରିବ। ଏହି ପଦକ୍ଷେପର ଏକ ଅଂଶ ଭାବରେ, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଏବେ ରେଳ ସେକ୍ସନ ମାନଙ୍କରେ ୧x୨୫ କେଭି ଓଭରହେଡ୍ ବିଦ୍ୟୁତିକରଣ ପ୍ରଣାଳୀ ପ୍ରଚଳିତ ଥିବାବେଳେ ଏହାର କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରାଯାଇ ୨x୨୫ କେଭି ଓଭରହେଡ୍ ବିଦ୍ୟୁତିକରଣ ପ୍ରଣାଳୀରେ ରୂପାନ୍ତର କରିବାକୁ ଯୋଜନା କରିଛି।

**ଆଇଏଫ୍‌ଏଫ୍‌ଆଇରେ ଆଇସିଏଫଟି-ୟୁନେସ୍କୋ ଗାନ୍ଧୀ ପଦକ**

## ଶାନ୍ତି ଓ ମାନବିକତାକୁ ସିନେମା ଜରିଆରେ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୧୨।୧୧** ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ୫୫ତମ ସଂସ୍କରଣରେ ସମ୍ମାନଜନକ ଆଇସିଏଫଟି-ୟୁନେସ୍କୋ ଗାନ୍ଧୀ ପଦକ ପାଇଁ ଆନୁଷ୍ଠାନିକ ଭାବେ ମନୋନୀତ ଚଳଚିତ୍ର ଗୁଡ଼ିକୁ ଉନ୍ମୋଚନ କରାଯାଇଛି, ଯାହା (ଇଣ୍ଟରନ୍ୟାସନାଲ୍ କାଉନ୍ସିଲ୍ ଫର୍ ଫିଲ୍ମ, ଟେଲିଭିଜନ ଆଣ୍ଡ ଅଡିଓଭିଜୁଆଲ୍ କମ୍ୟୁନିକେସନ୍ (ଆଇସିଏଫ୍‌ଟି) ପ୍ୟାରିସ୍ ଏବଂ ମିଳିତ ଜାତିସଂଘ ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ)ର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ବିଶେଷକରି ଅହିଂସା, ସହିଷ୍ଣୁତା ଏବଂ ସାମାଜିକ ସୌହାର୍ଦ୍ଦ୍ୟକୁ ପ୍ରତିଫଳିତ କରୁଥିବା ଚଳଚ୍ଚିତ୍ରଗୁଡ଼ିକୁ ଏହି ଉତ୍ସବରେ ସ୍ଥାନିତ କରାଯାଇଛି। ଚଳିତ ବର୍ଷ ୧୦ଟି ଉଲ୍ଲେଖନୀୟ ଚଳଚ୍ଚିତ୍ରକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି, ଯେଉଁଥିରେ ପ୍ରତ୍ୟେକ ଭିନ୍ନ ଭିନ୍ନ ଅଞ୍ଚଳ, ସଂସ୍କୃତି ଏବଂ ଶୈଳୀର ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଗାନ୍ଧୀବାଦୀ ନୀତି ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଦ୍ୱାରା ଏକତ୍ରିତ ହୋଇଛନ୍ତି। ଏଥିରେ ଇସାବେଲ ଡାନେଲ (ଫିପ୍ରେସସିଆଇ - ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ଫିଲ୍ମ କ୍ରିଟିକ୍ସର ସମ୍ମାନିତ ସଭାପତି), ସର୍ଗେ ମାଇକେଲ (ସିଆଇସିଟି-ଆଇସିଏଫଟିର ଉପାଧ୍ୟକ୍ଷ), ମାରିଆ କ୍ରିଷ୍ଟିନା ଇଗ୍ଲେସିଆସ୍ (ୟୁନେସ୍କୋର ସାଂସ୍କୃତିକ କ୍ଷେତ୍ର କାର୍ଯ୍ୟକ୍ରମର ପୂର୍ବତନ ମୁଖ୍ୟ), ଡ. ଅହମ୍ମଦ ବେଦଜାଉଇ (ଆଲଜେୟର୍ସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲର କଳାତ୍ମକ ନିର୍ଦ୍ଦେଶକ) ଏବଂ ଜୁୟାନ୍ ହୁନ୍ (ପ୍ଲାଟଫର୍ମ ଫର୍ କ୍ରିଏଟିଭିଟି ଆଣ୍ଡ ଇନୋଭେସନ୍, ସିଆଇସିଟି-ଆଇସିଏଫଟି ଯୁବ ଶାଖା)ଙ୍କ ଭଳି ବିଶିଷ୍ଟ ବ୍ୟକ୍ତିତ୍ୱ ସାମିଲ ଅଛନ୍ତି। ନୈତିକ ଗଭୀରତା, କଳାତ୍ମକ ଉତ୍କର୍ଷତା ଏବଂ ଦର୍ଶକଙ୍କୁ, ବିଶେଷ କରି ଯୁବବର୍ଗଙ୍କୁ ଯୋଡ଼ିବା ଏବଂ ଶିକ୍ଷିତ କରିବାର କ୍ଷମତା ଆଧାରରେ ଏହି ଚଳଚ୍ଚିତ୍ରଗୁଡ଼ିକର ମୂଲ୍ୟାଙ୍କନ କରାଯିବ।

## ମହାନଦୀରୁ ଛାତ୍ରର ଶବ ଉଦ୍ଧାର



**କଟକ, ୧୨।୧୧ (ସଂଚାର ବ୍ୟୁରୋ):** କାଳିଆବୁଦା ନିକଟ ମହାନଦୀ ଘାଟରୁ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି। ମଙ୍ଗଳାବାଗସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ର ସୋମବାର ଘରୁ ସାଇକେଲ ଧରି ବାହାରକୁ ଯାଇଥିଲେ। ଘରକୁ ନ ଫେରିବାରୁ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ ପରିବାର। ରାତିରେ ପୁଲିସ ବହୁ ଖୋଜାଖୋଜି କରିବା ସହ ନାବାଳକଙ୍କ ସାଙ୍ଗସାଥୀଙ୍କୁ ମଧ୍ୟ ପଚରାଉଚରା କରିଥିଲା। ମଙ୍ଗଳବାର ମହାନଦୀରୁ ଛାତ୍ରଙ୍କ ଶବ ଉଦ୍ଧାର କରାଯାଇଛି। ସେ କାଲି ସ୍କୁଲ ଆସି ନ ଥିଲେ ମଧ୍ୟ ସାଇକେଲ ଧରି କଣ ପାଇଁ ଘରୁ ବାହାରକୁ ଆସିଥିଲେ, ତାଙ୍କର କିଭଳି ମୃତ୍ୟୁ ହେଲା ଓ ମୃତଦେହ କିପରି ମହାନଦୀରେ ପଡ଼ିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

# ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ




**ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ):** ଉଦଘାଟିତ ହୋଇଯାଇଛି ବହୁ ପ୍ରତିକ୍ଷିତ ଶିଶୁ ମହୋତ୍ସବ ୨୦୨୪- 'ସୁରଭି' । ଉଦଘାଟନୀ ସମାରୋହରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ସୁରଭି କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ମାନ୍ୟବର ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗ ଦେଇଥିବା ବେଳେ ବିଭାଗୀୟ ସଚିବ ଶ୍ରୀମତୀ ଶାଲିନୀ ପଣ୍ଡିତ, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ଥିଲେ । ପ୍ରତ୍ୟେକ ବିଦ୍ୟାର୍ଥୀ ଭିତରେ କିଛି ବିଶେଷ ପ୍ରତିଭା ରହିଛି । ସେମାନେ ନିଜ ଭିତରେ ଥିବା ପ୍ରତିଭା ବା ସାମର୍ଥ୍ୟକୁ ଚିହ୍ନନ୍ତୁ । ନୂତନ ଜିନିଷ ଶିଖିବା ସହ ପ୍ରଶ୍ନ ପଚାରନ୍ତୁ ଏବଂ ସର୍ବଦା ନୂତନତାକୁ ଆପଣାଇବାକୁ ଚେଷ୍ଟା କରନ୍ତୁ । ଏଥିସହ ନିଜ ସ୍ୱପ୍ନ ପୂରଣ ଦିଗରେ କଠିନ ପରିଶ୍ରମ କରିବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି ମାନ୍ୟବର ମନ୍ତ୍ରୀ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଆୟୋଜିତ ତିନି ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିକୁ ଉଦଘାଟନ କରି ଶ୍ରୀ ଗଣ୍ଡ କହିଛନ୍ତି, ବିକଶିତ ଓଡ଼ିଶା, ବିକଶିତ ଭାରତ ପରିକଳ୍ପନାକୁ ସତ କରିବାକୁ ହେଲେ ଶିକ୍ଷାକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାକୁ ହେବ। ସେ ଏହାମଧ୍ୟ କହିଛନ୍ତି, କଳା ବଞ୍ଚିରହିଲେ, ଦେଶ ବଞ୍ଚିରହିବ । ଏହିକଥାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାର ଲୋକକଳାର ସଂରକ୍ଷଣ ଓ ପ୍ରସାର ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି ଏବଂ ଏହି ମହୋତ୍ସବ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସେହିପରି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଛନ୍ତି, ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରସ୍ଫୁଟିତ କରିବାକୁ ଏକ ମାଧ୍ୟମର ଆବଶ୍ୟକତା ଥାଏ ଏବଂ 'ସୁରଭି' ଭଳି ଏକ ବଡ଼ ମାଧ୍ୟମ ସେମାନଙ୍କ ପ୍ରତିଭାକୁ ବିକଶିତ କରିବା ଦିଗରେ ସହାୟକ ହେବ । ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ କହିଛନ୍ତି, ଆଜିର ଶିଶୁ ଭବିଷ୍ୟତର ସର୍ବଶ୍ରେଷ୍ଠ ମାର୍ଗଦର୍ଶକ । ଏହି ଦିଗରେ ରାଜ୍ୟ ସରକାର ତଥା ଆମ ବିଭାଗ ଅହରହ ପ୍ରଚେଷ୍ଟାରତ । ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ସୁରଭି ଏକ ସୁନ୍ଦର ପ୍ରୟାସ । ଉଦଘାଟନୀ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ତିନିଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଓଡ଼ିଶା ଲୋକକଳା ଶୀର୍ଷକ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ୩୦ଟି ଜିଲ୍ଲାରୁ ଜଣେ ଲେଖାଏଁ କୃତୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ଓଡ଼ିଶାର କଳାକୃତି ଉପରେ ସୁନ୍ଦର ଚିତ୍ର ଓ ହସ୍ତକଳା ପ୍ରସ୍ତୁତ କରିଥିଲେ । ଏହାସହ ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲିଖନୀ, କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଚଳିତ ବର୍ଷ ସୁରଭି ମହୋତ୍ସବରେ ଆକର୍ଷଣ ପାଲଟିଛି ଆକାଂକ୍ଷୀ ଦୁନିଆ। ସ୍ପେସ୍ ଆକୃତିରେ ପ୍ରସ୍ତୁତ ହୋଇଥିବା ଆକାଂକ୍ଷୀ ଦୁନିଆରେ ଆମ ରାଜ୍ୟର ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କିପରି ହେବ ତାହା ପ୍ରଦର୍ଶିତ ହେଉଛି । ବିଦ୍ୟାଳୟରେ ଚାଲିଥିବା ଆକାଂକ୍ଷୀ ପାଠ୍ୟକ୍ରମ ଯଥା ସାହିତ୍ୟ ସୃଜନୀ, ଜିଜ୍ଞାସା, କ୍ରୀଡାଙ୍ଗନ ଏବଂ ଡିଜିଟାଲ ଏଜୁକେସନ ଏମ୍ପାୱାରମେଣ୍ଟ ପ୍ରୋଗ୍ରାମ(କୌଶଳୀ) ପାଠ୍ୟକ୍ରମର ଝଲକ୍ ଏହା ଭିତରେ ଦେଖିବାକୁ ମିଳିଛି ।

## ନବୀନ ନିବାସ ରାସ୍ତାରୁ ହଟିବ ଅବରୋଧ



**ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ):** ନବୀନ ନିବାସ ଆଗ ଦେଇ ଯାଇଥିବା ରାସ୍ତାର ସଂପ୍ରସାରଣ କାମ ଆରମ୍ଭ ହୋଇଛି। ପୋଖରୀପୁଟରୁ ପୂନାମା ଗେଟ୍ ଓ ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଚଉଡ଼ା କରିବା ପାଇଁ ଭୁବନେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ୍-୨ ପକ୍ଷରୁ କିଛି ଦିନ ହେଲା ଜୋରସୋରରେ କାମ ଆରମ୍ଭ ହୋଇଛି। ପ୍ରାୟ ୧୭ କୋଟି ଟଙ୍କା ବ୍ୟୟରେ ଏହି ଦୁଇ କିଲୋମିଟର ରାସ୍ତା ତିଆରି ହେଉଥିବା ସୂଚନା ମିଳିଛି। ଭୁବନେଶ୍ୱର ବିମାନ ବନ୍ଦର କଡ଼ ଦେଇ ଯାଇଥିବା ଏହି ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଏବେ ଏୟାରପୋର୍ଟକୁ ଲାଗିଥିବା ଅବରୋଧଗୁଡ଼ିକୁ ହଟାଯାଉଛି। ତେବେ ଏହି ଅବରୋଧ ହଟାଇଲାବେଳେ ନବୀନ ନିବାସ ଆଗରେ ଅବରୋଧ ହୋଇ ରହିଥିବା ଗୋଟିଏ ଲେନକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଛି। ସୁରକ୍ଷା ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୭ ମସିହାରେ ନବୀନ ନିବାସ ଆଗରେ ପୂର୍ତ୍ତ ବିଭାଗ ଦୁଇ-ଥାକିଆ ଚଉଡ଼ା ରାସ୍ତା ତିଆରି କଲା। ଏଥିରୁ ଗୋଟିଏ ରାସ୍ତାକୁ ସବୁଦିନ ପାଇଁ ସୁରକ୍ଷା କର୍ମୀଙ୍କ ଗାଡ଼ି ରହିବା ପାଇଁ ବନ୍ଦ କରିଦିଆଗଲା। ସାଧାରଣ ଲୋକେ ଏବେ କେବଳ ଗୋଟିଏ ପଟ ରାସ୍ତାରେ ଯା-ଆସ କରୁଛନ୍ତି। ପୂର୍ତ୍ତ ବିଭାଗ ଏଥିପାଇଁ ଭୁବନେଶ୍ୱର ବିମାନ ବନ୍ଦର ପାଖରୁ ପ୍ରାୟ ୩ ଏକର ଜମି ଆଣିଥିଲା।

# ସୌରଶକ୍ତି ବ୍ୟବହାର ଆଖିଦୃଶିଆ ହେଉନି



**ଭୁବନେଶ୍ୱର,୧୨।୧୧:** ରାଜ୍ୟରେ ଆଗେଇ ପାରୁନି ସୌରଶକ୍ତି ବ୍ୟବହାର। ବିଶେଷକରି ଲୋକଙ୍କ ଘର ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ସେଭଳି ଆଖିଦୃଶିଆ ହୋଇପାରୁ ନାହିଁ। ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଲୋକଙ୍କୁ ଏ ସଂକ୍ରାନ୍ତରେ ଯେଭଳି ସଚେତନ କରିବାକଥା ତାହା ହୋଇପାରୁନଥିବାରୁ ଏଭଳି ସ୍ଥିତି ଉପୁଜିବ ବୋଲି କୁହାଯାଉଛି। ଅଧିକରୁ ଅଧିକ ସୌରଶକ୍ତି ବ୍ୟବହାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ସହିତ ପିଏମ୍ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏ ସଂକ୍ରାନ୍ତରେ ସେଭଳି କିଛି ପ୍ରଚାର ପ୍ରସାର ହେଉନାହିଁ। ଯେଉଁ ହିତାଧିକାରୀମାନେ ନିଜ ନିଜ ଘର ଉପରେ ସୌରଶକ୍ତି ପ୍ୟାନେଲ ବସାଇବାକୁ ଚାହୁଁଛନ୍ତି ସେମାନେ ମଧ୍ୟ ସଠିକ୍ ସୂଚନା ପାଇପାରୁ ନାହାନ୍ତି। ଇତି ମଧ୍ୟରେ ଅନେକଗୁଡ଼ିଏ ଘରୋଇ ସୌରଶକ୍ତି ସଂସ୍ଥା ରାଜ୍ୟରେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିଥିବାବେଳେ ଲୋକଙ୍କୁ ଭିନ୍ନ ଭିନ୍ନ ଦର କହୁଛନ୍ତି। ଏପରିକି କିଛି ବ୍ୟବସାୟୀ ଲୋକଙ୍କୁ ସୌରଶକ୍ତିରେ ସେଭଳି କିଛି ଲାଭ ହେବନାହିଁ ବୋଲି ବୁଝାଇ ଦେଉଛନ୍ତି। ଅନ୍ୟ ପକ୍ଷରେ ସରକାରୀ ଦପ୍ତରଗୁଡିକରେ ଆଖିଦୃଶିଆ ଭାବେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ହେଉନାହିଁ। ହାତଗଣତି କୋଡ଼ିଏଟି ସରକାରୀ ଦପ୍ତରକୁ ବାଦ୍ ଦେଲେ ଅନ୍ୟଗୁଡିକରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ସେଭଳି ଆଗ୍ରହ ପ୍ରକାଶ ପାଉନାହିଁ। ସରକାରୀ ଦପ୍ତର ଠାରୁ ଆରମ୍ଭକରି ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ଅଧିକାରୀଙ୍କ ସରକାରୀ ବଙ୍ଗଳାରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଗଲେ ସାଧାରଣ ଲୋକେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତେ। ରାଜ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ବିଦ୍ୟୁତ୍ ମିଟର ବଦଳାଇ ଚାଲିଥିବାବେଳେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ ସେଭଳି ଗୁରୁତ୍ୱ ଦେଉ ନାହାନ୍ତି। ସୌରଶକ୍ତିର ପ୍ରସାର କେବଳ ସ୍ଥାନୀୟ ବିଦ୍ୟୁତ୍ ଦପ୍ତର ସମ୍ମୁଖରେ ବୋର୍ଡଟିଏ ମାରିବାରେ ସୀମିତ ରହିଯାଇଛି। ବିଦ୍ୟୁତ୍ ଦରବୃଦ୍ଧି, ସିକ୍ୟୁରିଟି ଜମା, ବିଲ୍ ପଇଠ ଆଦିପାଇଁ ଯେଭଳି ମେସେଜ୍, ନୋଟିସ୍ ଆଦି ଯୁଦ୍ଧକାଳୀନ ଭିତ୍ତିରେ ଦିଆଯାଉଛି ସୌରଶକ୍ତି ପ୍ରତି ହିତାଧିକାରୀଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ସେଭଳି ପଦକ୍ଷେପ ଦେଖିବାକୁ ମିଳୁନାହିଁ। କେନ୍ଦ୍ରୀୟ ଯୋଜନାରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଗଲେ କେବଳ ହିତାଧିକାରୀ ବିଜୁଳି ବୋଝରୁ ମୁକ୍ତି ପାଇବେ ନାହିଁ ବିଜୁଳି ବିକ୍ରି କରିବାର ମଧ୍ୟ ସୁଯୋଗ ରହିଛି। ତେଣୁ ଏଭଳି କ୍ଷେତ୍ରରେ ହିତାଧିକାରୀମାନଙ୍କୁ ସୌରଶକ୍ତି ପ୍ରକଳ୍ପର ସୁଫଳ, ମିଳିବାକୁ ଥିବା ରିହାତି ଆଦିବାସୀ ସଂକ୍ରାନ୍ତରେ ବିସ୍ତୃତ ଭାବେ ଅବଗତ କରାଗଲେ ରାଜ୍ୟରେ ସୌରଶକ୍ତିର ବ୍ୟବହାର ବୃଦ୍ଧି ପାଆନ୍ତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏହା ଏକ ପଦକ୍ଷେପ ହୋଇପାରନ୍ତା ବୋଲି କୁହାଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ବିସ୍ମୟ-ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପାଇଁ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିକଣିକା ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି।

SANCHAR
ସଂଚାର

୪
ବୁଧବାର ୧୩ ନଭେମ୍ବର ୨୦୨୪, ଭୁବନେଶ୍ୱର
Wednesday 13 November 2024 Bhubaneswar


# ସମ୍ବିଧାନ ସଂଶୋଧନରେ ଲଗାମ ଲାଗୁ

ଭାରତୀୟ ସମ୍ବିଧାନ ବିଶ୍ୱରେ ସର୍ବବୃହତ। ବ୍ରିଟିଶ ସମ୍ବିଧାନର ଏହା ଅବିକଳ ନକଲ। ସେଥିରେ କିଛି ଅସୁବିଧା ନାହିଁ। କିନ୍ତୁ ସ୍ୱାଧୀନତା ପରେ ବିଗତ ସାତ ଦଶନ୍ଧି ମଧ୍ୟରେ ଆମ ସମ୍ବିଧାନରେ ଯେତେ ଥର ସଂଶୋଧନ କରାଗଲାଣି ତାହା ମଧ୍ୟ ଏକ ବିଶ୍ୱରେକର୍ଡ। କେନ୍ଦ୍ରରେ ଯେଉଁ ଦଳ କ୍ଷମତାକୁ ଆସୁନା କାହିଁକି ରାଜନୈତିକ ଉଦ୍ଦେଶ୍ୟ ରଖି, ରାଜନୈତିକ ଫାଇଦା ହାସଲ ଲାଗି ନିଜ ଇଚ୍ଛାରେ ସମ୍ବିଧାନ ସଂଶୋଧନ କରୁଛନ୍ତି। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସର୍ବାଧିକ ଥର ସମ୍ବିଧାନ ସଂଶୋଧନ କରାଯାଇଛି। ଏବେ ରାହୁଲ ଗାନ୍ଧି ସମ୍ବିଧାନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଦାବି କରୁଛନ୍ତି। ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି। ସୁପ୍ରିମକୋର୍ଟ ମଧ୍ୟ ଏହାକୁ କାଏମ ରଖିବା ଲାଗି ବାରମ୍ବାର କହି ଆସିଛନ୍ତି। କିନ୍ତୁ ରାହୁଲ ସମ୍ବିଧାନ ସଂଶୋଧନ କରି ମୋଟ ସଂରକ୍ଷଣ ସୀମା ହଟାଇବାକୁ ଦାବି କରୁଛନ୍ତି। ଗତ ଲୋକସଭା ନିର୍ବାଚନ ବେଳେ ମଧ୍ୟ କଂଗ୍ରେସ ଏଥିଲାଗି ପ୍ରତିଶ୍ରୁତି ଦେଇଥିଲା। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅବସରରେ ରାହୁଲ ସମାନ କଥା କହିଛନ୍ତି। ଯଦି ରାହୁଲ ଭବିଷ୍ୟତରେ କେବେ କ୍ଷମତାକୁ ଆସିଲେ ଏହା କରିବେ, ତେବେ ଏହା ଭାରତୀୟ ସମ୍ବିଧାନ ପ୍ରତି ଚରମ ଅବମାନନା ହେବ। ସମ୍ବିଧାନରେ ଏତେ ସଂଶୋଧନ କରିବା ପରିବର୍ତ୍ତେ ଏହାକୁ ସମ୍ପୂର୍ଣ୍ଣ ବଦଳାଇବାକୁ ଚିନ୍ତା କରିବା ଉଚିତ। ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ, ସଂରକ୍ଷଣ ବ୍ୟବସ୍ଥା ଏକ ସାମୟିକ ବ୍ୟବସ୍ଥା। ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ଏହାକୁ ହଟାଇ ଦିଆଯିବା ଉଚିତ। କାରଣ ଏହା ଦ୍ୱାରା ଅନେକ ଅନ୍ୟାୟର ଶିକାର ହେବେ। କିନ୍ତୁ ଯେଉଁମାନେ ବାବା ସାହେବ ଆମ୍ବେଦକରଙ୍କ ନାମରେ ରାଜନୀତି କରୁଛନ୍ତି ସେମାନେ ତାଙ୍କ ନୀତି ଏବଂ ପରାମର୍ଶ ବିରୋଧରେ କାମ କରୁଛନ୍ତି। କେବଳ ନିଜର ଭୋଟ ବ୍ୟାଙ୍କ ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ। ସ୍ୱାଧୀନତା ପରେ ବିଗତ ୭୦ ବର୍ଷ ହେବ ଭାରତରେ ସଂରକ୍ଷଣକୁ ନେଇ ରାଜନୀତି ଚାଲି ଆସିଛି। ସଂରକ୍ଷଣ ଏକ କୁସଂସ୍କାର ଏବଂ ସବୁ ସମାଜ ଲାଗି ଗ୍ରହଣୀୟ ନୁହେଁ। ଏହା ହେଉଛି ଯୋଗ୍ୟତାକୁ ଉପେକ୍ଷାର ଏକ ମାଧ୍ୟମ। ଆମ୍ବେଦକର ଅନୁସୂଚିତ ଜାତି ଓ ଜନଜାତି ବର୍ଗ ନିମନ୍ତେ ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। କିନ୍ତୁ ଏହା ଏକ ନିର୍ଦ୍ଧାରିତ ସମୟସୀମା ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଥିଲା। ଚିରକାଳ ପାଇଁ ସଂରକ୍ଷଣବାଦ ଚାଲିପାରିବ ନାହିଁ ବୋଲି ସମ୍ବିଧାନ ପ୍ରଣେତା କହିଥିଲେ। କିନ୍ତୁ ତାଙ୍କର ସମ୍ଭବତଃ ଦୂରଦୃଷ୍ଟି କମ ଥିଲା। ସେ ଭାବି ପାରିନଥିଲେ ଯେ, ଆଗାମୀ ଦିନରେ ରାଜନେତା ମାନେ ଏହାକୁ ଭୋଟ ବ୍ୟାଙ୍କ କରିବେ ଏବଂ ସଂରକ୍ଷଣ ବ୍ୟବସ୍ଥାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରଖିବେ। ପୁଣି ସମ୍ବିଧାନରେ ଉଲ୍ଲେଖ ଅଛି ଯେ, ମୋଟ ସଂରକ୍ଷଣ ସୀମା କୌଣସି ପରିସ୍ଥିତିରେ ବି ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ଏବେ କଂଗ୍ରେସ ସମ୍ବିଧାନ ସଂଶୋଧନ କରି ସଂରକ୍ଷଣ ସୀମାକୁ ୫୦%ରୁ ଅଧିକ କରିବା ଲାଗି ଦାବି କରୁଛି। ହୁଏତ ଭବିଷ୍ୟତରେ ଏହା ବି ହୋଇପାରେ। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସଂରକ୍ଷଣ ସମୟସୀମାକୁ ବଢ଼ାଇଥିଲେ। ଭି ପି ସିଂହ ଭୋଟ ବ୍ୟାଙ୍କ ନିମନ୍ତେ ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ କରିଥିଲେ ଏବଂ ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ବିରୋଧ କରି ସାରା ଦେଶରେ ପ୍ରବଳ ଜନ ଆନ୍ଦୋଳନ ହୋଇଥିଲା। ଅନେକ ଜୀବନ ଯାଇଥିଲା। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ। ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ ନେତାମାନେ ଭୋଟ ବ୍ୟାଙ୍କ ରାଜନୀତିରେ ଦେଶର ପ୍ରତିଭାସମ୍ପନ୍ନ ଯୁବ ବର୍ଗଙ୍କ ସ୍ୱାର୍ଥକୁ ବଳି ପକାଇଦେଲେ। ଇତିହାସ ସେମାନଙ୍କୁ କେବେ କ୍ଷମା ଦେବ ନାହିଁ। କିନ୍ତୁ ସଂରକ୍ଷଣବାଦୀମାନେ ଏତିକିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ସଂରକ୍ଷଣ ସୀମାକୁ ୫୦%ରୁ ଅଧିକ କରିବା ଲାଗି ଦାବି କରୁଛନ୍ତି। ତାମିଲନାଡୁ ଭଳି ରାଜ୍ୟରେ ଏହା ହୋଇସାରିଲାଣି। ରାହୁଲ ଗାନ୍ଧି ଅଭିଯୋଗ କରୁଛନ୍ତି ଯେ, ବିଜେପି ସରକାରରେ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି। କିନ୍ତୁ ସେ କହୁଛନ୍ତି କଂଗ୍ରେସ କ୍ଷମତାକୁ ଆସିଲେ ଜାତି ଭିତ୍ତିକ ଜନସଂଖ୍ୟା ଆଧାରରେ ସଂରକ୍ଷଣ ବ୍ୟବସ୍ଥା ହେବ ଏବଂ ୫୦% ସଂରକ୍ଷଣ ସୀମାକୁ ହଟାଇ ଦିଆଯିବ। ବାସ୍ତବରେ କିଏ ସମ୍ବିଧାନ ବିରୋଧୀ ତାହା ବିଚାରଯୋଗ୍ୟ। ଯେଉଁମାନେ ସଂରକ୍ଷଣ ସୀମା ୫୦%ରୁ ଅଧିକ କରିବା ଲାଗି ଦାବି କରୁଛନ୍ତି ସେମାନେ ନିଜ ଅଯୋଗ୍ୟତା ସମ୍ପର୍କରେ ଭଲଭାବେ ଜାଣିଛନ୍ତି ଏବଂ ଯୋଗ୍ୟତା ଆଧାରିତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସେମାନେ ସଫଳ ହୋଇପାରିବେ ନାହିଁ ଭଲ ଭାବେ ଜାଣିଛନ୍ତି। କେବଳ ସେତିକି ନୁହେଁ, ସରକାରୀ ଶିକ୍ଷାନୁଷ୍ଠାନ ଏବଂ ଚାକିରୀରେ ପଦପଦବୀ ଏବେ ସଂରକ୍ଷଣବାଦୀଙ୍କ ଲାଗି ଯଥେଷ୍ଟ ହେଉନି। ସେମାନେ ଗତ କିଛି ବର୍ଷ ହେବ ଘରୋଇ ଶିକ୍ଷାନୁଷ୍ଠାନ ଏବଂ ଚାକିରୀରେ ସଂରକ୍ଷଣ ଲାଗି ଦାବି କରୁଛନ୍ତି। କାରଣ ଘରୋଇ କ୍ଷେତ୍ରରେ ସେମାନେ ଯୋଗ୍ୟତା ଆଧାରରେ ସେମାନେ ପ୍ରବେଶ କରିପାରୁନାହାଁନ୍ତି। ତେଣୁ କଳେ ବଳେ କୌଶଳେ ଘରୋଇ କ୍ଷେତ୍ରରେ ପ୍ରବେଶ କରିବା ସେମାନଙ୍କ ଲକ୍ଷ୍ୟ। କିଛି ରାଜନୈତିକ ଦଳ ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ସରକାର ଘରୋଇ କ୍ଷେତ୍ରରେ ସ୍ଥାନୀୟ ଯୁବକ ଯୁବତୀଙ୍କ ନିମନ୍ତେ ୭୫% ସଂରକ୍ଷଣ ବ୍ୟବସ୍ଥା ଲାଗି ଏକ ବିଲ ବିଧାନସଭରେ ଗୃହୀତ କରାଇଥିଲେ। କିନ୍ତୁ ଏହାକୁ ପ୍ରବଳ ବିରୋଧ ହେବାରୁ ଏବେ ରାଜ୍ୟ ସରକାର ଏହାକୁ ସ୍ଥଗିତ ରଖିଛନ୍ତି। ଘରୋଇ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ହେଲେ ବେଙ୍ଗାଲୁରୁ ଭଳି ଆଇଟି ସିଟିରେ ଥିବା ଅନେକ ବଡ଼ ବଡ଼ କମ୍ପାନୀ ସେଠାରୁ ହଟିଯିବେ। ଦେଶର ବିଭିନ୍ନ ରାଜ୍ୟରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ସେଠାରେ ପଢ଼ୁଛନ୍ତି ଏବଂ ଚାକିରୀ କରୁଛନ୍ତି। ବେଙ୍ଗାଲୁରୁ ଗଠନରେ ସେମାନଙ୍କର ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଙ୍ଗାଲୁରୁ କେବଳ କନ୍ନଡ଼ଙ୍କ ନୁହେଁ, ଏହା ସାରା ଦେଶର। କେବଳ କର୍ଣରାଟକବାସୀ ଏଠାରେ ଚାକିରୀ କରିବେ, ଏହା ସମ୍ଭବ ନୁହେଁ। ଏଭଳି ବିକୃତ ମାନସିକତା ଏବଂ ସଂକୀର୍ଣ୍ଣ ମାନସିକତା ଯୋଗୁଁ କଂଗ୍ରେସ ଦେଶର ବହୁତ କ୍ଷତି କରିଛି। ରାହୁଲ ଓ ତାଙ୍କ ସହଯୋଗୀମାନେ ଏ ସମ୍ପର୍କରେ ପୁନର୍ବିଚାର କରିବା ଉଚିତ। ବିରୋଧୀ କଂଗ୍ରେସ ଓ ଏହାର ସହଯୋଗୀମାନେ ଜାତିଭିତ୍ତିକ ଜନଗଣନା ଦାବି କରୁଛନ୍ତି। ଏହା ଦ୍ୱାରା ଭାରତରେ ଜାତିଗତ ବିଭେଦ ଏବଂ ସଂଘର୍ଷ ବଢ଼ିବ ଏବଂ ଦେଶ ଜାତି ଭିତ୍ତିରେ ବିଭାଜିତ ହେବାର ଆଶଙ୍କା ସୃଷ୍ଟି ହେବ। ଏବେ ସମୟ ଆସିଛି ଭାରତରୁ ଜାତିବାଦକୁ ବିଲୋପ କରାଯିବା ଉଚିତ। ଏଥିପାଇଁ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାକୁ ଧିରେ ଧିରେ ସଙ୍କୁଚିତ କରାଯିବା ଉଚିତ। ନଚେତ ଏହାର କୁପରିଣାମ ଦିନେ ନା ଦିନେ ଭୋଗିବାକୁ ପଡ଼ିବ।

# ଜଳ ପ୍ରଦୂଷଣ ଏବଂ ଆତ୍ମଘାତୀ ଆଚରଣ



**ସୁଧାଂଶୁ ଶେଖର ଧଡ଼ା**

ଆମେ ବାସକରୁଥିବା ପୃଥିବୀର ୭୧ ଶତାଂଶ ଜଳ। ସେଥିମଧ୍ୟରୁ ମାତ୍ର ୦.୦୦୬ ଶତାଂଶ ମନୁଷ୍ୟର ପାନୀୟ ତଥା ଦୈନନ୍ଦିନ ବ୍ୟବହାର ଉପଯୋଗୀ। ସମଗ୍ର ବିଶ୍ୱରେ ଏହି ୦.୦୦୬ ଶତାଂଶ ଜଳ ଦିନକୁଦିନ ଦୂଷିତ ହୋଇ ପିଇବା ଅନୁପଯୋଗୀ ହୋଇଯାଉଛି। ଆଜିର ଦିନରେ ବହୁସଂଖ୍ୟକ ଲୋକ ବୋତଲ କିମ୍ବା ପ୍ଲାଷ୍ଟିକ ଜାରରେ ବିକ୍ରି ହେଉଥିବା ପାଣି ପିଇବା ନିମିତ୍ତ ବ୍ୟବହାର କରୁଛନ୍ତି। ଅନେକ ଲୋକ ନିଜ ଘରେ ଜଳବିଶୋଧକ ଯନ୍ତ୍ର ବସାଇଲେଣି । ଆସନ୍ତା ଦିନମାନଙ୍କରେ ପିଇବା ପାଣି ପ୍ରଦୂଷଣ କାରଣରୁ ଦୁଷ୍ପ୍ରାପ୍ୟ ହୋଇଯିବ। ଏବେ ପାନୀୟ ଓ ବ୍ୟବହାର୍ଯ୍ୟ ଜଳକୁ ନେଇ ଦେଶର ରାଜଧାନୀ ଦିଲ୍ଲୀର ସ୍ଥିତି ଶଙ୍କଟଜନକ ହୋଇ ପଡ଼ିଛି ।

ଦିଲ୍ଲୀ ନିକଟରେ ଯମୁନା ନଦୀର ପାଣି ଏତେ ଦୂଷିତ ହୋଇଛି ଯେ, ଏହି ଅଳ୍ପଦିନ ଭିତରେ ଛଟପୂଜା ଉଦେଶ୍ୟରେ ଶ୍ରଦ୍ଧାଳୁମାନେ ଯମୁନା ଜଳରେ ସୂର୍ଯ୍ୟପୂଜା କରିବାକୁ ଚାହୁଁଥିଲେ ମଧ୍ୟ ସେହି ଜଳରେ ପ୍ରବେଶକଲେ ଲୋକମାନଙ୍କର ସ୍ୱାସ୍ଥ୍ୟ ଖରାପ ହେବ ବୋଲି ଅନୁଭବ କରି ଦିଲ୍ଲୀ ହାଇକୋର୍ଟ ଲୋକମାନଙ୍କୁ ଯମୁନା ଜଳରେ ଛଟ୍ ପୂଜା କରିବାପାଇଁ ମନା କରିଦେଇଛନ୍ତି। ଯମୁନା ନଦୀ କୂଳରେ ଦିଲ୍ଲୀ ମହାନଗର ଶହଶହ ବର୍ଷତଳେ ଗଢିଉଠିଥିଲା। ଏବେ ଯମୁନା ନଦୀର ଉପର ମୁଣ୍ଡରେ ଥିବା ସହର ଗୁଡିକର ବର୍ଜ୍ୟ ଜଳ ଏବଂ ଦିଲ୍ଲୀର ବର୍ଜ୍ୟଜଳକୁ ନେଇ ଦିଲ୍ଲୀ ନିକଟରେ ଯମୁନା ଏତେ ପରିମାଣରେ ଦୂଷିତ ଯେ ଏହି ଜଳ ଭିତରକୁ ଗଲେ ଲୋକମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଦିଲ୍ଲୀ ହାଇକୋର୍ଟ ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ଯମୁନାର ଜଳ ଦିଲ୍ଲୀ ନିକଟରେ ସବୁଠାରୁ ଦୂଷିତ ବୋଲି ଅକ୍ଟୋବର ଶେଷ ସପ୍ତାହରେ ଏକ ସରକାରୀ ରିପୋର୍ଟ ପ୍ରକାଶ ପାଇଛି। କୌଣସି କାରଖାନାର ବର୍ଜ୍ୟ ଜଳ ଯେପରି ବ୍ୟବହାର ଅନୁପଯୋଗୀ ହୋଇ ସେଥିରୁ ଫେଣ ବାହାରେ , ଦିଲ୍ଲୀ ନିକଟରେ ଯମୁନା ଜଳରେ ସେହିଭଳି ମେଞ୍ଚା ମେଞ୍ଚା ଫେଣ ଭାସୁଛି। ଏହି ପରିପ୍ରେକ୍ଷୀରେ ଛଟପୂଜା ଉପଲକ୍ଷେ ଦିଲ୍ଲୀରେ ହଜାରେଟି ସ୍ଥାନରେ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଛଟପୂଜା ନିମନ୍ତେ କୃତ୍ରିମ ଜଳାଶୟର ଆୟୋଜନ କରାଯାଇଛି ।

ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଗ୍ର ଓଡିଶାରେ ବିଭିନ୍ନ ଜଳାଶୟ ଗୁଡିକରେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ଭାବରେ ପାଳନ କରାଯାଉଛି। ଆଜି ସମଗ୍ର ଦେଶର ବିଭିନ୍ନ ପାରମ୍ପରିକ ଏବଂ ସ୍ଥାୟୀ ଜଳ ଉତ୍ସ ଗୁଡିକ କ୍ରମାଗତ ଭାବରେ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହେବାରେ ଲାଗିଛି। ଏ ଦୃଷ୍ଟିରୁ ବୋଇତ ବନ୍ଦାଣ ଉତ୍ସବ ଦିନ ଜଳ ପ୍ରଦୂଷଣ ବହୁ ମାତ୍ରାରେ ବଢ଼ିଯିବା ସମ୍ଭାବନା ଉପୁଜୁଛି। ବୋଇତ ବନ୍ଦାଣ କ୍ଷେତ୍ରରେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପରିବେଶ ଏବଂ ଜଳ ପ୍ରଦୂଷଣ ସମସ୍ୟା ନେଇ ଏତେ ସଚେତନ ହୋଇପାରିନାହୁଁ।

ଅଳ୍ପଦିନ ତଳେ ଦୀପାବଳୀ ପାଳିତ ହୋଇଯାଇଛି। ବିଭିନ୍ନ ସହରରେ ଦୀପାବଳୀର ବାଣଫୁଟା ଯୋଗୁଁ ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ଧୂଆଁର ଏକ ଆସ୍ତରଣ ବାୟୁମଣ୍ଡଳର ନିମ୍ନ ଭାଗରେ ଘୋଡେଇ ହୋଇରହିଥିଲା। ଉଚ୍ଚ ଶବ୍ଦର ବାଣ ନଫୁଟେଇବା ପାଇଁ ସରକାରୀ ନିର୍ଦ୍ଦେଶ ଜାରି ହୋଇଥିବା ସତ୍ତ୍ୱେ ଲୋକେ ବିପୁଳ ପରିମାଣର ବାଣ ଫୁଟାଇଲେ। ବାଣ ଫୁଟେଇବାପାଇଁ ମାତ୍ର ଦୁଇଘଣ୍ଟା ସମୟ ସରକାରୀ ଭାବରେ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଲୋକେ ମାନିଲେ ନାହିଁ। ଏହାପରେ ପରିଣତିକୁ ଲୋକମାନେ ହିଁ ଭୋଗିଲେ। ବାୟୁ ପ୍ରଦୂଷଣ କ୍ଷେତ୍ରରେ ଲୋକମାନେ ସଚେତନ ରହିଲେନାହିଁ।ଏବେ ଜଳ ପ୍ରଦୂଷଣ ଧୀରେ ଧୀରେ ଭୂଗର୍ଭକୁ ମଧ୍ୟ ଗଲାଣି। ଭୂପୃଷ୍ଠର ବର୍ଜ୍ୟ ବସ୍ତୁ ଭୂପୃଷ୍ଠର ଜଳ ଉତ୍ସ ଗୁଡ଼ିରେ ଦ୍ରବିଭୂତ ହୋଇ ଭୂଗର୍ଭସ୍ଥ ଜଳକୁ ମଧ୍ୟ ଅନେକ ସ୍ଥାନରେ ଦୂଷିତ କରିସାରିଲାଣି। ଭୂପୃଷ୍ଠର ଜଳରେ ପଲିଥିନ ଏବଂ ପ୍ଲାଷ୍ଟିକର ଅଣୁ କଣିକା ମିଶି ସମ୍ପୂର୍ଣ୍ଣରୂପେ ପାନୀୟ ଅନୁପଯୋଗୀ ହୋଇ ସାରିଛି।

ଏହି ପ୍ରସଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପ୍ରତି ସଚେତନ ନରହିଲେ ଏହା ପ୍ରତ୍ୟକ୍ଷ ଭାବରେ ମନୁଷ୍ୟ, ପଶୁପକ୍ଷୀ ଆଦି ସମସ୍ତ ପ୍ରାଣୀ ଜଗତ ଓ ଜଳଜ ଉଦ୍ଭିଦ ଉପରେ କ୍ଷତିକାରକ ପ୍ରଭାବ ପକାଇବ। ଏବେ ତ ରାଜ୍ୟର ସମସ୍ତ ବଡ଼ ବଡ଼ ସହର ଗୁଡିକର ବର୍ଜ୍ୟ ଜଳ ନଦୀ ଗୁଡିକରେ ହିଁ ମିଶୁଛି। କଟକ ମହାନଗରର ଜଳ କାଠଯୋଡ଼ିରେ ଓ ଭୁବନେଶ୍ୱର ମହାନଗରର ବର୍ଜ୍ୟ ଜଳ ଗଙ୍ଗୁଆ ନଦୀ ମାଧ୍ୟମରେ ଦୟାନଦୀରେ ମିଶୁଛି। ସେସବୁର ବିଶୋଧନ ସମ୍ଭବ ହୋଇପାରୁନାହିଁ।

କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ ଉତ୍ସବ ଯେତିକି ଧାର୍ମିକ ଗୁରୁତ୍ୱ ବହନ କରେ ସେତିକି ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରେ। ଏହା ରାଜ୍ୟରେ ଏକ ସାର୍ବଜନୀନ ପର୍ବ ଭାବରେ ପରିଗଣିତ ହେଉଛି। ଅତୀତର ଉତ୍କଳୀୟ ନୌବାଣିଜ୍ୟର ପରମ୍ପରା ଓ ସଂସ୍କୃତିକୁ ବହନ କରି ଏହି ପର୍ବ ପାଳିତ ହେଉଛି। ତେବେ ଏ କ୍ଷେତ୍ରରେ ପ୍ରାଚୀନ ଉତ୍କଳର ପରମ୍ପରା ଭାବରେ ଏକ ସନ୍ତକ ଧର୍ମୀ ଡଙ୍ଗା ପ୍ରାୟ ପ୍ରତ୍ୟେକ ଓଡ଼ିଆ ବୋହୂ ପୂର୍ଣ୍ଣମୀ ଦିନ ସକାଳୁ କୌଣସି ଏକ ଜଳାଶୟରେ ଭସେଇ ଦେଇ ଆସନ୍ତି। ଏହି ଡ଼ଙ୍ଗା ଭସା କାର୍ଯ୍ୟକ୍ରମଟିକୁ ବୋଇତ ବନ୍ଦାଣ ଭାବରେ ପାଳନ କରାଯାଏ। ଡ଼ଙ୍ଗାଟିଏ ଜଳରେ ଭସାଇବାବେଳେ ଏକଥା ମଧ୍ୟ କୁହାଯାଏ ଯେ "ଆ କା ମା ବୈ , ପାନ ଗୁଆ ଥୋଇ , ମାସକ ଧର୍ମ ତୋର, ଦିନକ ଧର୍ମ ମୋର " ଏହି ପଦଟିର ଅର୍ଥ ହେଲା ଆଷାଢ଼ କାର୍ତ୍ତିକ ମାଘ ବୈଶାଖ ଏହି ଚାରୋଟି ମାସ ଅତ୍ୟନ୍ତ ପବିତ୍ର ମାସ। ଏଥିମଧ୍ୟରୁ କାର୍ତ୍ତିକ ମାସଟି ସବୁଠାରୁ ପବିତ୍ର। ଏହି ପବିତ୍ର ମାସରେ ଲୋକମାନେ ମାସ ବ୍ୟାପି ବିଭିନ୍ନ ଧର୍ମ କାର୍ଯ୍ୟ କରନ୍ତି। ଏହି କାର୍ତ୍ତିକ ମାସରେ ଉତ୍କଳର ପ୍ରାଚୀନ ସାଧବମାନେ ଦରିଆପାରି ନୌବାଣିଜ୍ୟ କରିବାପାଇଁ ଯାତ୍ରା ଆରମ୍ଭ କରୁଥିଲେ। ଏହି ଯାତ୍ରାର ଶୁଭକାମନା କରି ବୋଇତରେ ପାନ ଗୁଆ ଭଳି ଓଡ଼ିଆ ପରମ୍ପରାର ଦୈନନ୍ଦିନ ବ୍ୟବହୃତ ପଦାର୍ଥ ରଖାଯିବା ସହ ବାଣିଜ୍ୟ ଦ୍ରବ୍ୟ ମଧ୍ୟ ରଖାଯାଏ। ବର୍ତ୍ତମାନର ବୋଇତ ବନ୍ଦାଣ ଉତ୍ସବରେ ଏହି ପ୍ରାଚୀନ ପରମ୍ପରାର ସନ୍ତକ ସ୍ୱରୂପ ସନ୍ତକ ଡ଼ଙ୍ଗାଟିରେ ପାନ ଗୁଆ , ଧୂପ, ଦୀପ, ମୁଦ୍ରା, ଫଳ, ଫୁଲ, ପିଠାପଣା, ଚାଉଳ, ବିରି ଆଦି ଶଷ୍ୟ ଅଳ୍ପ ଅଳ୍ପ ଥୋଇ ଏହି ଡ଼ଙ୍ଗାଟିକୁ ଜଳରେ ଭସେଇ ଦିଆଯାଏ। ଏହି ଡ଼ଙ୍ଗାଟି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଏକ ସନ୍ତକ ତେଣୁ ଏହାକୁ ସାଧାରଣତଃ ଏକ କଦଳୀ ବାହୁଙ୍ଗାରେ ତିଆରି କରାଯାଏ । କିନ୍ତୁ ସମୟକ୍ରମେ ସାଂସ୍କୃତିକ ବିବର୍ତ୍ତନ ଧାରାରେ ଏହି କଦଳୀ ପଟୁଆର ଡ଼ଙ୍ଗାଟି ଆଜି ଥର୍ମକୁଲ, ପ୍ଲାଷ୍ଟିକ, ପଲିଥିନ ଦ୍ରବ୍ୟ, କାଗଜ ପଟି ଆଦିରେ ପରିଣତ ହୋଇଗଲାଣି ଏହି ସବୁ ପଦାର୍ଥ ଜଳରେ ମିଶିଲେ ଜଳକୁ ଅତିମାତ୍ରାରେ ଦୂଷିତ କରିପକାଉଛି। ବିଶେଷକରି ପ୍ଲାଷ୍ଟିକ ଓ ସିନ୍ଥେଟିକ ପଦାର୍ଥର ପ୍ରସ୍ତୁତ ଡ଼ଙ୍ଗା ଗୁଡିକ ଜଳ ପ୍ରଦୂଷଣ କ୍ଷେତ୍ରରେ ସବୁଠାରୁ ବିପଦଜନକ ପଦାର୍ଥ। ଏହିସବୁ ପଦାର୍ଥର ଅଣୁ କଣିକା ଜଳରେ ମିଶିଲେ ଏବଂ ସେହି ଜଳକୁ କୌଣସି ପ୍ରକାରରେ ପାନୀୟ ଜଳ ଭାବରେ ବ୍ୟବହାର କରିଲେ ତାହା କର୍କଟ ଭଳି ଭୟଙ୍କର ରୋଗର କାରଣ ହୁଏ ବୋଲି ପରିବେଶବିତମାନେ ସୂଚେଇ ଦେଲେଣି। ଧର୍ମ ଏବଂ ପରମ୍ପରାର ମିଶ୍ରଣରେ ଆମେ ପାଳନ କରୁଥିବା ଏହି ପର୍ବ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବରେ ଜଳ ପ୍ରଦୂଷଣର କାରଣ ପାଲଟିଲାଣି। ବିଶେଷକରି ସହରାଞ୍ଚଳ ଗୁଡିକରେ ବର୍ତ୍ତମାନ ପୋଖରୀ ଗଡ଼ିଆ ଭଳି ଜଳ ଉତ୍ସ ଗୁଡିକ କ୍ରମେ ଲୋପ ପାଇଯାଉଥିବା, ସେସବୁକୁ ପୋତି ସେହି ସ୍ଥାନରେ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ ହେଉଥିବା ଆଦି ଦେଖିବାକୁ ମିଳୁଛି। ତେଣୁ ଜଳାଶୟ ଗୁଡିକର ସଂଖ୍ୟା ସହରାଞ୍ଚଳ ଗୁଡିକରେ କମି କମି ଆସୁଛି। ଜୈବ ବିବିଧତା ରକ୍ଷା କ୍ଷେତ୍ରରେ ଜଳାଶୟ ଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଛ, ବେଙ୍ଗ, ଗେଣ୍ଡା, ଶାମୁକା ବିଭିନ୍ନ ଜଳଜୀବ , ଜଳଜ ଉଦ୍ଭିଦ ଆଦି ପ୍ରକୃତି ଏବଂ ପରିବେଶର ଯେଉଁଭଳି ଅଂଶ ଠିକ ସେହିପରି ଜଳ ଜୀବ ମାନଙ୍କୁ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ବଗ, ଡାହୁକ, ପାଣିକୁଆ, ମାଛ ରଙ୍କା, ହଂସ, ହଂସରାଳି ଆଦି ପକ୍ଷୀମାନେ ମଧ୍ୟ ପରିବେଶର ଅଂଶ। ଦୂଷିତ ଜଳରେ ଏସବୁ ଜଳଚର ପ୍ରାଣୀଙ୍କ ସହିତ ପକ୍ଷୀମାନେ ମଧ୍ୟ ଆକ୍ରାନ୍ତ ହେଲେଣି। ଜଳାଶୟକୁ ନେଇ ବଞ୍ଚିଥିବା ଡାହୁକ ଆଜି ବିଲୁପ୍ତ ପ୍ରାୟ। ଜଳାଶୟର ବିନଷ୍ଟରେ ରାଷ୍ଟ୍ରୀୟ ଫୁଲ ପଦ୍ମ ଏବଂ କଇଁ ଭଳି ଜଳଜ ଉଦ୍ଭିଦ ମଧ୍ୟ ବିଲୁପ୍ତ ପ୍ରାୟ। ପରିବେଶର ଏଭଳି ନକାରାତ୍ମକ ପରିବର୍ତ୍ତନ ଘଟୁଥିବା ସମୟରେ ବୋଇତ ବନ୍ଦାଣ ଦିନ ଜଳାଶୟ ଗୁଡିକରେ ଭସେଇ ଦିଆଯାଉଥିବା କ୍ଷୁଦ୍ର ଡ଼ଙ୍ଗାଟି ଜଣେ ବ୍ୟକ୍ତିପାଇଁ ଗୋଟିଏ ହୋଇପାରେ, କିନ୍ତୁ ସାହସ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଜନ ବସତିର ସାମୂହିକ ବୋଇତ ବନ୍ଦାଣ ଜଳାଶୟ ଗୁଡିକୁ ଅତି ମାତ୍ରାରେ ଦୂଷିତ କରିପକାଉଛି। ବୋଇତ ବନ୍ଦାଣ ପରେ ଏହି ସବୁ କ୍ଷୁଦ୍ର ଡଙ୍ଗା ସହ ଭାଷମାନ ଆବର୍ଜନାକୁ ତୁରନ୍ତ ପାଣିରୁ ଛାଣି ବାହାର କରାଯିବାର ଆବଶ୍ୟକତା ଥିବାବେଳେ ଏଭଳି କରି ଜଳାଶୟ ଗୁଡିକୁ ପରିଷ୍କାର କରିବାପାଇଁ ଲୋକମାନଙ୍କର ତତ୍ପରତା ପ୍ରକାଶ ପାଏନାହିଁ। ଧାର୍ମିକ ଓ ସାଂସ୍କୃତିକ ମାନସିକତା ଅନ୍ତରାଳରେ ପରିବେଶ ପ୍ରଦୂଷଣ ଜନିତ ଭୟଙ୍କର ସମସ୍ୟାଟି ଲୁଚିଯାଏ।

ଆଜି ସହରାଞ୍ଚଳ ଗୁଡିକରେ ଥିବା ପୋଖରୀରେ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଗାଧୋଉ ନାହାନ୍ତି। ଏଭଳି ସଚେତନ ଥିବା ବ୍ୟକ୍ତିମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାକୃତିକ ତଥା କୃତ୍ରିମ ଜଳାଶୟ ଗୁଡିକୁ ପରିଷ୍କାର ରଖିବା ଦିଗରେ ଚିନ୍ତାକରିବା ଆବଶ୍ୟକ। କାର୍ତ୍ତିକ ପୂର୍ଣ୍ଣମୀ ଦିନ ବିଭିନ୍ନ ଜଳ ଉତ୍ସ ଗୁଡିକର ସର୍ବାଧିକ ପ୍ରଦୂଷଣ ହେଉଥିବା ଲକ୍ଷ୍ୟ କରାଯାଉଛି। ଏଣୁ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ "ଜଳ ଉତ୍ସ ସୁରକ୍ଷା ଦିବସ" ଭାବରେ ପାଳନ କରି ସବୁ ଜଳାଶୟ ଗୁଡିକୁ ବିଭିନ୍ନ ପ୍ରକାର ପ୍ରଦୂଷଣରୁ ମୁକ୍ତ କରିବାପାଇଁ ପରିଷ୍କାର କରାଯିବା କାର୍ଯ୍ୟକ୍ରମକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରାଯିବାର ସମୟ ଆସିଯାଇଛି।

ଏକଥା ମନେ ରଖିବାକୁ ପଡିବ ଯେ ଜଳ ହିଁ ଜୀବନ ଏବଂ ପ୍ରଦୂଷିତ ଜଳ ମାନବ ସମାଜର ତଥା ପ୍ରାଣୀ ଜଗତର ସର୍ବାଧିକ କ୍ଷତି ଘଟାଉଛି। ନିକଟରେ ହୋଇଯାଇଥିବା ଦୁର୍ଗାପୂଜା ଏବଂ ଅନ୍ୟାନ୍ୟ ପୂଜା ଗୁଡିକ ପରେ ମୂର୍ତ୍ତି ବିସର୍ଜନ ଦ୍ୱାରା ଜଳପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଗାଡିଆ ଖୋଳି ସେଥିରେ ବିସର୍ଜନ ବ୍ୟବସ୍ଥା ବିଭିନ୍ନ ସ୍ଥାନରେ ସ୍ଥାନୀୟ ପ୍ରଶାସନ ମାନେ କରିଛନ୍ତି। ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପାରମ୍ପରିକ ଜଳଉତ୍ସ ନଦୀ, ପୋଖରୀ ଗଡିଆ ଆଦି ଜଳାଶୟରେ ବୋଇତ ବନ୍ଦାଣ ପରିବର୍ତ୍ତେ ମୂର୍ତ୍ତି ବିସର୍ଜନ ଶୈଳୀରେ କିଛି ଜଳାଶୟ ତିଆରି ସେଠାରେ କରାଗଲେ ଜଳ ଉତ୍ସ ଗୁଡିକ ପ୍ରଦୂଷଣରୁ ମୁକ୍ତ ରହି ପାରିବ । ଆସନ୍ତୁ ଏହିଦିନ ଜଳଉତ୍ସ ଗୁଡିକୁ ପରିଷ୍କାର କରିବା ନିମିତ୍ତ ଉଦ୍ୟମକରିବା ।


ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋବାଇଲ୍: ୯୩୩୭୦୧୫୮୮୨




# କଳାପଟା ବନାମ ଡିଜିଟାଲ ବୋର୍ଡ



**କିଶୋର ଚନ୍ଦ୍ର ବେହେରା**

ଜାତୀୟ ଶିକ୍ଷା ନୀତି ୨୦୨୦ ର ପୃଷ୍ଠଭୂମିରେ ଆମେ ଯଦି ପରଖିବା ତେବେ ଆବଶ୍ୟକୀୟ ଭୌତିକ ସୁବିଧା ବିଦ୍ୟାଳୟ, ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ସ୍ତରରେ ରୂପାନ୍ତରୀକରଣ ମାଧ୍ୟମରେ ତାହା ପର୍ଯ୍ୟାୟ କ୍ରମେ ଉପଲବ୍ଧ କରାଯାଉଛି। ଶିକ୍ଷାର ଶରୀର ହେଉଛି ଶିକ୍ଷୟତନ କିନ୍ତୁ ଆତ୍ମା ହେଉଛି ଛାତ୍ରଛାତ୍ରୀଙ୍କ ଉଭୟ ଶୈକ୍ଷିକ ଓ ଅଣଶୈକ୍ଷିକ କ୍ଷେତ୍ରରେ ସାମଗ୍ରିକ ବିକାଶ। ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଯେଉଁ କେତୋଟି ବିଷୟ ଉପରେ ଆମର ସାମଗ୍ରିକ ପ୍ରୟାସ ଲୋଡ଼ା ସେଗୁଡିକ ପ୍ରତି ସରକାରୀ ଉଦ୍ୟମ ଭିତରେ ସୀମିତ କଲେ ଶିକ୍ଷା ବିଭାଗର ବୃହତର ଆକାଂକ୍ଷା ସଫଳ ହୋଇପାରିବ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେଇ ବଦଳାଉଛନ୍ତି ପାଠପଢା ଢାଞ୍ଚା। ଚାଳିଆ ଘରର ଚାଟଶାଳୀ ପାଠ ଆଉ ନାହିଁ, ଏବେ ସବୁଠି ସୁନ୍ଦର କୋଠା ଘର। ତା' ଭିତରେ ପିଲାଙ୍କୁ ଦିଆଯାଉଛି ଗୁଣାତ୍ମକ ଶିକ୍ଷା ପାଠପଢା ସାଙ୍ଗକୁ ପିଲାଙ୍କ ଶାରୀରିକ, ମାନସିକ ଯତ୍ନ ପ୍ରତି ବି ଧ୍ୟାନ ଦିଆଯାଉଛି । ପିଲାଙ୍କ ସୁରକ୍ଷା ଲାଗି ଶିକ୍ଷାନୁଷ୍ଠାନର ଚାରିପାଖରେ ବୁଲିଛି ପାଚେରି । ତାହାରି ଭିତରେ ଖେଳୁଛନ୍ତି ଓ ବୁଲୁଛନ୍ତି ଛାତ୍ରଛାତ୍ରୀ । କଳାପଟା ପରିବର୍ତ୍ତେ ଏବେ ବିଦ୍ୟାଳୟ ଗୁଡିକ ଆଧୁନିକ ଜ୍ଞାନକୌଶଳର ଡିଜିଟାଲମୁହାଁ ହେବାରେ ଲାଗିଛନ୍ତି । ପ୍ରତିବର୍ଷ ବଦଳି ଚାଲିଛି ପାଠପଢାର ଶୈଳୀ । ଘରୋଇ ବିଦ୍ୟାଳୟଗୁଡିକ ଅତ୍ୟାଧୁନିକ ପ୍ରଣାଳୀରେ ପିଲାଙ୍କୁ ଶିକ୍ଷା ଦେଉଥିବା ବେଳେ ଏବେ ସରକାରୀ ବିଦ୍ୟାଳୟ ମଧ୍ୟ ଏ ଦିଗରେ ପଦକ୍ଷେପ ନେଲାଣି। ଡିଜିଟାଲ ବୋର୍ଡରେ ପାଠପଢା ଶ୍ରେଣୀଗୃହରୁ ହଟୁଛି କଳାପଟା । ଅତ୍ୟାଧୁନିକ ଜ୍ଞାନକୌଶଳରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଉଛି । ଶ୍ରେଣୀଗୃହରେ ଥିବା କଳାପଟା ବଦଳରେ ଗତ କିଛି ବର୍ଷ ହେଲା ବିଦ୍ୟାଳୟଗୁଡିକ ଡିଜିଟାଲ ବୋର୍ଡର ବ୍ୟବହାର କରୁଛନ୍ତି । ଓଡିଶା ସରକାରଙ୍କ "ବିଦ୍ୟାଳୟ ରୂପାନ୍ତରୀକରଣ " କାର୍ଯ୍ୟକ୍ରମ ଅନ୍ତର୍ଗତ ଅଗ୍ରସର ହେଉଥିବା ବିଦ୍ୟାଳୟ ସମୂହ ପ୍ରକୃତରେ ଶିକ୍ଷାରେ ଓଡ଼ିଶାର ଅଗ୍ରଗତି ସମ୍ପର୍କରେ ଏକ ଆଖି ଦୃଶିଆ ମାଇଲ ଖୁଣ୍ଟ। ଆଗରୁ ସରକାରୀ ବିଦ୍ୟାଳୟ କହିଲେ ଆମ ମନରେ ଧାରଣ ଥିଲା ଯେ ଗ୍ରାମର ସବୁଠାରୁ ଅବହେଳିତ କୋଠା, ସବୁଠାରୁ କମ ଶୈକ୍ଷିକ କାର୍ଯ୍ୟ ସମ୍ପାଦନା ହେଉଥିବା ଅନୁଷ୍ଠାନ, ଛାତ୍ର ଛାତ୍ରୀ ଅନୁପାତରେ ସବୁଠାରୁ ନିକୃଷ୍ଟ ଧରଣର ଶିକ୍ଷକ, ତଥା ଅତି ନିମ୍ନ ମନର ଉପସ୍ଥାନ ହାର ଥିବା ଏହି ଧାରଣା। କୁ ବିଶେଷ କରି ଗତ କିଛି ବର୍ଷ ର ରୂପାନ୍ତରୀକରଣ ଭୁଲ ପ୍ରମାଣିତ କରିଛି। ପାରମ୍ପରିକ ଶିକ୍ଷାବ୍ୟବସ୍ଥା ଠାରୁ ସଂପ୍ରତି ଶିକ୍ଷାବ୍ୟରେ ଅନେକ ପରିବର୍ତ୍ତନ ଆସିଥିଲେ ମଧ୍ୟ କଳାପଟା ଓ ଧଳା ଚକ୍ ଖଡିର ବ୍ୟବହାର ଆଜିବି ଲୋପ ପାଇନାହିଁ, ଯଦିଓ ବ୍ୟବହାରିକ ଦୃଷ୍ଟିରୁ ସମ୍ୟକ୍ ହ୍ରାସ ପାଇଛି। ଛୋଟ ଶିଶୁଟିର ପାଠପଢା ଯେତେବେଳେ ଆରମ୍ଭ ହୁଏ ସେ ସର୍ବପ୍ରଥମେ ଗଣେଶ ପୂଜା କିମ୍ବା ସରସ୍ୱତୀ ପୂଜାରୁ ହିଁ ତା'ର ପାଠପଢ଼ା ଆରମ୍ଭ କରିଥାଏ ସେତେବେଳେ ଆବଶ୍ୟକତା ପଡ଼ିଥାଏ ମାଟି ସିଲଟ ଓ ଖଣ୍ଡେ ଧଳା ଚକ୍ ଖଡି। □ରୁ ଆରମ୍ଭ ହୋଇଥାଏ ପାଠ ପଢ଼ିବାର ପ୍ରଥମ ଶବ୍ଦ। ଛାତ୍ର ଜୀବନରୁ ଶିକ୍ଷକତା ପର୍ଯ୍ୟନ୍ତ ସଦା ସଦାସର୍ବଦା ଆବଶ୍ୟକତା ପଡ଼ିଥାଏ କାନ୍ଥରେ ଲଗାହୋଇଥିବା କଳା କିମ୍ବା ଗାଢା ସବୁଜ ରଙ୍ଗର କଳାପଟା ସେ ହୋଇଥାଉପଛା ସିମେଣ୍ଟ କିମ୍ବା ପ୍ଲାଷ୍ଟିକ ନିର୍ମିତ। ଶିକ୍ଷକଟିଏ ପାଠପଢାଇଲା ବେଳେ ଆବଶ୍ୟକ ନଥାଏ କମ୍ପ୍ୟୁଟର କିମ୍ବା ବିଦ୍ୟୁତର ବ୍ୟବହାର। ଆନନ୍ଦ ଅନୁଭବ ହୁଏ ଚକ୍ ଖଡିର ଧଳା ଗୁଣ୍ଡ ଅଜାଣତରେ ଲାଗିଥାଏ ମୁହଁରେ ଏବଂ ପୋଷାକରେ। ଏଭଳି ସମୟ ଆସେ ଶିକ୍ଷକ ଟିଏ ଝାଡଣରେ ଯେତେବେଳେ କଳାପଟା ସଫାକରିଥାନ୍ତି ଧଳା ଗୁଣ୍ଡ ଉଡି ସମସ୍ତ କଳା ଚୁଟି ଅଳ୍ପ ସମୟ ପାଇଁ ଧଳା ପାଲଟିଯାଏ ପ୍ରାପ୍ତ ବୟସ୍କଙ୍କ ପରି ଦେଖାଯାଏ ସେତେବେଳେ ଶ୍ରେଣୀଗୃହରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନେକ ଆଲୋଚନା ହେବାସହ ପରସ୍ପର ମଧ୍ୟରେ ମୁରୁକି ମୁରୁକି ହସୁଥାନ୍ତି। ବାସ୍ତବରେ ସେ ସମୟରେ ଶିକ୍ଷକ ଟିଏ ଆନନ୍ଦ ଅନୁଭବ କରେ ସେହି କୁନିକୁନି ପିଲାଙ୍କର ହସକୁ ଦେଖି। ଶ୍ରେଣୀ ଗୃହରେ ଶିକ୍ଷକ ଅନୁପସ୍ଥିତ ଥିଲାବେଳେ ପିଲାମାନେ ଚକ୍ ଖଡିର ଧଳା ଗୁଣ୍ଡକୁ ନେଇ ପରସ୍ପର ଭିତରେ ବୋଳା ବୋଳି ହୋଇ ଫେରାଦ ହୁଅନ୍ତି ଓ ଶିକ୍ଷକ ମଧ୍ୟ ଆକଟ କରନ୍ତି ପରବର୍ତ୍ତୀ ସମୟରେ ଏଭଳି ନକରିବା ପାଇଁ। ଅପରପକ୍ଷରେ ବିଦ୍ୟାଳୟଗୁଡିକରେ ଇତି ମଧ୍ୟରେ ଶ୍ରେଣୀଗୃହରେ ଡିଜିଟାଲ ବୋର୍ଡ ଲଗାଇ ସାରିଲେଣି। ପ୍ରତି ଶ୍ରେଣୀଗୃହରେ ଶିକ୍ଷକମାନେ ଡିଜିଟାଲ ବୋର୍ଡରେ ପଢାଉଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ, କମ୍ପ୍ୟୁଟର, ଡିସ୍ ପ୍ଲେ ବୋର୍ଡ, ପ୍ରୋଜେକ୍ଟର ଆଦିର ବ୍ୟବହାର କରି ଶ୍ରେଣୀଗୃହରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି । କେତେକ ଛୋଟ ଛୋଟ ସ୍କୁଲ ମଧ୍ୟ ଅନୁରୂପ ଭାବେ ଡିଜିଟାଲ ବୋର୍ଡ ବ୍ୟବସ୍ଥା ଆପଣାଉଛନ୍ତି । କିନ୍ତୁ ଏଥିପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ ହେଉଥିବାରୁ କେତେକ ବିଦ୍ୟାଳୟ ପଛଘୁଞ୍ଚା ମଧ୍ୟ ଦେଉଛନ୍ତି। ବଦଳୁଥିବା ସମୟରେ ଭାରତରେ ଡିଜିଟାଲ ଶିକ୍ଷାନୀତି କେତେ ଆବଶ୍ୟକ ଏବଂ ଏହାର ଦାବି ଅଛି କି ନାହିଁ ତାହା ଆଲୋଚନାର ବିଷୟ ନିଶ୍ଚୟ।

ପ୍ରାଥମିକ ଶିକ୍ଷାଠୁ ଆରମ୍ଭ କରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାପାଠ୍ୟକ୍ରମରେ ପରିବର୍ତ୍ତନର କଥା ଏହି ନୂଆ ଶିକ୍ଷାନୀତିରେ ସ୍ଥାନ ପାଇଲା। ନୂଆ ଶିକ୍ଷାନୀତିର ଦସ୍ତାବିଜରେ ମୋବାଇଲ୍ ଆପ୍ ଡିଜିଟାଲ ଶିକ୍ଷା, ମୂଲ୍ୟାଙ୍କନରେ ଅଧିକରୁ ଅଧିକ ଇଲେକ୍ଟ୍ରୋନିକ୍ ମାଧ୍ୟମକୁ ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ କଟୁ ବାସ୍ତବିକତା ହେଉଛି ଆମ ପିଲାମାନଙ୍କ ପାଖରେ ଏହି ଡିଜିଟାଲ ପଢିବା ସାମଗ୍ରୀ ନାହିଁ। ଶିକ୍ଷକ ମଧ୍ୟ ଏ ସଂପର୍କରେ ପ୍ରଶିକ୍ଷଣ ପାଇନାହାନ୍ତି। ସମସ୍ତ ଶିଶୁଙ୍କ ପାଖରେ ଏ ସଂପର୍କିତ ଉପକରଣ ଉପଲବ୍ଧ ନାହିଁ। ଏହି ଅଭାବକୁ ନେଇ ଡିଜିଟାଲ ଶିକ୍ଷା ପାଇଁ ନୂଆ ନୀତି କେତେ ଆଗକୁ ବଢିବ ତାହା ପ୍ରଶ୍ନବାଚୀ ନିଶ୍ଚୟ। ଡିଜିଟାଲ ପ୍ଲାଟଫର୍ମରେ ଶିଶୁଙ୍କୁ ସମ୍ବୋଧନ କରାଯାଉଛି। ଏହା ପୂର୍ବରୁ ପ୍ରସ୍ତୁତ ଭିଡ଼ିଓର ପ୍ରଦର୍ଶନ କରାଯାଉଛି ଯାହା ଡିଜିଟାଲ ଶିକ୍ଷା ଅନ୍ତର୍ଗତ ନୁହେଁ। ବ୍ୟୟବହୁଳ ଦୃଷ୍ଟିରୁ ଡିଜିଟାଲ ବୋର୍ଡର ଅଧିକ ଖର୍ଚ୍ଚ ହେଉଥିବା ବେଳେ ସ୍ୱଳ୍ପ ଖର୍ଚ୍ଚରେ ପାରମ୍ପରିକ କଳାପଟାରେ ଖର୍ଚ୍ଚ ହୁଏ। ଦୃଷ୍ଟି ଶକ୍ତି କ୍ଷେତ୍ରରେ ଆଖି ଉପରେ ଡିଜିଟାଲ ବୋର୍ଡର ପ୍ରଭାବ ପଡିଥାଏ କିନ୍ତୁ କଳାପଟାରେ ପାଠପଢା ଦ୍ୱାରା ସେଭଳି ଗୁରୁତର ପ୍ରଭାବ ପଡିନଥାଏ। ଆଧୁନିକ ପ୍ରଣାଳୀରେ ନିର୍ମିତ ଡିଜିଟାଲ ବୋର୍ଡର ସମସ୍ୟା ପରିଲକ୍ଷିତ ହେଲେ ପାଠପଢ଼ାରେ କିଛି ଦିନ ବ୍ୟାଘାତ ହୋଇଥାଏ ବିଶେଷଜ୍ଞମାନେ ସଜାଡ଼ିଲା ପର୍ଯ୍ୟନ୍ତ କିନ୍ତୁ କଳାପଟାରେ ସେହି ଭଳି କୌଣସି ସମସ୍ୟା ଦେଖାଦିଏ ନାହିଁ। ଗ୍ରାମାଞ୍ଚଳରେ ଆଧୁନିକ ଶିକ୍ଷା ପ୍ରଣାଳୀକୁ ଆପଣେଇବାକୁ ହେଲେ ସର୍ବପ୍ରଥମେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିବାର ଆବଶ୍ୟକତା ପଡ଼ିଥାଏ। ଶିକ୍ଷାର ବିକାଶ ନିମନ୍ତେ ଉନ୍ନତ ଭିତ୍ତିଭୂମି ଠାରୁ ଆରମ୍ଭ କରି ଆଧୁନିକ ପ୍ରଣାଳୀର ଯେତିକି ଗାମ୍ଭିର୍ଯ୍ୟ ରହିଛି ପାରମ୍ପରିକ ପଦ୍ଧତିର ପଦମର୍ଯ୍ୟାଦା ସେତିକି ମଧ୍ୟ ରହିଛି। ଏକ ଉତ୍କର୍ଷ ବିଦ୍ୟାଳୟ ତାହାକୁ କହିବା ଯେଉଁଠି ସୁନ୍ଦର ପରିବେଶ , ସୁରକ୍ଷିତ ଜୀବନ ଓ ଉପଯୁକ୍ତ ଜ୍ଞାନ ପ୍ରଦାନ କରାଯାଏ। ଶିକ୍ଷାୟତନ ଏଭଳି ଏକ ସ୍ଥାନ ଯେଉଁଠି ଭିତ୍ତି ସଂରଚନା ଉତ୍କୃଷ୍ଟ ତଥା ଉଭୟ ଭୌତିକ ଓ ମାନବ ସମ୍ବଳ ସନ୍ତୁଳିତ ହିସାବରେ ସମସ୍ତ ଶିକ୍ଷାର୍ଥୀ ମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେଉଥିବ।


**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, ଜିଲ୍ଲା: କୋରାପୁଟ, ଯୋଗାଯୋଗ ୯୪୩୭୯୫୫୫୬୮**


# ଚନ୍ଦକାରୁ ଲୋପ ପାଇବେ ପଶୁ-ପକ୍ଷୀ



**ଦୀପ୍ତିମୟୀ ନାୟକ**

ରାଜ୍ୟର ଉପକୂଳ ଅଞ୍ଚଳରେ ପରିବେଶର ଭାରସାମ୍ୟ ରକ୍ଷାରେ ଚନ୍ଦକା ଜଙ୍ଗଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏହି ଜଙ୍ଗଲ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି।ଏହାର ଆୟତନ କମିବା ସହିତ ଏଠାରେ ଥିବା ଜୀବଜନ୍ତୁଙ୍କ ସଂଖ୍ୟା ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଉତ୍ତର ପଶ୍ଚିମ କୋଣରେ ଏହି ଜଙ୍ଗଲ ଅବସ୍ଥିତ। ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ଖୋର୍ଦ୍ଧା ପାର୍ବତ୍ୟ ଅଞ୍ଚଳର ଜୈବିକ କ୍ଷେତ୍ରକୁ ଲାଗିକରି ଚନ୍ଦକା ଅଭୟାରଣ୍ୟ ୧୭୫.୭୯ ବର୍ଗ କିଲୋମିଟର (୬୭.୮୭ ବର୍ଗ ମିଟର) ବ୍ୟାପୀଛି। ଖୋର୍ଦ୍ଧା ଓ କଟକ ଜିଲ୍ଲାର ଜଙ୍ଗଲ ଜମି ଓ ଛୋଟବଡ ପାହାଡ଼କୁ ନେଇ ଏହା ଗଠିତ। ଏହା ଡିସେମ୍ବର ୧୯୮୨ରେ ହାତୀ ଅଭୟାରଣ୍ୟ ଭାବେ ମାନ୍ୟତା ପାଇଥିଲା। ଚନ୍ଦକା ଜଙ୍ଗଲ ଅଂଚଳରେ ଥିବା ଉଦଭିଦ ଜଗତ ୬ଟି ଭାଗରେ ବିଭକ୍ତ ଏଗୁଡ ହେଉଛି। ମାଧ୍ୟମିକ ଆର୍ଦ୍ର ଅର୍ଦ୍ଧ-ଚିରହରିତ ଅରଣ୍ୟ, ଆର୍ଦ୍ର କାଙ୍ଗଡା ଅରଣ୍ୟ, ଉପକୂଳିଆ ଶାଳ ଅରଣ୍ୟ, ସମସ୍ୟାବହୁଳ କଣ୍ଟକପୂର୍ଣ୍ଣ ବାଉଁଶ ଜଙ୍ଗଲ ଓ ଇଉପଟୋରିଅମ ଗୁଳ୍ମ। ବୃକ୍ଷମାନଙ୍କ ମଧ୍ୟରେ କୋଚିଲା , କାଇଁଚ, ବେଲ, କାଙ୍ଗଡା, ଗିରଙ୍ଗା, ସୁନାରି, ଶାଳ, କୁମ୍ଭି, ଜାମୁ, କରଞ୍ଜ, ବେତ ଓ ଶିଧ ଇତ୍ୟାଦି ଦେଖିବାକୁ ମିଳେ। କଣ୍ଟା ବାଉଁଶ ବୁଦା ବହୁତ ସୀମିତ ସ୍ଥାନରେ ରହିଛି। ଔଷଧୀୟ ଗଛମାନଙ୍କ ମଧ୍ୟରେ ଗୁ ଡମାରୀ, ବାଇଡଙ୍ଗ, ବୃଦ୍ଧଦାରକ, ଭୁଇଁନିମ୍ବ, ଗୁଳୁଚି ଲତା, ସାଲପରନି, ଶତାବରୀ, ଭୁଇଁ-କଖାରୁ, ଇନ୍ଦ୍ରଜବ, ଥାଳକୁଡି, ଅପମାରଙ୍ଗ, କୁର୍ଚି, ପାତାଳ ଗରୁଡ ଇତ୍ୟାଦି ଦେଖାଯାଏ। ଉନବିଂଶ ଶତାବ୍ଦୀରେ ଏହି ଅରଣ୍ୟ ଘଞ୍ଚ ଥିଲା ବିଭିନ୍ନ ଜୀବଜନ୍ତୁ ରହୁଥିଲେ ବର୍ତ୍ତମାନ ଏହି ଚନ୍ଦକା ଅଭୟାରଣ୍ୟ ଆଜି ବିଲୁପ୍ତ ମାର୍ଗରେ। ଏହି ଘଞ୍ଚ ଅରଣ୍ୟ ଭରା ସେହି ଜଙ୍ଗଲ ଯେଉଁଠି ବିପୁଳ ପରିମାଣରେ ସମ୍ପଦ ଭରି ରହିଥିଲା ତଥା ବିଭିନ୍ନ ପ୍ରକାର ପ୍ରଜାତିର ଜୀବଜନ୍ତୁ, ପଶୁ, ପକ୍ଷୀ ଯାହାକି ଧୀରେ ଧୀରେ ମଧ୍ୟ ଲୋପ ପାଇବାରେ ଲାଗିଛି। ଦିନ ଥିଲା ଜନ ଜୀବନ ଜୀବିକାର ମୁଖ୍ୟ ଆଧାର ଏହି ଜଙ୍ଗଲ ଥିଲା। ଆଜି ବିଲୁପ୍ତ ମାର୍ଗରେ ପଡିଯାଇଛି। ଜଙ୍ଗଲ କାଟି ମନୁଷ୍ୟ ସେଠାରେ ଘର କରୁଛି ଫଳରେ ଅନେକ ପ୍ରକାରର ବନ୍ୟ ପ୍ରାଣୀ ବିଲୁପ୍ତ ହୋଇଯାଉଛନ୍ତି। କିଙ୍ଗ୍‌କୋବ୍ରା, ଡାଏନା ମଙ୍କି, ହୁଲୁକୁ ଗିବନ ଆଦି ଅନେକ ପ୍ରାଣୀ ବିଲୁପ୍ତପ୍ରାୟ ଏପରି କି ଭାରତୀୟ ଚିତାର ବି ଏଥିରୁ ନିସ୍ତାର ନାହିଁ।





ବିଶ୍ୱ ସର୍ଜନାରେ ମଣିଷ ହିଁ ଭଗବାନଙ୍କର ଶ୍ରେଷ୍ଠ କୃତି। ଆହାର, ବିହାର, ନିଦ୍ରା, ମୈଥୁନ ଓ ଭୟ ପଶୁପକ୍ଷୀଙ୍କର ରହିଛି, ମଣିଷର ବି। ମାତ୍ର ମନ, ବୁଦ୍ଧି, ବିବେକ ମଣିଷକୁ ଶ୍ରେଷ୍ଠ ଜୀବ ଭାବରେ ପରିଚିତ କରିଛି। ମଣିଷର କ୍ଷୁଧା ବିବିଧ ଓ ବହୁମୁଖୀ। ସେ ସଦା ଅସନ୍ତୁଷ୍ଟ। ତା'ର ଅଲକ୍ଷ୍ୟରେ ରହିଛି ଏକ ଐଶ୍ୱରୀୟ ଆଦର୍ଶର ଅନ୍ୱେଷା ଓ ଆହ୍ୱାନ। ସେହି ଚେତନାରେ ଉପନୀତ ହେଲେ ସେ ସ୍ୱତଃ ଅନୁଭବ କରିବ ବଣ, ପାହାଡ଼, ନଦୀ, ଝରଣା, ପଶୁପକ୍ଷୀ, ଜଳବାୟୁ, ଉଦ୍ଭିଦ ଓ ଜୀବଜଗତ ସମସ୍ତେ ନିୟତିର ନୀତିରେ ବନ୍ଧା ଏବଂ ସମସ୍ତଙ୍କର ଆବଶ୍ୟକତା ରହିଛି।ପରିବେଶର ଭାରସାମ୍ୟ ରକ୍ଷା ପାଇଁ ଚନ୍ଦକା ଜଙ୍ଗଲର ସୁରକ୍ଷା ଜରୁରୀ।


ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ: ୯୦୯୦୬୬୧୫୮୬

# କୁକି ସଙ୍ଗଠନର ମଣିପୁର ବନ୍ଦ

**ଇମ୍ଫାଲ, ୧୨।୧୧:** ପୁଣି ଅଶାନ୍ତ ହୋଇପଡିଛି ମଣିପୁର। ଗତ ବର୍ଷ ମେ' ୩ ତାରିଖରେ ଆରମ୍ଭ ହୋଇଥିବା ହିଂସା ଥମିବାର ନା ନେଉ ନାହିଁ। ଗତ ଚାରି ଦିନ ମଧ୍ୟରେ ରାଜ୍ୟରେ ୮ ଟି ବିଭିନ୍ନ ହିଂସା ଘଟଣା ସାମ୍ନାକୁ ଆସିଛି। ଗତକାଲି ସିଆର୍‌ଏଫ୍ ଗୁଳିରେ ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟରେ ଦୁଇ ଜଣ ଯବାନ ଆହତ ମଧ୍ୟ ହୋଇଛନ୍ତି। ଏହି ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମୃତ୍ୟୁ ପରେ କୁକି-ଜୋ-କାଉନସିଲ ଆଜି ୧୨ ଘଣ୍ଟିଆ ମଣିପୁର ବନ୍ଦ ଡାକରା ଦେଇଛି। ସକାଳ ଭୋର ୫ଟାରୁ ସନ୍ଧ୍ୟା ୬ଟା ଯାଏ ରାଜ୍ୟର ପାହାଡିଆ ଅଞ୍ଚଳରେ ସମ୍ପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଛି। ସେହିପରି ସୁରକ୍ଷା ଦୃଷ୍ଟିରୁ ଜିବିରାମ ଜିଲ୍ଲାରେ କର୍ଫ୍ୟୁ ଲାଗୁ କରାଯାଇଛି। କୁକି-ଜୋ-କାଉନସିଲିଂ କହିଛି ଯେ, ଜିରିବାମରେ ଘଟିଥିବା ଏହି ଦୁଃଖଦ ଘଟଣାରେ ସିଆର୍‌ପିଏଫ୍ ହାତରେ ଆମେ ଆମର କୁକି-ଜୋ ଗାଁର ୧୧ ଜଣ ସ୍ୱେଚ୍ଛାସେବୀଙ୍କୁ ହରାଇଛି। ଏମାନଙ୍କୁ ଅତି ନିର୍ମମ ଗୁଳିମାଡ଼ କରି ହତ୍ୟା କରାଯାଇଛି। ପୀଡିତମାନଙ୍କୁ ସମ୍ମାନ ଜଣାଇବା ଏବଂ ଆମର ସାମୂହିକ ଦୁଃଖ ଏବଂ ଏକତାକୁ ପ୍ରକାଶ କରିବା ପାଇଁ କୁକି-ଜୋ ପରିଷଦ ନଭେମ୍ବର ଆଜି ସକାଳ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି।

ଆମର ମୂଲ୍ୟବାନ ଗ୍ରାମ ସ୍ୱେଚ୍ଛାସେବୀଙ୍କ ହତ୍ୟା କେବଳ ସେମାନଙ୍କ ପରିବାର ପାଇଁ ନୁହେଁ, ସମଗ୍ର କୁକି-ଜୋ ସମ୍ପ୍ରଦାୟ ପାଇଁ ଏକ ଝଟକା। ଏହି ହିଂସାକୁ ଆମେ ଦୃଢ଼ ଭାବେ ନିନ୍ଦା କରୁଛୁ। ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ତୁରନ୍ତ ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରୁଛୁ ବୋଲି କୁକୁ ଜୋ କାଉନସିଲ କହିଛି। ସେପଟେ ଏହି ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଜିବିରାମ ଜିଲ୍ଲାରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲାଗୁ କରାଯାଇଛି। ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ହୋଇଥିବା ବୋରାବେକରା ପୁଲିସ ଷ୍ଟେସନ ପରିସରରେ ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ପାଇଁ ଏକ ରିଲିଫ୍ କ୍ୟାମ୍ପ ରହିଛି। ଆତଙ୍କବାଦୀମାନେ କ୍ୟାମ୍ପକୁ ମଧ୍ୟ ଟାର୍ଗେଟ କରିବାକୁ ଚେଷ୍ଟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ପରେ ସେଠାରେ ରହୁଥିବା ୫ ଜଣ ନିଖୋଜ ଅଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି।




ଆତଙ୍କବାଦୀମାନେ ଏହି ନାଗରିକଙ୍କୁ ଅପହରଣ କରିଛନ୍ତି ନା ଆକ୍ରମଣ ପରେ ସେମାନେ ଭୟରେ ଲୁଚି ରହିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସେମାନଙ୍କୁ ଖୋଜା ଚାଲିଛି। କେତେକ ସାମାଜିକ ବିରୋଧୀ ଉପାଦାନର ବେଆଇନ କାର୍ଯ୍ୟକଳାପ ହେତୁ ଏହି ଅଞ୍ଚଳରେ ଶାନ୍ତି ଏବଂ ଆଇନ ଶୃଙ୍ଖଳା ବ୍ୟାହତ ହେବାର ସମ୍ଭାବନା ରହିଛି। ମାନବ ଜୀବନ ତଥା ସମ୍ପତ୍ତି ପ୍ରତି ଗୁରୁତର ବିପଦ ରହିଛି। ତେଣୁ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଅନୁଯାୟୀ ସମଗ୍ର ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିବା ଅଧିକାରୀମାନେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୁଲିସ୍ ଓ ସିଆରପିଏଫ ଯବାନମାନେ କୁକି ଉଗ୍ରବାଦୀଙ୍କ ହମଲାକୁ ମୁକାବିଲା କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା। ଏଥିରେ ୧୧ ଜଣ କୁକି ଉଗ୍ରବାଦୀଙ୍କ ମୃତଦେହ ମିଳିଛି। ଏବେ ବି ସେଠାରେ ଆଉ କିଛି ଉଗ୍ରବାଦୀ ଲୁଚି ରହିଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। କୁକି ଉଗ୍ରବାଦୀଙ୍କ ହମଲାରେ କିଛି ଯବାନ ଓ ପୁଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି।

ଗୁରୁବାର ରାତିରେ ହମାର ଆଦିବାସୀ ସଂପ୍ରଦାୟର ଜଣେ ମହିଳାଙ୍କୁ ଜିରିବାମ ଜିଲ୍ଲାରେ ଦୁଷ୍କର୍ମ ପରେ ଗୁଳି କରି କରାଯାଇଥିଲା। ଏହାପରେ ତାଙ୍କୁ ପୋଡ଼ି ଦିଆଯାଇଥିଲା। ଘଟଣା ପଛରେ ମୈତେି ସଂପ୍ରଦାୟର ଆତଙ୍କବାଦୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଘଟଣାର ଦିନକ ପରେ ମୈତେି ସଂପ୍ରଦାୟର ଜଣେ ମହିଳାଙ୍କୁ କୁକି ବିଦ୍ରୋହୀମାନେ ଗୁଳି କରି ହତ୍ୟା କରିଥିଲେ। ମହିଳା ଜଣଙ୍କ ବିଷ୍ଣୁପୁର ଜିଲ୍ଲାରେ ଥିବା ତାଙ୍କ ଜମିରେ କାମ କରୁଥିଲେ। ଏହି ସମୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଦୁଇ ଘଟଣାକୁ ନେଇ ମଣିପୁର ପୁଣି ଅଶାନ୍ତ ହୋଇଥିବା ବେଳେ ଏବେ ୧୧ କୁକି ଉଗ୍ରବାଦୀଙ୍କ ନିହତ ଖବର ସାମ୍ନାକୁ ଆସିଛି।

## ଆଜି ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ଭୋଟ

**ରାଞ୍ଚି, ୧୨।୧୧:** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତାକାଲି ହେବାକୁ ଯାଉଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଭୋଟ ୪୩ଟି ଆସନରେ ଭୋଟ ଗ୍ରହଣ କରାଯିବ। ବାକି ୪୫ଟି ଆସନରେ ଆସନ୍ତା ୨୦ରେ ଭୋଟ ଗ୍ରହଣ କରାଯିବ। ୨୩ରେ ସବୁ ଆସନର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ଆସନ୍ତା କାଲି ସକାଳ ୭ଟାରୁ ୪୩ଟି ଆସନରେ ଭୋଟ ଗ୍ରହଣ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ମାଓ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଅନେକ ସ୍ଥାନରେ ଅଧିକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ବୁଥକୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଚାଲିଗଲେଣି। ଆସନ୍ତା କାଲି ଯେଉଁସବୁ ପ୍ରମୁଖ ନେତାଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ, ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ ଗୀତା କୋଡ଼ା, ରାଜ୍ୟସଭା ସଦସ୍ୟ ମହୁଆ ମାଝୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବାନା ଗୁପ୍ତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ପ୍ରମୁଖ। ଗତ କାଲି ସନ୍ଧ୍ୟାରେ ଏହିସବୁ ଆସନରେ ନିର୍ବାଚନ ପ୍ରଚାର ଶେଷ ହୋଇଥିଲା। ଏହି ପ୍ରଚାରରେ କଂଗ୍ରେସ ନେତା ରାହୁଲ ଗାନ୍ଧି, ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ନିଜ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ନିର୍ବାଚନରେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ ଏବଂ ବିଜେପି-ଜେଡିୟୁ-ଏଲଜେପି ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି।



## ମାଇକ୍ ୱାଲ୍ଟ ଟ୍ରମ୍ପଙ୍କ ନୂଆ ଜାତୀୟ ସୁରକ୍ଷା ପରାମର୍ଶଦାତା

**ୱାଶିଂଟନ, ୧୨।୧୧:** ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ଡୋନାଲ୍ଡ ଟ୍ରମ୍ପ ଆକ୍ସନ୍ ମୁଡରେ ଅଛନ୍ତି। ଚୀନ୍ ବିରୋଧରେ ତାଙ୍କ ରଣନୀତିକୁ ଆହୁରି ମଜବୁତ କରିବାକୁ ସେ ରିପବ୍ଲିକାନ୍ ପ୍ରତିନିଧୀ ମାଇକ୍ ୱାଲ୍ଟଙ୍କୁ ତାଙ୍କର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବରେ ନିଯୁକ୍ତ କରିଛନ୍ତି। ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଏକ ଗୁରୁତ୍ୱପୂର୍ଣ୍ଣ ପଦ ଯାହାକି ରାଷ୍ଟ୍ରପତିଙ୍କୁ ସିଧାସଳଖ ପରାମର୍ଶ ଦେଇଥାଏ। ଏହି ପଦବୀ ସିନେଟ୍ ନିଶ୍ଚିତକରଣ ଆବଶ୍ୟକ କରେ ନାହିଁ, ତେଣୁ ଏହା ରାଷ୍ଟ୍ରପତିଙ୍କ ପସନ୍ଦ ଦ୍ୱାରା ସିଧାସଳଖ ପୂରଣ ହୋଇପାରିବ। ଏହି ପଦବୀରେ ଥିବାବେଳେ ୱାଲ୍ଟଙ୍କୁ ପ୍ରମୁଖ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ଟ୍ରମ୍ପଙ୍କୁ ସୂଚନା ପ୍ରଦାନ କରିବା ଏବଂ ବିଭିନ୍ନ ସରକାରୀ ଏଜେନ୍ସି ସହ ସମନ୍ୱୟ ରକ୍ଷା କରିବାର ଦାୟିତ୍ୱ ରହିବ। ୫୦ ବର୍ଷିୟ ଅବସରପ୍ରାପ୍ତ କର୍ଣ୍ଣେଲ ମାଇକ ୱାଲ୍ଟ ସହ ଇଣ୍ଡିଆ କକ୍‌ସର ସହ-ଚେୟାରମ୍ୟାନ୍ ଅଟନ୍ତି। ସେ ଆମେରିକାର ସେନାର ଏକ ସ୍ୱତନ୍ତ୍ର ୟୁନିଟ୍ ଗ୍ରୀନ୍ ବେରେଟରେ କାମ କରିସାରିଛନ୍ତି। ସୂଚନାନୁସାରେ, ସେ ଚୀନ୍‌ର ଜଣେ ପ୍ରମୁଖ ସମାଲୋଚକ ଅଟନ୍ତି। ଏଭଳି ପରିସ୍ଥିତିରେ ଟ୍ରମ୍ପଙ୍କ ଏହି ପଦକ୍ଷେପ ଏହା ସଙ୍କେତ ଦେଉଛି ଯେ ସେ ଅଧିକ ଆକ୍ରମଣାତ୍ମକ ଭାବରେ ତାଙ୍କର ବୈଦେଶିକ ନୀତି ଆପଣାଇବାକୁ ପ୍ରସ୍ତୁତ ଅଛନ୍ତି। ମାଇକ୍ ୱାଲ୍ଟ ୨୦୧୯ରୁ ଆମେରିକା ସଂସଦର ସଦସ୍ୟ ଅଟନ୍ତି। ସେ ଟ୍ରମ୍ପଙ୍କ ଜଣେ ଦୃଢ଼ ସମର୍ଥକ ଏବଂ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ଅଗ୍ରାହ୍ୟ କରିବା ପାଇଁ ତାଙ୍କର ଉଦ୍ୟମକୁ ମଧ୍ୟ ସମର୍ଥନ ଜଣାଇଥିଲେ। ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନଙ୍କ ବୈଦେଶିକ ନୀତିର ସର୍ବାଧିକ ସମାଲୋଚକମାନଙ୍କ ମଧ୍ୟରେ ମାଇକ୍‌ଙ୍କୁ ଗଣନା କରାଯାଏ। ୨୦୨୧ ମସିହାରେ ଆଫଗାନିସ୍ତାନରୁ ଆମେରିକାର ସୈନ୍ୟ ପ୍ରତ୍ୟାହାରକୁ ନେଇ ସେ ବାଇଡେନଙ୍କୁ ଘେରି ଥିଲେ। ୟୁକ୍ରେନକୁ ସମର୍ଥନ କରିବାକୁ ମଧ୍ୟ ସେ ହିଁ ଆହ୍ୱାନ ଦେଇଥିଲେ।



## ମହାରାଷ୍ଟ୍ର କଂଗ୍ରେସ ମୁଖିଆଙ୍କ 'କୁକୁର' ବୟାନକୁ ନେଇ ବିବାଦ

**ମୁମ୍ବାଇ, ୧୨।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ମହାରାଷ୍ଟ୍ର କଂଗ୍ରେସ ମୁଖିଆ ନାନା ପାଟୋଲେ ବିଜେପି ପ୍ରତି ଅତ୍ୟନ୍ତ ବିବାଦୀୟ ଶବ୍ଦ ପ୍ରୟୋଗ କରିଛନ୍ତି। ଅକୋଲାରେ ଆୟୋଜିତ ରାଲିରେ ପାଟୋଲେ କହିଛନ୍ତି, "ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହୁଁଛି। ଅକୋଲା ଜିଲ୍ଲାର ଓବିସିମାନଙ୍କୁ କୁକୁର କହିଥିବା ବିଜେପିକୁ କ'ଣ ଆପଣମାନେ ଭୋଟ ଦେବେ? ଏବେ ବିଜେପିକୁ କୁକୁର ବନାଇବାର ସମୟ ଆସିଛି। ସେମାନେ ବହୁତ ଅହଙ୍କାରୀ ହୋଇଗଲେଣି। ମହାରାଷ୍ଟ୍ରକୁ ବିଜେପିକୁ ହଟାଇବାର ସମୟ ଆସି ଯାଇଛି। ମିଛର ପାହାଡ଼ ଜରିଆରେ ଏହି ଦଳ କ୍ଷମତାକୁ ଆସିଛି ଓ ଏବେ ତା'କୁ ଉପଯୁକ୍ତ ସ୍ଥାନକୁ ପଠାଇବାର ସମୟ ଆସିଯାଇଛି। ବିଜେପିର ଲୋକମାନେ ନିଜକୁ ଭଗବାନ ଓ ବିଶ୍ୱଗୁରୁ ବୋଲି ଭାବୁଛନ୍ତି। ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନାଭିସକୁ ନିଜକୁ ଭଗବାନ ମଣୁଛନ୍ତି।" ତେବେ ପାଟୋଲେଙ୍କ କୁକୁର ବୟାନକୁ ବିଜେପି ଜୋରଦାର ବିରୋଧ କରିଛି। ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ଏପରି ବୟାନ କଂଗ୍ରେସର ହତାଶା ଭାବକୁ ଦର୍ଶାଉଛି ବୋଲି ବିଜେପି କହିଛି। ଦଳର ବରିଷ୍ଠ ନେତା କିରିତ ସୋମୈୟା କହିଛନ୍ତି, "ଏପରି ବୟାନ ମହା ବିକାଶ ଅଘାଡ଼ିର ନିମ୍ନ ମାନସିକତାକୁ ଦର୍ଶାଉଛି। ସେମାନେ ହତାଶା ଭାବରୁ ଆହୁରି ତଳକୁ ଖସି ଯାଇଛନ୍ତି। ଶରଦ ପାୱାର ଗୋଟିଏ କଥା କହୁଥିବା ବେଳେ ଉଦ୍ଧବ ଠାକରେ ନିର୍ବାଚନ କମିଶନଙ୍କୁ ସିଧାସଳଖ ଦୁର୍ବ୍ୟବହାର କରିଥିଲେ। ଏବେ ରାହୁଲ ଗାନ୍ଧିଙ୍କ କଂଗ୍ରେସ ପକ୍ଷରୁ ବିଜେପିକୁ ଗୋଟିଏ କୁକୁର କୁହାଯାଇଛି। ଏହା ପଛର କାରଣ ହେଲା ଓପିନିୟନ ପୋଲ କହୁଛି ଯେ ମହାରାଷ୍ଟ୍ରରେ ମହାୟୁତି ଏକତରଫା ବିଜୟ ହାସଲ କରୁଛି। ତେଣୁ ସେମାନଙ୍କ ଅସନ୍ତୋଷ ଓ ହତାଶା ଭାବକୁ ମୁଁ ବୁଝି ପାରୁଛି।" ଆସନ୍ତା ନଭେମ୍ବର ୨୦ ତାରିଖରେ ମହାରାଷ୍ଟ୍ରର ସମସ୍ତ ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟ ହେବ। ଏଥିପାଇଁ ସବୁ ରାଜନୀତିକ ଦଳ ଜୋରଦାର ପ୍ରଚାର ଜାରି ରଖିଛନ୍ତି।

## ଶାହରୁଖଙ୍କୁ ଧମକ ଦେଇଥିବା ଯୁବକ ଗିରଫ

**ମୁମ୍ବାଇ, ୧୨।୧୧:** ବଲିଉଡର ବାଦଶାହା ଶାହରୁଖ ଖାନଙ୍କୁ ମାରିବାକୁ ଧମକ ଦେଇଥିବା ବ୍ୟକ୍ତି ଗିରଫ। ମୁମ୍ବାଇ ପୋଲିସ ଧମକ ଦେଇଥିବା ବ୍ୟକ୍ତିକୁ ଛତିଶଗଡ ରାୟପୁରରେ ଗିରଫ କରି ପଚରାଉଚରା କରୁଛି। ମୁମ୍ବାଇ ପୋଲିସକୁ ପାଖକୁ ଆସିଥିବା ଧମକପୂର୍ଣ୍ଣ କଲରେ ଶାହରୁଖ ଖାନଙ୍କୁ ମାରିବା ପାଇଁ ଧମକ ମିଳିଥିଲା। ଏହାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସନ୍ଦିଗ୍ଧ ପତ୍ତା ଲାଗିଥିଲା। ଶାହରୁଖଙ୍କୁ ଧମକ ବିଷୟରେ ବାନ୍ଦ୍ରା ପୋଲିସକୁ ସୂଚନା ମିଳିଥିଲା। ନଭେମ୍ବର ୫ ତାରିଖରେ ବାନ୍ଦ୍ରା ପୋଲିସ ଷ୍ଟେସନକୁ ଫୋନ ଆସିଥିଲା। ଧମକ ଦେଇଥିବା ବ୍ୟକ୍ତି ୫୦ ଲକ୍ଷ ଟଙ୍କା ଦାବି କରି ଶାହରୁଖଙ୍କ ମାରିବାକୁ ଧମକ ଦେଇଥିଲା। ତେବେ ପ୍ରାଥମିକ ତଦନ୍ତ ପୋଲିସ ଜାଣିବାକୁ ପାଇଥିଲା କି ଧମକ ଆସିଥିବା ନମ୍ବର ଫୈଜାନ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରେଜିଷ୍ଟର ହୋଇଛି। କିନ୍ତୁ ଫୈଜାନଙ୍କ ସହିତ କଥା ହେବା ପରେ ତାଙ୍କ ଫୋନ ୨ ଦିନ ପୂର୍ବରୁ ଚୋରି ହୋଇଥିବା ସୂଚନା ମିଳିଥିଲା। ଫୋନ ଚୋରି ହୋଇଥିବା ମଧ୍ୟ ଯୁବକ ରାୟପୁର ଥାନାରେ ରିପୋର୍ଟ ମଧ୍ୟ କରିଥିଲେ। ହତ୍ୟା ଧମକ ପରେ ଶାହରୁଖଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏହାପରେ ଶାହରୁଖଙ୍କୁ ୱାଇ ପ୍ଲସ୍ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଶାହରୁଖଙ୍କ ଅଭିନୀତ ଫିଲ୍ମ 'ପଠାନ' ଓ 'ଜୱାନ'ର ସଫଳତା ପରେ ୨୦୨୩ ବେଳକୁ ତାଙ୍କୁ ଶେଷଥର ପାଇଁ ଏକ ହତ୍ୟା ଧମକ ମିଳିଥିଲା। ଗତକାଲି ମିଥୁନ ଚକ୍ରବର୍ତ୍ତୀଙ୍କୁ ହତ୍ୟା ଧମକ ମିଳିଥିଲା। ପାକିସ୍ତାନୀ ଡନ୍ ଶାହଜାଦ ଭଟ୍ଟି ଦୁବାଇରୁ ତାଙ୍କୁ ଧମକ ଦେଇଥିଲା। ସେ ଧମକ ଦେଇ କହିଥିଲା ଯେ ଯଦି ୧୫ ଦିନ ମଧ୍ୟରେ କ୍ଷମା ନ ମାଗନ୍ତି, ତେବେ ଏହାର ପରିଣାମ ଭୋଗିବାକୁ ପଡ଼ିବ। ଶାହଜାଦ ଭଟ୍ଟି ଦୁବାଇରୁ ଦୁଇଟି ଭିଡିଓ ଜାରି କରିଥିଲା। ଭଟ୍ଟି, ଲରେନ୍ସ ବିଷ୍ଣୋଇଙ୍କ ଘନିଷ୍ଠ। ଇଦ୍ ଅବସରରେ ସେ ବିଷ୍ଣୋଇଙ୍କୁ ଜେଲରେ ଭିଡିଓ କଲ୍ କରିଥିଲେ। ସେ ଏହା ମଧ୍ୟ ଦାବି କରିଛନ୍ତି କି, ସଲମାନ ଓ ଲରେନ୍ସଙ୍କ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ସେ ଚେଷ୍ଟା କରିଥିଲେ।

### ଆଦିତ୍ୟ ଠାକ୍‌ରେଙ୍କ ଦାବି

## ସିନ୍ଦେ ଗୋଷ୍ଠୀର ୮ ବିଧାୟକ, ଜଣେ ମନ୍ତ୍ରୀ ଯୋଗାଯୋଗରେ

**ପୁଣେ,୧୨।୧୧:** ମହାରାଷ୍ଟ୍ରରେ ଭୋଟଦାନ ପୂର୍ବରୁ ଉଦ୍ଧବ ଠାକରେଙ୍କ ପୁଅ ତଥା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ ଏକ ଦାବି କରି ରାଜନୈତିକ ଉଷ୍ମତା ବୃଦ୍ଧି କରିଛନ୍ତି। ସେ କହିଛନ୍ତି, ସିନ୍ଦେ ଗୋଷ୍ଠୀର ଆଠ ଜଣ ବିଧାୟକ ଏବଂ ଜଣେ ମନ୍ତ୍ରୀ ତାଙ୍କ ସହ ଯୋଗାଯୋଗ କରୁଛନ୍ତି। ଏମାନେ ଉଦ୍ଧବ ଠାକରେଙ୍କୁ କ୍ଷମା ମାଗିବାକୁ ଚାହୁଁଛନ୍ତି। ଆଦିତ୍ୟ ଠାକରେଙ୍କ ଏହି ଦାବି ଉପରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ତଥା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେ ପ୍ରତିକ୍ରିୟା ଦେଇଛନ୍ତି। ସେ ଆଦିତ୍ୟ ଠାକରେଙ୍କୁ ସେମାନଙ୍କ ନାମ କହିବା ପାଇଁ ଚ୍ୟାଲେଞ୍ଜ କରିଥିଲେ। ସେ ଠାକରେଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆଦିତ୍ୟ ଠାକରେଙ୍କୁ ପରାମର୍ଶ ଦେଇ ସେ କହିଥିଲେ, କହିବା ପୂର୍ବରୁ ସେ ଅନୁସନ୍ଧାନ କରିବା ଉଚିତ୍। ଏତେ ଲୋକ ଚାଲିଗଲେ, ସେମାନେ କାହିଁକି ଫେରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜୁନ ୨୦୨୨ରେ ଶିବସେନାରେ ବିଭାଜନ ହୋଇଥିଲା। ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ୪୦ ଜଣ ବିଧାୟକ ବିଦ୍ରୋହ କରିଥିଲେ ଏବଂ ଉଦ୍ଧବ ଠାକରେଙ୍କୁ ୨୯ ଜୁନ ୨୦୨୨ ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡିଥିଲା। ଆଦିତ୍ୟ ଠାକରେ କହିଛନ୍ତି, ବିଦ୍ରୋହୀମାନେ ଫେରି ଆସିବାକୁ ଚାହୁଁଛନ୍ତି କିନ୍ତୁ ଉଦ୍ଧବ ଠାକରେ ଏହା ସ୍ପଷ୍ଟ କରି ଦେଇଛନ୍ତି ଯେ ସେମାନଙ୍କୁ କ୍ଷମା କରାଯାଇପାରିବ ନାହିଁ। ଶିବସେନା ଭାଙ୍ଗିବା ପରେ ଏହା ହେଉଛି ପ୍ରଥମ ବିଧାନସଭା ନିର୍ବାଚନ। ଏହି ନିର୍ବାଚନ ଉଭୟ ଦଳ ପାଇଁ ବିଶ୍ୱସନୀୟତାର ପ୍ରଶ୍ନ ହୋଇ ରହିଛି। କଂଗ୍ରେସ ଏବଂ ଶରଦ ପାୱାରଙ୍କ ସହ ମିଳିତ ଭାବେ ନିର୍ବାଚନ ଲଢୁଥିବାବେଳେ ଏକନାଥ ଶିନ୍ଦେ ଭାଜପା ଏବଂ ଅଜିତ ପାୱାରଙ୍କ ସହ ଅଛନ୍ତି।



### ଦିନରେ କ୍ଲିନର, ବାର୍ବର ଓ ପେଣ୍ଟର

## ରାତିରେ କରୁଥିଲେ ବନ୍ଧୁକ କାରବାର

**ନୂଆଦିଲ୍ଲୀ, ୧୨।୧୧:** ଅର୍ଜୁନ ନାମକ ଜଣେ ଯୁବକ ଗୋଟିଏ ପଞ୍ଚ ତାରକା ହୋଟେଲରେ ରୁମ ସଫା କରିବା ସହ ଚଟଣାରେ ପୋଛା ଲଗାଇବା କାମ କରୁଥିଲା। ତେବେ ୨୫ ବର୍ଷୀୟ ଅର୍ଜୁନର ଅସଲ କାମକୁ କେହି ଜାଣି ନଥିଲେ। ଦିନରେ କ୍ଲିନର ଭାବେ କାମ କରୁଥିବା ଅର୍ଜୁନ ରାତିରେ ବିଭିନ୍ନ ଅପରାଧୀଙ୍କୁ ଚୋରାରେ ସପ୍ଲାଏ କରୁଥିଲା ବନ୍ଧୁକ। ୨୩ ବର୍ଷୀୟ ଅଜୟର ଥିଲା ମଧ୍ୟ ଗୋଟିଏ ଗୁପ୍ତ ଜୀବନ। ସେ ଗୋଟିଏ ସେଲୁନରେ କାମ କରୁଥିଲା। ଅର୍ଥାତ ସେ ବାର୍ବର ଭୂମିକାରେ ରହିଥିଲା। କିନ୍ତୁ ତା'ର ପ୍ରକୃତ ବ୍ୟବସାୟ ହେଲା ବନ୍ଧୁକ ବିକ୍ରି କରିବା। ବନ୍ଧୁକ କାରବାର କରୁଥିବା ଲୋକଙ୍କୁ ଧରିବା ପାଇଁ ଦିଲ୍ଲୀ ପୁଲିସ୍‌ର କ୍ରାଇମବ୍ରାଞ୍ଚ ଆରମ୍ଭ କରିଥିବା ଅପରେସନ ଗରୁଡ଼ ଜରିଆରେ ଅଜୟ ଓ ଅର୍ଜୁନ ସମେତ ମୋଟ ୧୮ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ କେହି ଦିନରେ ଶ୍ରମିକ, ପେଣ୍ଟର, ସେଲ୍ସମ୍ୟାନ, ସିକ୍ୟୁରିଟି ଗାର୍ଡ ଓ ଚାଷୀ ଭାବେ କାମ କରୁଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ କିଛି ଜଣ ବିଏ ଛାତ୍ର ମଧ୍ୟ ରହିଛନ୍ତି। ସମସ୍ତଙ୍କର ଲକ୍ଷ୍ୟ ଥିଲା ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ସହ ଅପରାଧିକ କାର୍ଯ୍ୟକଳାପ କରି କମ ସମୟରେ ଅଧିକ ଟଙ୍କା ରୋଜଗାର କରିବା। ସ୍ପେଶାଲ କମିଶନର ଦେବେଶ ଶ୍ରୀବାସ୍ତବଙ୍କ କହିବା କଥା ଯେ ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଏମିତି ଅନେକ ରହିଛନ୍ତି ଯେଉଁମାନଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ପ୍ରକାରର ମାମଲା ରହିଛି। କିଛି ଅଭିଯୁକ୍ତ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଲୁଟ, ବଟି ଆଦାୟ, ଦଙ୍ଗା, ଚୋରି ଓ ଆର୍ମସ ଆକ୍ଟ ଉଲ୍ଲଙ୍ଘନ ଭଳି ମାମଲାରେ ଜଡ଼ିତ। ଏମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରା ବନ୍ଧୁକ ଓ ଗୁଳିଗୋଳା ଜବତ କରାଯାଇଛି। ୪ଟି ସେମି ଅଟୋମେଟିକ ପିସ୍ତଲ, ୮ଟି ଦେଶୀ ବନ୍ଧୁକ, ଗୋଟିଏ ରାଇଫଲ, ୩୩ଟି ଜୀବନ୍ତ କ୍ୟାଟ୍ରିଜ ଓ ଗୋଟିଏ ଚୋରି କାରକୁ ପୁଲିସ୍ ଠାବ କରିଛି।

ଶ୍ରୀବାସ୍ତବ କହିଛନ୍ତି, ଦିଲ୍ଲୀରେ ଚାଲିଥିବା ବେଆଇନ ବନ୍ଧୁକ କାରବାର ବିରୋଧରେ ଏହା ବଡ଼ ସଫଳତା। ଅପରେସନର କୋଡ ନାଁ ଇଗଲ ବା ଗରୁଡ଼ ରହିଥିଲା। ଅତିରିକ୍ତ ସିପି ସଞ୍ଜୟ ଭାଟିଆ ଓ ଡିସିପି(କ୍ରାଇମ) ଭୀଷ୍ମ ସିଂହଙ୍କ ନେତୃତ୍ୱରେ ଦିଲ୍ଲୀ-ଏନସିଆରରେ କାରବାର କରୁଥିବା ବେପାରୀଙ୍କୁ ଟାର୍ଗେଟ କରାଯାଇଥିଲା। ନୋଏଡାରେ ଲୁଟ ପାଇଁ ଉଦ୍ୟମ କରୁଥିବା ଅର୍ଶଦ ଓ ମହମ୍ମଦ ସୁଲେମାନଙ୍କୁ ଧରାଯିବା ପରେ ଏତେ ବଡ଼ ରାକେଟର ପର୍ଦ୍ଦାଫାସ ହୋଇଛି। ପ୍ରଥମେ ପୂର୍ବ ଦିଲ୍ଲୀର ଗାଜିପୁରରେ ଥିବା ପେପର ମାର୍କେଟରେ ରେଡ କରାଯାଇଥିଲା। ପୁଲିସ୍ ଟିମ ଅର୍ଶଦ ଓ ସୁଲେମାନ ଯାଉଥିବା କାରକୁ ଅଟକାଇଥିଲା। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ପୁଲିସ୍‌କୁ ବନ୍ଧୁକ ଦେଖାଇଥିଲା। ତେବେ ପୁଲିସ୍ ଉଭୟଙ୍କୁ କାବୁ କରିବା ସହ ଗିରଫ କରିଥିଲା। କାରକୁ ଯାଞ୍ଚ କରିବା ପରେ ଗୋଟିଏ ପିସ୍ତଲ, କ୍ୟାଟ୍ରିଜ ଓ ଛୁରୀ ମିଳିଥିଲା। କାରକୁ ଚୋରି କରି ସେମାନେ ଲୁଟ ପାଇଁ ଯାଉଥିଲେ। ସେମାନଙ୍କୁ ଜେରା କରିବା ପରେ ବନ୍ଧୁକ କାରବାର କରୁଥିବା ବଡ଼ ନେଟୱାର୍କ ସମ୍ପର୍କରେ ସୂଚନା ମିଳିଥିଲା। ଅର୍ଶଦ ଓ ସୁଲେମାନ ଠାରୁ ସୂଚନା ପାଇ ପୁଲିସ୍ ଦିଲ୍ଲୀ ଓ ଏନସିଆରର ବିଭିନ୍ନ ସ୍ଥାନରେ ରେଡ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

ଗିରଫ ଅଭିଯୁକ୍ତମାନଙ୍କ ଲିଙ୍କ ବିଭିନ୍ନ ଗ୍ୟାଙ୍ଗ ସହ ରହିଛି। ଦିଲ୍ଲୀ, ଗାଜିଆବାଦ ଓ ବାଘପତରୁ ଗିରଫ ଅଭିଯୁକ୍ତମାନେ ଦିନ ବେଳା ସମସ୍ତଙ୍କ ଦୃଷ୍ଟିରୁ ବର୍ତ୍ତିବା ପାଇଁ ବିଭିନ୍ନ ପ୍ରକାରର କାମ କରୁଥିଲେ। କିନ୍ତୁ ରାତି ବେଳା ସେମାନେ ବନ୍ଧୁକ କାରବାର କରି ଟଙ୍କା ରୋଜଗାର କରୁଥିଲେ। ପୂରା ନେଟୱାର୍କର ମୁଖିଆ ହେଉଛି ୩୩ ବର୍ଷୀୟ ମଦନ। ତା' ନିର୍ଦ୍ଦେଶରେ ପୂରା ବନ୍ଧୁକ କାରବାର ଚାଲିଥିଲା। ମଦନର ମୂଳ ଘର ଉତ୍ତର ପ୍ରଦେଶର ଗାଜିଆବାଦରେ। ତା' ନାଁରେ ହତ୍ୟା ଠାରୁ ଆରମ୍ଭ କରି ଲୁଟ ଭଳି ୧୨ଟି ମାମଲା ରହିଛି ବୋଲି ସେ କହିଛନ୍ତି।

## ମୁଦ୍ରାସ୍ଫୀତି ୬.୨୧ ପ୍ରତିଶତକୁ ବୃଦ୍ଧି




**ନୂଆଦିଲ୍ଲୀ, ୧୨।୧୧:** ଅକ୍ଟୋବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨୧ ପ୍ରତିଶତକୁ ବୃଦ୍ଧି ପାଇଛି ଯାହାକି ୨୦୨୩ ଅଗଷ୍ଟ ପରେ ସର୍ବାଧିକ। ଗତ ୧୪ ମାସରେ ପ୍ରଥମ ଥର ପାଇଁ ମୁଦ୍ରାସ୍ଫୀତି ହାର ୬ ପ୍ରତିଶତ ଉପରକୁ ଉଠିଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ ବିଶେଷ କରି ଡାଲି, ଖାଇବା ତେଲ ଏବଂ ପନିପରିବା ଦର ଏହି ମାସରେ ମାତ୍ରାଧିକ ଭାବେ ବୃଦ୍ଧି ପାଇଥିବାରୁ ମୁଦ୍ରାସ୍ଫୀତି ହାର ୬ ପ୍ରତିଶତ ଟପିଛି। ଆରବିଆଇ ପକ୍ଷରୁ ମୁଦ୍ରାସ୍ଫୀତିର ସହନଶୀଳ ସୀମା ସର୍ବାଧିକ ୬ ପ୍ରତିଶତ ଧାର୍ଯ୍ୟ ହୋଇଥିବା ବେଳେ ଅକ୍ଟୋବର ମାସରେ ଏହା ନିର୍ଦ୍ଧାରିତ ସୀମା ଟପିଛି। ପୂର୍ବ ମାସରେ ମୁଦ୍ରାସ୍ଫୀତି ହାର ୫.୪୯ ପ୍ରତିଶତ ରହିଥିଲା। ଅକ୍ଟୋବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ରହିଛି ସର୍ବାଧିକ ୧୦.୮୭ ପ୍ରତିଶତ। ଉଲ୍ଲେଖ ଯୋଗ୍ୟ ଯେ, ଖୁଚୁରା ମୂଲ୍ୟ ଆଧାରିତ ମୁଦ୍ରାସ୍ଫୀତିରେ ଖାଦ୍ୟ ମୁଦ୍ରାସ୍ଫୀତିର ସେୟାର ସର୍ବାଧିକ ରହିଥାଏ। ସେପ୍ଟେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ଥିଲା ୯.୨୪ ପ୍ରତିଶତ। ଅକ୍ଟୋବରରେ ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ରହିଛି ୬.୬୮ ପ୍ରତିଶତ। ସେପ୍ଟେମ୍ବରରେ ଏହା ଥିଲା ୫.୮୭ ପ୍ରତିଶତ। ସେହିପରି ସହରାଞ୍ଚଳରେ ମୁଦ୍ରାସ୍ଫୀତି ହାର ୫.୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ସେପ୍ଟେମ୍ବରରେ ଏହା ୫.୦୫ ପ୍ରତିଶତ। ଗତ ମାସରେ ଡାଲି ଓ ତେଲ ବ୍ୟତୀତ ଆଳୁ, ପିଆଜ, ଟମାଟୋ ଏବଂ ଅନ୍ୟ ସବୁଜ ପରିବା ଦର ଆକାଶ ଛୁଆଁ ହୋଇଥିଲା। ବିଶେଷ କରି ପିଆଜ ଓ ଟମାଟୋ ଦର ବୃଦ୍ଧି ଯୋଗୁ ସାଧାରଣ ଖାଉଟୀ ହନ୍ତସନ୍ତ ହୋଇଥିଲେ।

### ସାର୍ପ ସୁଟର ଶିବକୁମାରଙ୍କ ଖୁଲାସା

## ବାବା ସିଦ୍ଦିକିଙ୍କର ଦାଉଦ ସହ ସମ୍ପର୍କ ଥିଲା



**ମୁମ୍ବାଇ, ୧୨।୧୧:** ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କର ପାକିସ୍ତାନରେ ଲୁଚି ରହିଥିବା ମୋଷ୍ଟ ଓ୍ୱାଣ୍ଟେଡ ମାଫିଆ ଡନ ଦାଉଦ ଇବ୍ରାହିମ ସହ ସମ୍ପର୍କ ଥିଲା। ତେଣୁ ତାଙ୍କୁ ହତ୍ୟା କରାଗଲା ବୋଲି କହିଛନ୍ତି ତାଙ୍କ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ଗିରଫ ଶିବକୁମାର ଗୌତମ। କେବଳ ଦାଉଦ ନୁହେଁ, ବଲିଉଡ୍ ଷ୍ଟାର ସଲମାନ ଖାନଙ୍କ ସହ ମଧ୍ୟ ତାଙ୍କର ଗୁପ୍ତ ସମ୍ପର୍କ ଥିଲା ବୋଲି ଶିବକୁମାର କହିଛନ୍ତି। ଶିବକୁମାର ହେଉଛନ୍ତି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ। ସଲମାନଙ୍କୁ ହତ୍ୟା କରିବା ନିମନ୍ତେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଅନେକ ଥର ଉଦ୍ୟମ କରି ବିଫଳ ହୋଇଛି। ସାର୍ପ ସୁଟର ଶିବକୁମାର ଗୌତମ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ୧୦ ଲକ୍ଷ ଟଙ୍କା ସୁପାରି ନେଇଥିବା କୁହାଯାଇଛି। ନିଜର ଦୁଇ ଭାଇଙ୍କ ପାଠପଢ଼ା ଏବଂ ଭଉଣୀ ବାହାଘର ଖର୍ଚ୍ଚ ଉଠାଇବାକୁ ଶିବକୁମାର ଏହି କାମ କରିଥିବା ସ୍ୱୀକାର କରିଛି।

## ମାଟି ଅତଡ଼ା ଧସି ୪ ମୃତ

**ଲକ୍ଷ୍ନୌ, ୧୨।୧୧:** ଉତ୍ତରପ୍ରଦେଶରେ ଆଜି ବେଶ୍ ଧୁମଧାମରେ ପାଳିତ ହେଉଛି ଦେବଠାନ ପର୍ବ। ମାତ୍ର ଏହା ପୂର୍ବରୁ କାସଗଞ୍ଜରେ ଘଟିଛି ଅଘଟଣ । ମାଟି ଅତଡ଼ା ଖସି ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ଜଣେ ଯୁବତୀ ଅଛନ୍ତି। ଏବେ ବି ବହୁ ମହିଳା ଓ ଶିଶୁ ମାଟି ତଳେ ଫସି ରହିଥିବା ଅନୁମାନ କରାଯାଉଛି। ଘର ଓ ଚୁଲି ଲିପିବା ନିମନ୍ତେ କାଟୌର, ରାମପୁର ଅଞ୍ଚଳର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ମାଟି ଆଣିବାକୁ ମୋହନପୁରା ଗାଁକୁ ଯାଇଥିଲେ। ମାତ୍ର ମାଟି ଖୋଳୁ ଖୋଳୁ ହଠାତ୍ ମାଟି ଅତଡ଼ା ମହିଳାମାନଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ସେମାନେ ତା' ତଳେ ଚାପି ହୋଇ ରହିଥିବା ବେଳେ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ପୁଲିସ୍ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ତୁରନ୍ତ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିବା ବେଳେ ଜେସିବି ଦ୍ୱାରା ମାଟି ଖୋଳି ଲୋକଙ୍କୁ ଉଦ୍ଧାର କରାଯିବା ନିମନ୍ତେ ଚେଷ୍ଟା ଚାଲିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାଟି ତଳୁ ୪ ମୃତଦେହ ଉଦ୍ଧାର ହୋଇଛି। ସେମାନଙ୍କ ମଧ୍ୟରେ ୩ ମହିଳା ଓ ଜଣେ ଯୁବତୀ ଅଛନ୍ତି। ଏଥିସହ ଗୁରୁତର ଅବସ୍ଥାରେ ୪ ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ମାଟି ତଳେ ଆହୁରି ବହୁ ମହିଳା ଓ ଶିଶୁ ଫସିଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ରେସକ୍ୟୁ ଅପରେସନକୁ ତ୍ୱରାନ୍ୱିତ କରାଯାଉଛି। ଏଥିସହ ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ଦେଖାଦେଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେବା ସହ ଗୁରୁତରଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଗଛରେ ପିଟି ହେଲା କାର୍

## ୩ ଯୁବତୀଙ୍କ ସମେତ ୬ ମୃତ

**ଡେରାଡୁନ, ୧୨।୧୧:** ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଯୁବତୀ ଓ ୩ ଯୁବକ ଅଛନ୍ତି। ସମସ୍ତଙ୍କ ଘର ଡେରାଡୁନ ଆଖପାଖ ଅଞ୍ଚଳରେ ହୋଇଥିବା ବେଳେ ସେମାନଙ୍କ ବୟସ ୨୫ ବର୍ଷରୁ କମ୍ ବୋଲି ଜଣାଯାଇଛି। ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗତକାଲି ରାତିରେ ୭ ଯୁବକଯୁବତୀ ଏକ କାର୍‌ରେ ଡେରାଡୁନ ସହ ବୁଲି ବାହାରିଥିଲେ। ଗାଡ଼ିଟି ଦ୍ରୁତ ଗତିରେ ଥିବା ବେଳେ ଡେରାଡୁନର ଓଏନ୍‌ଜିସି ଛକରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର୍‌ରୁ ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି।

## ଆଇଓସିଏଲ୍ ରିଫାଇନରୀରେ ବିସ୍ଫୋରଣ



### ଜଣେ ମୃତ, ୨ ଗୁରୁତର

**ବରୋଦା, ୧୨।୧୧:** ଇଣ୍ଡିଆନ ଅଏଲ୍ କର୍ପୋରେସନ୍ ତଥା ଆଇଓସିଏଲ୍ ରିଫାଇନରୀ ଷ୍ଟୋରେଜ ଟ୍ୟାଙ୍କରେ ଭୟଙ୍କର ବିସ୍ଫୋରଣ ପରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁଜରାଟର ବଦୋଦରାରେ ଘଟିଛି ଏଭଳି କିଛି ଘଟଣା। ଏ ସମ୍ପର୍କରେ ସୂଚନା ଦେଇ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏହି ଘଟଣାରେ ୩୨ ବର୍ଷ ବୟସ୍କ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ଆଇଓସିଏଲ୍‌ର କହିବା ମୁତାବକ, ରାତି ପ୍ରାୟ ସାଢ଼େ ୩ଟାରେ ବେନଜେନ ଷ୍ଟୋରେଜ୍ ଟ୍ୟାଙ୍କରେ ନିଆଁ ଲାଗିଥିବା ଖବର ପାଇବା ପରେ ଅଗ୍ନିଶମ ବିଭାଗ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ତେବେ ନିଆଁ ଆୟତ୍ତ ହୋଇଥିଲେ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ। ଏହି ଘଟଣା ସମ୍ପର୍କରେ ସୂଚନା ଦେଇ ଜବାହରନଗର ପୁଲିସ ଷ୍ଟେସନର ଇନ୍ସପେକ୍ଟର ଏବି ମୋରି କହିଛନ୍ତି ଯେ, ଏହି ଆଗ୍ନିକାଣ୍ଡରେ ରିଫଇନାରୀରେ ଠିକା ଶ୍ରମିକ ଭାବେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେହିପରି ଆଉ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଦୋଦରା ପୁଲିସ କମିଶନର ନରସିଂହ କୁମାର କହିଛନ୍ତି ଯେ ଆଇଓସିଏଲ୍ କ୍ୟାମ୍ପସରେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। କୁମାର କହିଛନ୍ତି ଯେ ଭଦୋଦରର କୋୟାଲି ଅଞ୍ଚଳରେ ଅବସ୍ଥିତ ବିଶୋଧନାଗାରରେ ବିସ୍ଫୋରଣ ହେତୁ ଏହି ଅଗ୍ନିକାଣ୍ଡ ଘଟିଛି। ଏହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ବିସ୍ଫୋରଣ ପରେ ଅନ୍ୟ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି।

# ଅଷ୍ଟ୍ରେଲିଆ ଖବରକାଗଜରେ କୋହଲି ଝଡ଼




**ସିଡ଼ନୀ, ୧୨।୧୧:** ଅଷ୍ଟ୍ରେଲିଆରେ କୋହଲି ଝଡ଼। ପ୍ରଷ୍ଠ ପେଜ୍‌ରେ ବିରାଟ କୋହଲି ବିଶେଷ ଖବରକାଗଜର ହେଡଲାଇନ୍ ପାଲଟିଲେ ଭାରତୀୟ କ୍ରିକେଟର୍। ତା'ପୁଣି ପ୍ରଥମ ପୃଷ୍ଠାର ପ୍ରଥମ ହେଡ୍‌ଲାଇନ୍‌ରେ। କେବଳ କୋହଲି ନୁହନ୍ତି ତାଙ୍କ ସହ ଅନେକ ଖେଳାଳିଙ୍କୁ ଏହି ପ୍ରଷ୍ଠ ପେଜ୍‌ରେ ମିଳିଛି ସ୍ଥାନ। ଯାହା ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟର ୧୦ ଦିନ ପୂର୍ବରୁ ଅଷ୍ଟ୍ରେଲିଆ ମିଡିଆରେ ଦେଖିବାକୁ ମିଳିଛି କୋହଲି କ୍ରେଜ୍। ଭାରତୀୟ କ୍ରିକେଟର ଲୋକପ୍ରିୟ ଚେହେରା ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପର୍ଥରେ ପହଞ୍ଚିବା ପରେ ତାଙ୍କୁ ଭିନ୍ନ ଢଙ୍ଗରେ ସ୍ୱାଗତ କରାଯାଇଛି। ଅଷ୍ଟ୍ରେଲିଆ ଖବରକାଗଜର ଏକ ଗ୍ରୁପ୍ ତାଙ୍କ ଫଟୋକୁ 'ଫ୍ରଣ୍ଟ ପେଜ୍'ରେ ଛାପିଛି। ଆଉ ଏହାର ହେଡ୍‌ଲାଇନ୍ ରହିଛି 'ଯୁଗ ଯୁଗର ଲଢ଼େଇ'। ଏଥିରୁ ଜଣାପଡୁଛି ଭାରତୀୟ କ୍ରିକେଟରଙ୍କ କ୍ରେଜ୍ କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ରହିଛି। ପ୍ରଶଂସକମାନଙ୍କୁ ଖୁସି କରାଇବା ପାଇଁ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ଭାବେ ଖବରକାଗଜ ସଂସ୍ଥା ବିରାଟଙ୍କ ଫଟୋ ଦେଇ ହିନ୍ଦୀ ଏବଂ ପଞ୍ଜାବୀ ଭାଷା ବ୍ୟବହାର କରି ହେଡଲାଇନ୍ ଛାପିଥିବା ଦେଖାଯାଉଛି। ଯାହା ତାଙ୍କର ଅପାର ଲୋକପ୍ରିୟତାକୁ ଦର୍ଶାଉଛି।

ପ୍ରଷ୍ଠ ପେଜ୍‌ରେ କେବଳ ବିରାଟ କୋହଲି ନୁହେଁ, ଯଶସ୍ୱୀ ଜୈସୱାଲ୍ ଏବଂ ଋଷଭ ପନ୍ତଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ପ୍ରଥମ ପୃଷ୍ଠାରେ ବିରାଟଙ୍କ ଫଟୋ ସହିତ ବୋଲ୍ଡ ଅକ୍ଷରରେ ଲେଖାଯାଇଥିଲା 'ଯୁଗୋଁ କି ଲଡ଼ାଇ ବା ଯୁଗ ଯୁଗର ଲଢ଼େଇ'। ଅଷ୍ଟ୍ରେଲିଆ ମିଡିଆ ଏଭଳି ଭାବେ କୋହଲିଙ୍କର ସ୍ୱତନ୍ତ୍ର ଫଟୋ ଛାପିବା କଥା ସମସ୍ତଙ୍କୁ ଚକିତ କରିଦେଇଛି। ଆସନ୍ତା ୨୨ ତାରିଖରେ ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ମୁକାବିଲା ଆରମ୍ଭ ହେବ। ଏହା ୨୬ ଯାଏଁ ଚାଲିବ। ଅପ୍‌ଟସ୍ ଷ୍ଟାଡିୟମରେ ଭାରତର ସିରିଜ୍ ଓପନର ହେବାର ଦୁଇ ସପ୍ତାହ ପୂର୍ବରୁ କୋହଲି ରବିବାର ସନ୍ଧ୍ୟାରେ ପର୍ଥରେ ପହଞ୍ଚିଥିଲେ।

### ଗାଭାସ୍କରଙ୍କ ଚେତାବନୀ

## ଅଷ୍ଟ୍ରେଲିଆରେ ମଧ୍ୟ ଭାରତ କ୍ଲିନ୍‌ସୁଇପ ହୋଇପାରେ



**ନୂଆଦିଲ୍ଲୀ,୧୨।୧୧:** ଅଷ୍ଟ୍ରେଲିଆ ଗସ୍ତରେ ନ୍ୟୁଜିଲାଣ୍ଡ ବିପକ୍ଷରେ କରିଥିବା ସମାନ ଭୁଲକୁ ଭାରତୀୟ କ୍ରିକେଟ ଟିମ୍ ପୁଣିଥରେ ଦୋହରାଇବାକୁ ଯାଉଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ପ୍ରଥମ ଥର ପାଇଁ ନିଜ ମାଟିରେ କ୍ଲିନ ସ୍ୱିପର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାର କାରଣ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପରି ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଥିଲା। ଏହି ବ୍ୟାଟ୍ସମ୍ୟାନଙ୍କ ବିଫଳତାର କାରଣ ବିଶ୍ୱାସ କରାଯାଉଥିଲା ଯେ ସେମାନେ କୌଣସି ଅଭ୍ୟାସ ମ୍ୟାଚ କିମ୍ବା ଦିନିକିଆ ମ୍ୟାଚ ବିନା ସିଧାସଳଖ ଟେଷ୍ଟ ମ୍ୟାଚରେ ପ୍ରବେଶ କରିଥିଲେ। ଯଦି ସେ ଦୁଲିପ ଟ୍ରଫି କିମ୍ବା ରଣଜୀ ଟ୍ରଫିର କିଛି ମ୍ୟାଚ ଖେଳିଥାନ୍ତେ, ତେବେ ତାଙ୍କର ତେ କ୍ରିକେଟର ମ୍ୟାଚ ପ୍ରାକ୍ଟିସର ଯୋଗି ହୋଇ ଯାଇଥାଆନ୍ତା। ମୋଟ ଉପରେ କହିବାକୁ ଗଲେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ନିକଟରେ ମ୍ୟାଚ ପ୍ରାକ୍ଟିସର ଅଭାବ ଥିଲା।

ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଦଳ ମଧ୍ୟ ସମାନ ଭୁଲ କରିବାକୁ ଯାଉଛନ୍ତି, ଯେଉଁଥିରେ ଭେଟେରାନ କ୍ରିକେଟରମାନେ ପ୍ରଶ୍ନ ଉଠାଉଛନ୍ତି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ଟେଷ୍ଟ ମ୍ୟାଚ ଖେଳିବା ପୂର୍ବରୁ ଭାରତୀୟ ଦଳକୁ 'ଏ' ବିପକ୍ଷରେ ଦୁଇଟି ଅଭ୍ୟାସ ମ୍ୟାଚ ଖେଳିବାକୁ ପଡ଼ିଥିଲା। ଏହା ବ୍ୟତୀତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଏକାଦଶ ବିପକ୍ଷରେ ଏକ ମ୍ୟାଚ ଖେଳାଯିବାକୁ ଥିଲା। ଏବେ ଅଷ୍ଟ୍ରେଲିଆ ପ୍ରାଇମିନିଷ୍ଟର ଇଲେଭେନର ଅଧିନାୟକ ନିଷ୍ପତ୍ତି ନେଇ ସାରିଥିଲା। କିନ୍ତୁ ବିସିସିଆଇ ହଠାତ୍ ଭାରତର ଉଭୟ ଅଭ୍ୟାସ ମ୍ୟାଚ ଏବଂ ପ୍ରାଇମିନିଷ୍ଟର ଇଲେଭେନର ହେବାକୁଥିବା ମ୍ୟାଚକୁ ବାତିଲ କରିଦେଇଛି।

ଏହାର ଅର୍ଥ ହେଉଛି ଭାରତୀୟ ଦଳ ଟେଷ୍ଟ ମ୍ୟାଚ ସହିତ ସିଧାସଳଖ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିବ। ସେ ନେଟ ଅଭ୍ୟାସ ମାଧ୍ୟମରେ ଏହି ଟେଷ୍ଟ ମ୍ୟାଚ ପାଇଁ ପ୍ରସ୍ତୁତ ହେବେ। ବୋର୍ଡର ଏହି ନିଷ୍ପତ୍ତି ଉପରେ ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ପ୍ରଶ୍ନ କରିବାକୁ ଦ୍ୱିଧା କରନ୍ତି ନାହିଁ। ଗାଭାସ୍କର ମିଡ-ଡେରେ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ନେଟ ପ୍ରାକ୍ଟିସ ମ୍ୟାଚ ଅଭ୍ୟାସ ପାଇଁ କଦାପି ବିକଳ୍ପ ହୋଇପାରିବ ନାହିଁ। ଏକ ଟେଷ୍ଟ ମ୍ୟାଚ ଖେଳିବା ପାଇଁ ଏକ କମ୍ପେଟାଟିଭ ଆବଶ୍ୟକ, ଯାହା କେବଳ ପଡ଼ିଆ (ପିଚ) ରେ ବ୍ୟାଟିଂ କରି ହାସଲ ହୁଏ। ନେଟ ପ୍ରାକ୍ଟିସ ମାଧ୍ୟମରେ ଏହା ହୋଇପାରିବ ନାହିଁ। ଆଶାକରେ, ଯିଏ ଅଭ୍ୟାସ ମ୍ୟାଚ ଏବଂ ପ୍ରଧାନମନ୍ତ୍ରୀଙ୍କ ଏକାଦଶ ବିପକ୍ଷ ମ୍ୟାଚକୁ ବାତିଲ କରିଥିଲେ ତାହା ଠିକ ପ୍ରମାଣିତ ହେବ।

ସୁନୀଲ ଗାଭାସ୍କର କୁହନ୍ତି, ବ୍ୟାଟ୍ସର୍ ଜାଣନ୍ତି ଯେ ଅଭ୍ୟାସ ମ୍ୟାଚରେ ବାହାରିବା ପରେ ସେମାନେ ଆଉ ବ୍ୟାଟିଂ କରିପାରିବେ ନାହିଁ। ଏହି କାରଣରୁ, ନେଟ ପ୍ରାକ୍ଟିସ ଅପେକ୍ଷା କୌଣସି ବ୍ୟାଟ୍ସମ୍ୟାନଙ୍କ ପାଇଁ ୱାର୍ମ ଅପ କିମ୍ବା ଅଭ୍ୟାସ ମ୍ୟାଚ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ସମ୍ଭବ ଯେ ଇଣ୍ଡିଆ ଏ ଭାରତୀୟମାନେ ଅଭ୍ୟାସ ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ପୂର୍ଣ୍ଣ ଶକ୍ତି ସହ ବୋଲିଂ କରନ୍ତି ନାହିଁ, ଯେପରି କେହି ଆହତ ନ ହୁଅନ୍ତି। କିନ୍ତୁ ନେଟ୍‌ରେ ଆଘାତ ମଧ୍ୟ ହୋଇପାରେ, ଯାହାର ପଚ ମ୍ୟାଚ ପାଇଁ ପ୍ରସ୍ତୁତ ହୋଇଥିବା ଭଲ ଭଲ ନୁହେଁ।

# ଶାମି ଫିଟ୍, ବେଙ୍ଗଲ ପାଇଁ ଖେଳିବେ ରଣଜୀ




**ନୂଆଦିଲ୍ଲୀ,୧୨।୧୧:** ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ସମ୍ପୂର୍ଣ୍ଣ ଫିଟ ହୋଇଛନ୍ତି। ଏବେ ସେ ଫିଲ୍ଡକୁ ଫେରିବାକୁ ପ୍ରସ୍ତୁତ ଅଛନ୍ତି। ବୁଧବାରଠାରୁ ମଧ୍ୟପ୍ରଦେଶ ଏବଂ ବଙ୍ଗଳା ଦଳ ରଣଜୀ ଟ୍ରଫିରେ ମୁହାଁମୁହିଁ ହେବେ। ଏହି ମ୍ୟାଚରୁ ମହମ୍ମଦ ଶାମି ଫେରିବେ। ବର୍ତ୍ତମାନ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ମହମ୍ମଦ ଶାମିଙ୍କ ଫିଟନେସ ଟିମ ଇଣ୍ଡିଆ ପାଇଁ ଏକ ଭଲ ଖବର।

ସୂଚନାଯୋଗ୍ୟ, ମହମ୍ମଦ ଶାମି ଶେଷ ଥର ପାଇଁ ଏକ ଦିବସୀୟ ବିଶ୍ୱକପ ୨୦୨୩ରେ ଭାରତ ପାଇଁ ଖେଳିଥିଲେ। ଏହା ପରେ ସେ ଅସ୍ତ୍ରୋପଚାର ହେତୁ କ୍ରିକେଟରୁ ଦୂରେଇ ଯାଇଥିଲେ, କିନ୍ତୁ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଫିଟ ଅଛନ୍ତି। ଏଥି ସହିତ ବଙ୍ଗଳା କ୍ରିକେଟ ଆସୋସିଏସନ (କ୍ୟାବ) କହିଛି ଯେ ମହମ୍ମଦ ଶାମିଙ୍କ ଦଳରେ ଯୋଗଦେବା କେବଳ ଏକ ବଡ଼ ଉତ୍ସାହ ନୁହେଁ ବରଂ ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିବାକୁ ଚେଷ୍ଟା କରୁଥିବା ସମଗ୍ର ଦଳର ମନୋବଳକୁ ମଧ୍ୟ ବଢ଼ାଇବ। ବୁଧବାର ରଣଜୀରେ ବଙ୍ଗଳା ସମ୍ମୁଖରେ ମଧ୍ୟପ୍ରଦେଶ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଦୁଇ ଦଳ ମଧ୍ୟରେ ମ୍ୟାଚ ହୋଲକର କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏବେ ମହମ୍ମଦ ଶାମିଙ୍କ ପ୍ରତ୍ୟାବର୍ତ୍ତନ ବଙ୍ଗଳା ବନାମ ମଧ୍ୟପ୍ରଦେଶ ମ୍ୟାଚକୁ ମଜାଳିଆ କରିଛି। ସୂଚନାଯୋଗ୍ୟ ଯେ ଏକ ଦିବସୀୟ ବିଶ୍ୱକପ ୨୦୨୩ପରେ ମହମ୍ମଦ ଶାମିଙ୍କୁ ଅସ୍ତ୍ରୋପଚାର କରିବାକୁ ପଡିଥିଲା। ଏହା ପରେ ସେ ବାଙ୍ଗାଲୋରର ନ୍ୟାସନାଲ କ୍ରିକେଟ ଏକାଡେମୀରେ ରିହାବ କରୁଥିଲେ। ଏଥି ସହିତ ବର୍ତ୍ତମାନ ଡାକ୍ତରୀ ଟିମ୍ ମହମ୍ମଦ ଶାମିଙ୍କୁ ମ୍ୟାଚ ଖେଳିବାକୁ ଅନୁମତି ଦେଇଛନ୍ତି। ବିଶ୍ୱାସ କରାଯାଏ ଯେ ମହମ୍ମଦ ଶାମି ରଣଜୀ ଟ୍ରଫିରେ ପ୍ରତ୍ୟାବର୍ତ୍ତନ କରିବାକୁ ଏବଂ ବର୍ଡର ଗାଭାସ୍କର ଟ୍ରଫି ପାଇଁ ତାଙ୍କର ପ୍ରସ୍ତୁତିରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର ଗାଭାସ୍କର ଟ୍ରଫି ୨୨ ନଭେମ୍ବରରୁ ଆରମ୍ଭ ହେଉଛି।

# ରଣଜୀ ଟ୍ରଫି: ବାରବାଟୀରେ ବିଜୟ ଆଶା, ମହାରାଷ୍ଟ୍ରଠୁ ପ୍ରତିଶୋଧ ଲକ୍ଷ୍ୟରେ ଓଡ଼ିଶା

**ଭୁବନେଶ୍ୱର, ୧୨।୧୧:** ଲଗାତାର ଦୁଇଟି ମ୍ୟାଚ୍‌ରେ ଲଜ୍ଜାଜନକ ଭାବେ ପାଳି ପରାଜୟର ସାମ୍ନା କରିବା ପରେ ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା କ୍ରିକେଟ୍ ଦଳ ଘରୋଇ ମାଟିରେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ବୁଧବାରଠୁ ମହାରାଷ୍ଟ୍ର ବିପକ୍ଷରେ ପଞ୍ଚମ ପର୍ଯ୍ୟାୟ ରଣଜୀ ମ୍ୟାଚ୍ ଖେଳିବାକୁ ଯାଉଛି। ମହାରାଷ୍ଟ୍ର ସହିତ ଓଡ଼ିଶାର ରଣଜୀ ଫଳାଫଳ ପ୍ରାୟତଃ ବରାବର ସ୍ଥିତିରେ ରହିଛି। ଉଭୟ ଦଳ ମଧ୍ୟରେ ୧୯୯୩-୯୪ ଋତୁରୁ ଆରମ୍ଭ ହୋଇଥିବା ମୁହାଁମୁହିଁରେ ପ୍ରଥମ ୭ ମ୍ୟାଚ୍ ଅମୀମାଂସିତ ହୋଇଥିଲା। ଯେଉଁଥିରୁ ୪ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ପାଳି ଅଗ୍ରଣୀ ମିଳିଥିଲା ବେଳେ ୩ ମ୍ୟାଚ୍‌ରେ ଓଡ଼ିଶା ଆଗରେ ଥିଲା। ତେବେ ୨୦୧୬-୧୭ ଋତୁରେ ନିରପେକ୍ଷ ସ୍ଥାନରେ ମ୍ୟାଚ୍ ଖେଳାଯାଇଥିବାରୁ ପ୍ରଥମ ଥର ଓଡ଼ିଶା ୧୧୮ ରନ୍ ଓ ପାଳି ବ୍ୟବଧାନ ବିଜୟ ପାଇଥିଲା। କିନ୍ତୁ ୨୦୧୯-୨୦ ଋତୁରେ ହୋଇଥିବା ଶେଷ ମୁକାବିଲାରେ ମହାରାଷ୍ଟ୍ର ଏହାର ପ୍ରତିଶୋଧ ନେବା ସହ ୧୦ ୱିକେଟ୍‌ରେ ବିଜୟୀ ହୋଇଥିଲା।

ଅନ୍ୟପକ୍ଷରେ ଚଳିତ ଋତୁରେ ଦୁଇଟି ପରାଜୟ ମ୍ୟାଚ୍ ପରେ ଓଡ଼ିଶା ଚୟନକର୍ତ୍ତାମାନେ ଯେଉଁଭଳି ଭାବେ କଡ଼ା ପଦକ୍ଷେପ ନେବେ ବୋଲି ଆଶା କରଯାଉଥିଲା, ସେପରି ହୋଇନାହିଁ। ଦୁଇ ବ୍ୟାଟର୍ ଅନୁରାଗ ଷଡ଼ଙ୍ଗୀ ଓ ବିପ୍ଳବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇ ଦ୍ରୁତ ବୋଲର ତାପସ ଦାସଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ଏହି ପରିବର୍ତ୍ତନ ଦ୍ୱାରା ଓଡ଼ିଶା ବୋଲିଂ କ୍ରମରେ କୌଣସି ଫରକ ଆସିବା ଭଳି ସମ୍ଭାବନା ନାହିଁ। କାରଣ ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ସୁନିଲ ରାଉଳ ଓ ତରଣୀ ସା' ଏବେବି ଦଳ



ପାଖରେ ପୂର୍ଣ୍ଣ କ୍ଷମତାରେ ଉପଲବ୍ଧ ଅଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଅନୁରାଗଙ୍କ ସ୍ଥାନରେ ରାଜେଶ ଧୂପର ପାଳି ଆରମ୍ଭ କରିବା ସମ୍ଭାବନା ରହିଛି। ଶାନ୍ତନୁ ମିଶ୍ର ପ୍ରତ୍ୟାବର୍ତ୍ତନ କଲେ ଧୂପର ତାଙ୍କର ପ୍ରାରମ୍ଭିକ ସାଥୀ ହୋଇପାରିବେ। ନଚେତ୍ ଗୋବିନ୍ଦ ପୋଦ୍ଦାର ପାଳି ଆରମ୍ଭ ପାଇଁ ଅନ୍ୟତମ ବିକଳ୍ପ ଅଛନ୍ତି। ଚଳିତ ଋତୁରେ ଧୂପର ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳି ନାହାନ୍ତି। ଯୁବ ଖେଳାଳି ଆଶୀର୍ବାଦ ସ୍ୱାଇଁ ୱିକେଟ୍‌ରକ୍ଷକ ଭାବେ ପ୍ରଥମ ୩ ମ୍ୟାଚ୍‌ରେ ଖେଳିଆସୁଛନ୍ତି। ସ୍ପିନରଙ୍କ ମଧ୍ୟରେ ସୁମିତ ଶର୍ମା ଏହି ପଡ଼ିଆରେ ଜାମ୍ମୁ କଶ୍ମୀର ବିପକ୍ଷରେ ୫ ୱିକେଟ୍ ସଫଳତା ପାଇଥିବାରୁ ସେ ମଧ୍ୟ ଦଳକୁ ଫେରିବା ସମ୍ଭାବନା ଅଛି।

ପଏଣ୍ଟ ଟେବୁଲ୍‌ରେ ଓଡ଼ିଶା ଉପରେ ରହିଛି ମହାରାଷ୍ଟ୍ର। ଏହାର ଏକମାତ୍ର କାରଣ ହେଉଛି ମେଘାଳୟକୁ ଏହି ଦଳ ୧୦ ୱିକେଟ୍‌ରେ ହରାଇ ବୋନସ୍ ପଏଣ୍ଟ ପାଇଥିଲା। ନଚେତ୍ ଏହି ଦଳର ପ୍ରଦର୍ଶନ ଓଡ଼ିଶାଠୁ ମଧ୍ୟ ଖରାପ ରହିଛି। ପ୍ରଥମ ମ୍ୟାଚ୍‌ରେ ସର୍ଭିସେସ୍‌ଠୁ ଓ ତୃତୀୟ ମ୍ୟାଚ୍‌ରେ ମୁମ୍ବାଇଠୁ ପରାସ୍ତ ହୋଇଥିଲା। ଜାମ୍ମୁ କଶ୍ମୀର ସହିତ ଖେଳିଥିବା ଶେଷ ମ୍ୟାଚ୍ ଅମୀମାଂସିତ ଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ ପାଇଥିଲା। ହାତଗଣତି କେତେଜଣ ଖେଳାଳିଙ୍କୁ ଛାଡ଼ିଦେଲେ ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନ ଉତ୍ସାହଜନକ ନାହିଁ। ବ୍ୟାଟିଂରେ ଅଙ୍କିତ ବାୱ୍‌ନେ (୩୨୦ ରନ୍), ହର୍ଷିଲ କାଟେ (୧୩୯ ରନ୍), ସିଦ୍ଧେଶ ବୀର୍ (୧୯୮ ରନ୍) ଓ ବୋଲିଂରେ ମୁକେଶ ଚୌଧୁରୀ (୧୪ ୱିକେଟ୍), ହିତେଶ ୱାଲୁଞ୍ଜ (୧୯ ୱିକେଟ୍) ସଫଳ ହୋଇଛନ୍ତି। ତେଣୁ ଓଡ଼ିଶା ଘରୋଇ ପଡ଼ିଆରେ ଏହି ଦଳ ଉପରେ ଚାପ ସୃଷ୍ଟି କରିପାରିଲେ ପୂର୍ବ ପରାଜୟର ପ୍ରତିଶୋଧ ନେବା ସହିତ ବିଜୟ ଧାରାକୁ ଫେରିପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱ ଦେଖିବ...

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମିଳିତ ସହଯୋଗରେ ପ୍ରବାସୀ ଭାରତୀୟ ଦିବସର ଏକ ଯୁବ ସଂସ୍କରଣ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଉଦଯାପନୀ ଅଧିବେଶନରେ ଅଧ୍ୟକ୍ଷତା କରିବା ସହ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ। ୱେବସାଇଟର ଉନ୍ମୋଚନ ସହ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ୱେବସାଇଟ ଓଡ଼ିଶାରେ ରହିବା ପାଇଁ ରିଜର୍ଭେସନ ସୁବିଧା ପ୍ରଦାନ କରିବ ଏବଂ ପ୍ରବାସୀ ଭାରତୀୟ ଦିବସ ୨୦୨୫ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବ। ୱେବସାଇଟକୁ ଉନ୍ମୋଚନ କରିବା ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଭାରତ ସରକାର ୩୫ ନିୟୁତରୁ ଅଧିକ ପ୍ରଭାବଶାଳୀ ଭାରତୀୟ ପ୍ରବାସୀଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ବିଦେଶ ଗସ୍ତ ସମୟରେ ପ୍ରବାସୀ ଭାରତୀୟଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ନିୟମିତ ବାର୍ତ୍ତାଳାପ କରିଛନ୍ତି। ଭାରତର ବିକାଶ ଧାରା ପ୍ରତି ପ୍ରବାସୀଙ୍କ ଅତୁଟ ସମର୍ଥନ ଭାରତ ଏବଂ ଏହାର ବିଶ୍ୱ ସମୁଦାୟ ମଧ୍ୟରେ ଥିବା ଦୃଢ଼ ସମ୍ପର୍କର ପ୍ରମାଣ। ଭାରତୀୟ ପ୍ରବାସୀ ମାନେ ଏକ ବିକଶିତ ଭାରତ ଅଭିମୁଖେ ଭାରତର ଅଗ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ।

ଓଡ଼ିଶା ଗସ୍ତରେ ଆସୁଥିବା ପ୍ରବାସୀ ଭାରତୀୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ପ୍ରବାସୀମାନେ ଓଡ଼ିଶାର ସମୃଦ୍ଧ ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ୨୦୨୫ରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଉତ୍ସାହିତ କରିଥିଲେ।

### ଦୋଷୀ...

ମୃତ୍ୟୁକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଉଭୟ ବିଭାଗ ପକ୍ଷରୁ କୁହାଯାଉଥିଲେ ହେଁ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟୁଛି। ଉଭୟ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୫ ଦିନ ମଧ୍ୟରେ ଜଣାଇବା ପାଇଁ ମନ୍ତ୍ରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶିଳ୍ପ ବିପ୍ଳବ...

ପ୍ରଶାସକମାନଙ୍କ ପାଇଁ ୫ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଦୃଷ୍ଟି ଦେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଏଗୁଡ଼ିକ ହେଉଛି ଅଭିନବ ପାଣ୍ଠି ମାଧ୍ୟମରେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା, ଶିଳ୍ପର ଚାହିଦା ସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆବଶ୍ୟକତା ଏବଂ ଆକାଂକ୍ଷା ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହ ଥିଙ୍କ୍ ଟ୍ୟାଙ୍କ ସ୍ଥାପନା। ବୈଶ୍ୱିକ ସମସ୍ୟାର ସମାଧାନରେ ନେତୃତ୍ୱ ନେବା ପାଇଁ ଗବେଷଣା ଏବଂ ନବସୃଜନ ପାଇଁ ଏକ ବହୁବିଭାଗୀୟ ଆଭିମୁଖ୍ୟ ଗ୍ରହଣ, ପ୍ରତିଷ୍ଠିତ କେନ୍ଦ୍ର ଓ ରାଜ୍ୟର ଅନୁଷ୍ଠାନଗୁଡ଼ିକ ସହିତ ସହଯୋଗ ମାଧ୍ୟମରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏକାଡେମିକ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ, କ୍ରୀଡ଼ା, ବକ୍ତୃତା, କବିତା, ନାଟକ, କଳା ମାଧ୍ୟମରେ କ୍ୟାମ୍ପସର ଜୀବନ୍ତତାକୁ ପୁନରୁଦ୍ଧାର କରିବା ଏବଂ ଏହି ଅଣ-ଶିକ୍ଷାଗତ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବାକୁ ହେବ। ଶ୍ରୀ ପ୍ରଧାନ ଭାରତୀୟ ଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ନେତୃତ୍ୱ ନେବା ପାଇଁ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡିବ। ଏହି ଦୁଇ ଦିନିଆ କର୍ମଶାଳାରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା- ଆହ୍ୱାନ ଏବଂ ରୋଡମ୍ୟାପ୍ ବିଷୟବସ୍ତୁ ଉପରେ ୧୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାରଙ୍କ ସମେତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗର ସଚିବ, ଅତିରିକ୍ତ ଶାସନ ସଚିବ, ୟୁଜିସିର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

### କର୍ମଚାରୀଙ୍କୁ...

ଅତିରିକ୍ତ ଭାବେ ଗୋଟିଏ ଦିନ ଛୁଟି(୮ଟି ଇଚ୍ଛାଧୀନ ଛୁଟିଦିନ ମଧ୍ୟରୁ ଯେକୌଣସି ଗୋଟିଏ) ନେଇପାରିବେ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ଯେଉଁ ୮ଟି ଇଚ୍ଛାଧୀନ ଛୁଟି ରହିଛି ସେଗୁଡ଼ିକ ହେଲା- ଜାନୁୟାରୀ ୬ରେ ଗୁରୁଗୋବିନ୍ଦ ସିଂ ଜୟନ୍ତୀ, ମାର୍ଚ୍ଚ ୨୮ରେ ଶବ-ଇ-କାଦର, ଏପ୍ରିଲ ୧୯ରେ ଇଷ୍ଟର ଶାଟରଡେ, ମେ' ୨୨ରେ ରାଜାରାମ ମୋହନ ରାୟ ଜୟନ୍ତୀ, ଜୁଲାଇ ୫ରେ ବାହୁଡ଼ା ଯାତ୍ରା, ଅକ୍ଟୋବର ୩୧ରେ ଅଁଳା ନବମୀ, ନଭେମ୍ବର ୧୨ରେ ପ୍ରଥମାଷ୍ଟମୀ ଓ ଡିସେମ୍ବର ୨୧ରେ ଖ୍ରୀଷ୍ଟମାସ୍ ପର୍ବ। ଏହି ସମସ୍ତ ଛୁଟିଦିନ ମଧ୍ୟରୁ ଯେକୌଣସି ଗୋଟିଏ ଦିନକୁ ରାଜ୍ୟ କର୍ମଚାରୀମାନେ ନିଜର ଇଚ୍ଛାଧୀନ ଛୁଟି ଭାବେ ନେଇପାରିବେ। ସେହିପରି ୯ଟି ଛୁଟି ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ପଡୁଛି । ଜାନୁୟାରୀ ୨୫ରେ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ(ଚତୁର୍ଥ ଶନିବାର), ଜାନୁୟାରୀ ୨୬ରେ ସାଧାରଣତନ୍ତ୍ର ଦିବସ (ରବିବାର), ଫେବୃୟାରୀ ୨ରେ ବସନ୍ତ ପଂଚମୀ(ରବିବାର), ଏପ୍ରିଲ ୬ରେ ଶ୍ରୀରାମ ନବମୀ(ରବିବାର), ଜୁନ୍ ୧୪ରେ ପହିଲି ରଜ(ଦ୍ୱିତୀୟ ଶନିବାର), ଜୁନ୍ ୧୫ ରଜ ସଂକ୍ରାନ୍ତି(ରବିବାର), ଜୁଲାଇ ୬ରେ ମହରମ(ରବିବାର), ଅଗଷ୍ଟ ୯ରେ ଝୁଲଣ ପୂର୍ଣ୍ଣିମା(ଦ୍ୱିତୀୟ ଶନିବାର) ଓ ସେପ୍ଟେମ୍ବର ୨୧ରେ ମହାଳୟା(ରବିବାର) ପଡୁଛି । ୨୦୨୫ କ୍ୟାଲେଣ୍ଡର ବର୍ଷରେ ଜାନୁୟାରୀ ୧୪ରେ ମକର ସଂକ୍ରାନ୍ତି, ୨୩ରେ ସୁଭାସଚନ୍ଦ୍ର ବୋଷ/ବୀରସୁରେନ୍ଦ୍ରସାଏ ଜୟନ୍ତୀ, ଫେବୃୟାରୀ ୨୬ରେ ମହାଶିବରାତ୍ରି, ମାର୍ଚ୍ଚ ୫ରେ ପଂଚାୟତିରାଜ ଦିବସ, ୧୪ରେ ଦୋଳପୂର୍ଣ୍ଣିମା, ୧୫ରେ ହୋଲି, ୩୧ରେ ଇଦ-ଉଲ-ଫିତର, ଏପ୍ରିଲ ୧ରେ ଉତ୍କଳ ଦିବସ, ୧୪ରେ ମହାବିଷୁବ ସଂକ୍ରାନ୍ତି/ଆମ୍ବେଦକର ଜୟନ୍ତୀ, ୧୮ରେ ଗୁଡ୍‌ଫ୍ରାଇଡେ, ମେ' ୧୨ରେ ବୁଦ୍ଧପୂର୍ଣ୍ଣିମା/ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ, ୨୭ରେ ସାବିତ୍ରୀ ଅମାବାସ୍ୟା, ଜୁନ୍ ୭ରେ ଇଦ-ଉଲ-ଜୁହା, ୨୭ରେ ରଥଯାତ୍ରା, ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ/ଜନ୍ମାଷ୍ଟମୀ, ୨୭ରେ ଗଣେଶ ପୂଜା, ୨୮ରେ ନୂଆଖାଇ, ସେପ୍ଟେମ୍ବର ୫ରେ ପ୍ରଫେଟ୍ ମହମ୍ମଦ ଜୟନ୍ତୀ, ୨୯ରେ ମହାସପ୍ତମୀ, ୩୦ରେ ମହାଅଷ୍ଟମୀ, ଅକ୍ଟୋବର ୧ରେ ମହାନବମୀ, ୨ରେ ବିଜୟା ଦଶମୀ/ଗାନ୍ଧି ଜୟନ୍ତୀ, ୭ରେ କୁମାର ପୂର୍ଣ୍ଣିମା, ୨୧ରେ ଦୀପାବଳି, ନଭେମ୍ବର ୫ରେ ରାସପୂର୍ଣ୍ଣିମା ଓ ଡିସେମ୍ବର ୨୫ରେ ଏକ୍ସମାସ ଡେ ପାଇଁ ସରକାରୀ ଛୁଟି ରହିବ।

### ଏସ୍‌ଓପି...

୨୯୫ ଫାଣ୍ଡିରେ ମଧ୍ୟ ସିସିଟିଭି ବ୍ୟବସ୍ଥାପ୍ରକ୍ରିୟା ଜାରି ରହିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ସବୁ ଫାଣ୍ଡିରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ପୁଲିସ ମୁଖ୍ୟାଳୟ ଏଡିଜିପି ଦୟାଲ ଗଙ୍ଗୱାର ବ୍ୟକ୍ତିଗତ ଭାବେ ହାଜର ହୋଇ ତଥ୍ୟ ରଖିଛନ୍ତି। ସେପଟେ ପ୍ରତିରକ୍ଷା କର୍ମଚାରୀଙ୍କୁ ଥାନାରେ କିପରି ବ୍ୟବହାର କରାଯିବ ସେନେଇ ଏସ୍‌ଓପି ପ୍ରସ୍ତୁତ ହୋଇଥିବା ହାଇକୋର୍ଟରେ ତଥ୍ୟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏସ୍‌ଓପି ଅନୁଯାୟୀ, ଥାନା କିମ୍ବା ଫାଣ୍ଡିକୁ ପ୍ରତିରକ୍ଷା କର୍ମଚାରୀ ଅଭିଯୋଗ ନେଇ ଆସିଲେ ଉପସ୍ଥିତ ପୁଲିସ ଅଧିକାରୀ ତାଙ୍କ ଅଭିଯୋଗ ଶୁଣିବେ। ଆଇନ୍ ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବେ। ଯଦି କେହି ମୌଖିକ ଭାବେ ଅଭିଯୋଗ କରିବେ ତାକୁ ମଧ୍ୟ ଗୁରୁତ୍ୱ ଦେଇ ଅଭିଯୋଗକୁ ନିଜେ ଲେଖିବେ। ଅଭିଯୋଗକାରୀଙ୍କ ଦସ୍ତଖତ ରଖିବେ। ଆବଶ୍ୟକ ପଦକ୍ଷେପ ନେବେ। କିନ୍ତୁ ଲିଖିତ ଅଭିଯୋଗ କରିବାକୁ ତାଙ୍କୁ ବାଧ୍ୟ କରିପାରିବେ ନାହିଁ। ଏସ୍‌ଓପିରେ ଆହୁରି କୁହାଯାଇଛି, କୌଣସି ପ୍ରତିରକ୍ଷା କର୍ମଚାରୀଙ୍କ ବିରୋଧରେ ଅପରାଧୀକ ମାମଲାକୁ ନେଇ ଗିରଫ କରିବାର ଆବଶ୍ୟକତା ଥିଲେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ। ଏପରି ପରିସ୍ଥିତିରେ ନିକଟତମ ଷ୍ଟେସନ କମାଣ୍ଡର ବା ମେଜର ଜେନେରାଲଙ୍କ ଅନୁମତି ଲୋଡ଼ାଯିବ। ଷ୍ଟେସନ କମାଣ୍ଡର ବା ମେଜର ଜେନେରାଲଙ୍କ ଅନୁମତି ନ ମିଳିଲେ ଅଭିଯୁକ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ମିଲିଟାରୀ ପୁଲିସକୁ ହସ୍ତାନ୍ତର କରିବାକୁ କୁହାଯାଇଛି। ତେବେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଅପରାଧ କ୍ଷେତ୍ରରେ ସମ୍ପୃକ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ଗିରଫ କରିବାକୁ ଅନୁମତିର ଆବଶ୍ୟକତା ନାହିଁ ବୋଲି ଏସ୍‌ଓପିରେ ସ୍ପଷ୍ଟ ହୋଇଛି। ପ୍ରତିରକ୍ଷା କର୍ମଚାରୀଙ୍କ ବିରୋଧରେ ଆସୁଥିବା ଅଭିଯୋଗ ଉପରେ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରିବ ଓ ନିକଟତମ ଷ୍ଟେସନ କମାଣ୍ଡରଙ୍କ ନଜରକୁ ଆଣିବା ସହ ଆଗକୁ କଣ ପଦକ୍ଷେପ ଗ୍ରହଣ କରିବ ସେନେଇ ଅବଗତ କରିବ। ଗିରଫ ପ୍ରତିରକ୍ଷା କର୍ମଚାରୀଙ୍କୁ ହ୍ୟାଣ୍ଡକପ ନ ପକାଇବା, ମାଡପିଟ କିମ୍ବା ଦୁର୍ବ୍ୟବହାର ପ୍ରଦର୍ଶନ ନ କରିବାକୁ କୁହାଯାଇଛି। ଆସନ୍ତା ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

### ବବିଙ୍କୁ...

ଅନ୍ୟପଟେ ମା' ସଂଧ୍ୟାରାଣୀ କୋରେଇରୁ ହାରିଯିବା ପରେ ବବିଙ୍କ ହାତରୁ ଯାଜପୁରରେ ଲଗାମ ଖସିବାରେ ଲାଗିଛି। ତେଣୁ କୌଣସି ପ୍ରକାରେ ସ୍ଥିତି ସମ୍ଭାଳିବାପାଇଁ ବବି ବାରମ୍ବାର ଜେଲ୍ ଯିବାକଥା କହୁଥିବା ବେଳେ ଯଦି କୌଣସି ପରିସ୍ଥିତିରେ ଏହା ସତ ହୋଇଯାଏ ତେବେ ଯାଜପୁରରେ ଦାସ ବଂଶର ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ ବୋଲି ଖୋଦ ବିଜେଡି କର୍ମୀମାନେ କହୁଛନ୍ତି।

## ଘର ମାଲିକଙ୍କ ନାଁରେ ମାମଲା
## ହଷ୍ଟେଲରେ ରହୁଥିଲେ ୨୦ ଯୁବତୀ



### ବେଆଇନ ବାଣ ଗୋଦାମରେ ବିସ୍ଫୋରଣ

**ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ):** ଇନଫୋସିଟି ଥାନା ଚୁନୁକୋଳି ବସ୍ତି ନିକଟରେ ରବିବାର କାଲି ବେଆଇନ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିଯୋଗୁ ଜୀବନହାନି ଘଟି ନଥିବା ବେଳେ ଘର ମାଲିକଙ୍କ ନାମରେ ମାମଲା ରୁଜୁ କରିଛି କମିଶନରେଟ ପୁଲିସ। ଘର ମାଲିକ ବିଘ୍ନରାଜ ପଟ୍ଟନାୟକ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି ପୁଲିସ। ଗୋଦାମକୁ ସିଲ୍ କରିବା ସହ ଅଧିକ ତଦନ୍ତ କରୁଛି ଇନଫୋସିଟି ଥାନା ପୋଲିସ୍। ବାଣ ଗୋଦାମ ସହ ଘର ଭିତରେ କିଭଳି ଲେଡିଜ୍ ହଷ୍ଟେଲ୍ ଚାଲିଥିଲା ତାହାକୁ ନେଇ ମଧ୍ୟ ତନାଘନା ଚାଲିଛି। ଉକ୍ତ ଘରେ ୨୦ରୁ ଅଧିକ ଯୁବତୀ ଭଡ଼ାରେ ରହୁଥିଲେ। ସୌଭାଗ୍ୟବଶତଃ ଯେତେବେଳେ ବିସ୍ଫୋରଣ ଘଟିଲା, ସେତେବେଳେ ଘର ଭିତରେ କେହି ନ ଥିଲେ। ନଚେତ ଏକ ଭୟଙ୍କର ଅଘଟଣ ଘଟିଥାନ୍ତା। ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି କମିଶନରେଟ ପୁଲିସ୍।

## କାଶୀପୁର ବ୍ଲକ୍ ଜେଇ ପୁଣି ଗିରଫ

**ରାୟଗଡ଼ା,୧୨।୧୧ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର କନିଷ୍ଠଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଆୟ ବହିର୍ଭୂତ ମାମଲା ରୁଜୁ କରାଯିବା ସହ ତାଙ୍କୁ ପୁଣି ଥରେ ଗିରଫକରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ଖାରଜ ହେବାରୁ ଯନ୍ତ୍ରୀଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ମୂଲ୍ୟ ୧ କୋଟି ୭୩ ଲକ୍ଷ ୪୮ ହଜାର ୪୧୭ ଟଙ୍କା ବୋଲି ଭିଜିଲାନ୍ସ ଆକଳନ କରିଛି । କେସ୍ ନମ୍ବର ୨୨/୨୪ ରେ ଯନ୍ତ୍ରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଧାରା ୧୩(୨) ଆର୍/ଡବ୍ଲ୍ୟୁ ୧୩(୧)(ବି)/୧୨ ପିସି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି । ସୂଚନାଯୋଗ୍ୟ, ଏମ୍‌ଜିନରେଗା ଯୋଜନାରେ ଏକ ରାସ୍ତା କାମର ମାପଚୁପ ଏବଂ ଶ୍ରମିକଙ୍କ ମଜୁରି ବିଲ୍ ପାସ୍ କରିବା ପାଇଁ ଯନ୍ତ୍ରୀ ଚୌଧୁରୀ ୬୦ ହଜାର ଟଙ୍କା ଦାବି କରିଥିଲେ।

## ବଟବୃକ୍ଷ ମୂଳରୁ ଶିବଲିଙ୍ଗ ଆବିର୍ଭାବ



**ବୋରିଗୁମ୍ମା, ୧୨।୧୧ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ ନିକଟବର୍ତ୍ତୀ ନୂଆଗୁଡ଼ା ଗ୍ରାମରେ ବହୁ ବର୍ଷର ବୋଟବୃକ୍ଷ ଓଲଟି ପଡି ସେହି ସ୍ଥାନରେ ମାଟି ତଳୁ ଆବିର୍ଭାବ ହୋଇଛନ୍ତି ଶିବ ଲିଙ୍ଗ। ଆଜି ପବିତ୍ର ଅଁଳା ନବମୀ ଥିବାରୁ ଏଭଳି ଅଲୌକିକ ଘଟଣା ଦେଖିବାକୁ ପ୍ରବଳ ଭକ୍ତଙ୍କ ଭିଡ଼ ଲାଗିଛି। ନୂଆଗୁଡା ଗ୍ରାମରେ ଏକ ବିରାଟ ବଟ ବୃକ୍ଷ କିଛି ମାସ ତଳେ ଆପେ ଆପେ ଉପୁଡିଯାଇଥିଲା। ସେହି ଗ୍ରାମର ସମୀର ନାମକ ଜଣେ ବ୍ୟକ୍ତି ମେଟାଲ ଡିଟେକ୍ଟିଭ ମେସିନରେ ମାଟି ତଳେ ପରୀକ୍ଷା କରିଥିବା ବେଳେ ସେହି ସ୍ଥାନରେ କିଛି ରହିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେହି ସ୍ଥାନରେ ଖୋଳିବା ବେଳେ ମାଟି ତଳୁ ଶିବ ଲିଙ୍ଗ ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଚାର ହେବା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଶିବ ଲିଙ୍ଗ ଆବିର୍ଭାବ ଖବର ପବନ ବେଗରେ ଚାରିଆଡ଼େ ପ୍ରସାର ହେବା ପରେ ନୂଆଗୁଡ଼ା ଗ୍ରାମକୁ ଶିବ ଲିଙ୍ଗ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଆସନ୍ତାକାଲି କାର୍ତ୍ତିକ ମାସର ଶେଷ ସୋମବାର ହେଇଥିବା ଯୋଗୁଁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ବୋଲି ପୂଜକ କହିଛନ୍ତି । ବର୍ତ୍ତମାନ ଅସ୍ଥାୟୀ ଭାବେ ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିର ନିର୍ମାଣ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଡିଏଭି ସ୍କୁଲରେ ତିନି ଦିବସୀୟ ଶିଶୁ ଉତ୍ସବ

**ବୋରିଗୁମ୍ମା, ୧୨।୧୧ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ସ୍ଥିତ ଡିଏଭି ଇଂଲିଶ ମିଡିଓମ ସ୍କୁଲ ଠାରେ ତିନି ଦିବାସୀୟ ଶିଶୁ ଉତ୍ସବ ଉଦଘାଟନ ହୋଇଯାଇଛି।ପ୍ରଥମ ଦିବସରେ ବିଜ୍ଞାନ ମେଳା, ଦ୍ୱିତୀୟ ଦିବସରେ ଫୁଡ଼ ଫେଷ୍ଟିବାଲ, ଶେଷ ଦିବସରେ ଶିଶୁ ଦିବସ ପାଳନ କରାଯିବା।ତିନି ଦିବସୀୟ ଉତ୍ସବ କୁ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସଚିନ କୁମାର ମଲ୍ଲିକ ଉଦଘାଟନ କରିଥିଲେ।ଉଦଘାଟନ ଉତ୍ସବ ରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ତୁଷାର କୁମ୍ଭିକା,ଜୟପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, ପରିଚାଳନା କମିଟିର ସଭାପତି ଏନ ରାଜେଶ କୁମାର, ସଂଗଠନ ସମ୍ପାଦକ ପ୍ରସନ୍ନ ସାହୁ, ମନୋଜ ବିଶୋଇ, ଅଶୋକ ବେହେରା,ଅଧ୍ୟକ୍ଷ ଏମ ଆଦିନାରାୟଣା ରାଓ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଶିଶୁ ବୈଜ୍ଞାନିକ ମାନେ ପ୍ରାୟ ତିରିଶି ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।ଏହାକୁ ସ୍ଥାନୀୟ ରସାୟନ ବିଜ୍ଞାନ ଅଧ୍ୟାପକ ପଦ୍ମଭୂଷଣ ଦାସ ଏବଂ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ବିଜ୍ଞାନ ଶିକ୍ଷକ ଗୁପ୍ତେଶ୍ୱର ରାଉତ ବିଚାରକ ଭାବେ ଯୋଗ ଦେଇଥିଲେ।ପରିଚାଳନା କମିଟିର ସଦସ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମକର୍ତ୍ତା, ଅଭିଭାବକ, ଉପସ୍ଥିତ ଥିଲେ। ଶିକ୍ଷକ ଜି ରବିକାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷା ନମିତା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।ରାଜେଶ ପାଣିଗ୍ରାହୀ ଏବଂ ସଚିନ ପିଲାଇ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



## କୋରାପୁଟ ଜିଲ୍ଲାରେ କମିଲା ପେଟ୍ରୋଲ ଓ ଡିଜେଲ ଦର



**ବୋରିଗୁମ୍ମା/ଜୟପୁର, ୧୨।୧୧ (ସଂଚାର ବ୍ୟୁରୋ) :** ଅବିଭକ୍ତ କୋରାପୁଟ ଜିଲ୍ଲା ଏବଂ କଳାହାଣ୍ଡିରେ ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୩ ଟଙ୍କା ହ୍ରାସ ପାଇଛି। ପୂର୍ବରୁ ଜୟପୁର ସହରରେ ପେଟ୍ରୋଲ ଦର ଲିଟର ପିଛା ୧୦୫ ଟଙ୍କା ୬୦ ପଇସା ଥିବା ବେଳେ ବର୍ତ୍ତମାନ ପ୍ରାୟ ୩ଟଙ୍କା ହ୍ରାସ ପାଇ ୧୦୨ ଟଙ୍କା ୬୨ ପଇସା ହୋଇଛି। ସେହିପରି ଡିଜେଲ ଦର ଲିଟର ପିଛା ୯୭ଟଙ୍କା ୩ ପଇସା ରହିଥିବା ବେଳେ ବର୍ତ୍ତମାନ ଏହା ୯୪ ଟଙ୍କା ୧୪ ପଇସା ହୋଇଛି। ରାଜ୍ୟର ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଅପେକ୍ଷା ଉପାନ୍ତ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୪ ଟଙ୍କାରୁ ୫ ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଥିଲା । ପେଟ୍ରୋ କେମିକାଲ କମ୍ପାନୀମାନଙ୍କ ପକ୍ଷରୁ ପରିବହନ ନାମରେ ଏହି ଟଙ୍କା ଆଦାୟ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ରାଜ୍ୟର ଉପାନ୍ତ ଏବଂ ଅନ୍ୟ ରାଜ୍ୟ ସୀମାନ୍ତକୁ ଲାଗି ରହିଥିବା ଜିଲ୍ଲା ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୩ ଟଙ୍କା କମ୍ ହୋଇଛି । କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲାକାନଗିରି ଜିଲ୍ଲାକୁ ପାରଦ୍ୱୀପ ଓ ଜଟଣୀ ଡିପୋ ପେଟ୍ରୋଲ ଏବଂ ଡିଜେଲ ଆସୁଥିବା ବେଳେ ବିଲ ପ୍ରସ୍ତୁତ ଝାରସଗୁଡାରୁ ହେଉଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶାଖପାଟଣାରୁ କାର୍ଯ୍ୟକାରୀ କରିବା ନେଇ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ଫଳରେ ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ପେଟ୍ରୋଲ ଏବଂ ଡିଜେଲ ଦର କମିଯାଇଛି। ଉପାନ୍ତ ଏବଂ ଆଦିବାସୀ ଜିଲ୍ଲାରେ ଦର କମ୍ ହୋଇଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର କମ୍ପାନୀଗୁଡ଼ିକ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

**ଭଡ଼ାରେ ଲାଗିଛି ରାଜରାସ୍ତା !**

## ପ୍ରଶାସନ ନିରବ, ଦଲାଲ୍ ମାଲେମାଲ



**କୋଣାର୍କ, ୧୨।୧୧ (ସଂଚାର ବ୍ୟୁରୋ):** ବିଶ୍ୱ ଐତିହ୍ୟ ପୀଠ ତଥା ପର୍ଯ୍ୟଟନ ସହର କୋଣାର୍କରେ ଜବରଦଖଲକାରୀଙ୍କ ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ଏପରିକି ସୂର୍ଯ୍ୟମନ୍ଦିର ସମ୍ମୁଖ ରାସ୍ତାକୁ ଜବରଦଖଲକାରୀମାନେ ହାଇଯାକ କରିନେଇଥିବା ଜଣାପଡିଛି। ରାଜରାସ୍ତାକୁ କିଛି ଲୋକ ଭଡ଼ାରେ ଲଗାଇଥିବା ଗୁରୁତର ଅଭିଯୋଗ ହୋଇଛି। କିଛି କଥା କଥିତ ମୁଷ୍ଟିମେୟ ବ୍ୟକ୍ତି ରାସ୍ତା ଉପରେ ୨/୩ ଠେଲା, ଖଟ ପକାଇ ତାକୁ ଦୈନିକ ୧୦୦ଟଙ୍କାରୁ ଆରମ୍ଭ କରି ୩୦୦ଟଙ୍କା ପର୍ଯ୍ୟନ୍ତ ଭଡ଼ା ଆଦାୟ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ ନୀରବ ସାଜିଥିବା ବେଳେ, ଦଲାଲ୍ ମାନେ ମାଲେମାଲ ହେଉଛନ୍ତି। ଫଳରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାସ୍ତା ମଝିରେ ଦୋକାନ ଯୋଗୁଁ ଅଯଥା ଗହଳି ସୃଷ୍ଟି ହୋଇ ଟ୍ରାଫିକ ସମସ୍ୟା ଦେଖାଦେବା ସହ ପରିବେଶ ଆବର୍ଜନାମୟ ହେଉଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଏହି ଜବରଦଖଲକାରୀ ମାନେ ମେଡ଼ିକାଲ ଛକ ଠାରୁ ସୂର୍ଯ୍ୟ ମନ୍ଦିର ପର୍ଯ୍ୟନ୍ତ ଏବଂ ନବଗ୍ରହ ଗେଟ୍ ଠାରୁ ଟୁରିଷ୍ଟ ଛକ ପର୍ଯ୍ୟନ୍ତ ଓ ମନ୍ଦିର ସମ୍ମୁଖରୁ ଲାବଣ୍ୟ ଛକ ପର୍ଯ୍ୟନ୍ତ ରାସ୍ତାକୁ ନିଜ ଅକ୍ତିଆରକୁ ନେଇ ରାସ୍ତା ସଙ୍କୋଚିତ କରିଅଛନ୍ତି। ଏହି ଘଟଣାକୁ ନେଇ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ ଭଡ଼ା ଆଦାୟ କଥା ଜାଣି ନଥିବା ବେଳେ ରାସ୍ତା ଜବରଦଖଲକୁ ହଟେଇବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏହି ଘଟଣାକୁ ନେଇ ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ରାସ୍ତା ଅବରୋଧ ଯୋଗୁଁ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ମାନେ ନାନାଦି ସମସ୍ୟାରେ ସମ୍ମୁଖୀନ ହେଉଥିବା ଜଣାପଡିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଅଛନ୍ତି।


ଦିବ୍ୟାଙ୍ଗ ଖେଳାଳିଙ୍କୁ ଆର୍ଥିକ ସହାୟତା ଦାବି

## ଜିଲ୍ଲାପାଳ ଓ ଉପ ମୁଖ୍ୟ ସଚେତକଙ୍କୁ ଭେଟିଲେ ପରିବାର

**ବାଲେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ):** ମାଲେସିଆ କୁଆଲାଲମପୁରରେ ଆସନ୍ତା ୧ ଡିସେମ୍ବରରୁ ୮ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ଦଶମ ଏସିଆ ପାସିଫିକ ଡିଫ ଗେମ୍ସ-୨୦୨୪ରେ ଭାରତୀୟ ଡିଫ ଟିମସ ତରଫରୁ ଯୁଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି ବାଲେଶ୍ୱରର ସମ୍ବିଦ ଦାସ। କିନ୍ତୁ ଅର୍ଥ ତାଙ୍କ ପାଇଁ ବାଧକ ସାଜିଛି। ଏନେଇ ଆଜି ସମ୍ବିଦ ଓ ତାଙ୍କ ପରିବାର ବାଲେଶ୍ୱର ଜିଲ୍ଲାପାଳ ଓ ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଭେଟି ମାଲେସିଆ ଯିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଉପ ମୁଖ୍ୟ ସଚେତକ ଶ୍ରୀ ଦାସ ସମ୍ବିଦଙ୍କୁ ଏହି ଆନ୍ତର୍ଜାତିକ କ୍ରୀଡ଼ାରେ ଭାଗ ନେଉଥିବାରୁ ଶୁଭେଚ୍ଛା ଜଣାଇବା ସହିତ ସଫଳତା କାମନା କରିଥିଲେ। ଏଥି ସହ ସରକାରୀ ସ୍ତରରେ କିପରି ସହଯୋଗ ମିଳିପାରିବ ସେଥିପାଇଁ ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବେ ସେନେଇ ପ୍ରତିଶ୍ରୁତି ଦେଇଥିଲେ।



## ନାମ ବଦଳିବା ପରେ ଲକ୍ଷ୍ମୀ ବସରୁ ଏଲ୍ଇଡି ଗାଏବ



**କାକଟପୁର/ଅସ୍ତରଙ୍ଗ, ୧୨।୧୧ (ସଂଚାର ବ୍ୟୁରୋ):** ଗତ ବିଜେଡି ସରକାର ଅମଳରେ ଲକ୍ଷ୍ମୀବସ ବିଭିନ୍ନ ପଂଚାୟତକୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସେତେବେଳେ ଏହି ସବୁ ଅତ୍ୟାଧୁନିକ ସିସିକ୍ୟାମେରା ସହ ଏଲଇଡି ଲାଗିଥିଲା। ବସ ଭିତରେ କୌଣସି ପ୍ରକାର ଅପରାଧିକ କାର୍ଯ୍ୟ ଉପରେ ନଜର ରଖିବା ସହ ଏହି ବ୍ୟବସ୍ଥା କରାଯାଇଥିଲା। ଲକ୍ଷ୍ମୀବସ ଚଳାଚଳ ନେଇ ଦୈନିକ ଯଥେଷ୍ଟ ପରିମାଣର କ୍ଷତି ହେଉଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବସ ଗାଁରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲା।

ତେବେ ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସରକାର ପତନ ହେବା ପରେ ବିଜେପି କ୍ଷମତାକୁ ଆସିଛି। କୋଟି କୋଟି ଟଙ୍କା କ୍ଷତି ସତ୍ତ୍ୱେ ବିଜେଡି ସରକାରର ଲକ୍ଷ୍ମୀବସ ଯୋଜନାର ନାମ ପରିବର୍ତ୍ତନ କରାଯାଇ ଏହାକୁ ମୁଖ୍ୟମନ୍ତ୍ରୀ ବସ ନାମରେ ନାମିତ କରାଯାଇଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୩ଟି ମୁଖ୍ୟମନ୍ତ୍ରୀ ବସ ବିଭିନ୍ନ ଗ୍ରାମକୁ ଯାତାୟତ କରୁଥିବା ବେଳେ ଏବେ ଉକ୍ତ ବସରୁ ଏଲଇଡି ସବୁ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସମ୍ପୃକ୍ତ ବସ ଗୁଡିକର କର୍ମଚାରୀ ପଚାରିବାରୁ କହିଛନ୍ତି ଏ ବିଷୟରେ ଆମକୁ ପଚାର ନାହିଁ। ତେବେ କାହା ନିର୍ଦ୍ଦେଶରେ ବସରୁ ସିସି କ୍ୟାମେରାର ଏଲଇଡି ଖୋଲାଯାଇଛି। ଯଦି ସରକାରୀ ବସ ମଧ୍ୟରେ କୌଣସି ଅଘଟଣ ଘଟେ କିପରି ସାମ୍ନାକୁ ଆସିବ। ସିସି କ୍ୟାମେରା ଅଛି ଏଲଇଡି ଗାଏବ, ତାକୁ ନେଇ ସାଧାରଣ ପ୍ରଶ୍ନ ଉଠିଛି। ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ତଦନ୍ତ କରିବା ସକାଶେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ମହଲରେ ଦାବୀ କରାଯାଉଛି।

## ତିର୍ତ୍ତୋଲ ଅଦାଲତରେ ନୂତନ ବିଚାରପତିଙ୍କୁ ଓକିଲ ସଂଘର ସ୍ୱାଗତ

**ଜଗତସିଂହପୁର, ୧୨।୧୧ (ସଂଚାର ବ୍ୟୁରୋ):** ତିର୍ତ୍ତୋଲରେ ଥିବା ଦେୱାନୀ ତଥା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ନ୍ୟାୟାଧୀଶ ଭାବେ କାର୍ଯ୍ୟକରୁଥିବା ନାଜେଦା ଖାତୁନ ଙ୍କ ଅନ୍ୟତ୍ର ବଦଳି ହେବା ପରେ ଆଜି ଶ୍ରୀଯୁକ୍ତ ପାରସ ପାଢ଼ୀ ନୂତନ ନ୍ୟାୟାଧିଶ ଭାବେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି। ତିର୍ତ୍ତୋଲ ବାର ଆସୋସିଏସନ ତରଫରୁ ସଂଘର ସଭାପତି ଆହ୍ଲାଦ ପରିଜା,ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧକ୍ଷ ଦେବେନ୍ଦ୍ର ନାୟକ, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ରାୟ ,ସମାଜସେବୀ ଆଡ଼ଭୋକେଟ ଡ଼ଃ ସୁନାକର ବେହେରା,ସରକାରୀ ଓକିଲ ଗଜେନ୍ଦ୍ର ବିଶ୍ୱାଳ, ନାରାୟଣ ମହାନ୍ତି,ସୁଧୀର କୁମାର ଖୁଣ୍ଟିଆ, ଗୋଲେଖ ଚନ୍ଦ୍ର ବେହେରା, ରଶ୍ମିତା ସ୍ୱାଇଁ, ତ୍ରିଲୋଚନ ବେହେରା,ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ,ଅମରଜ୍ୟୋତି ସାହୁ, ଅଦାଲତର ମୁଖ୍ୟ କିରାଣୀ ପ୍ରଶାନ୍ତ କୁମାର ବେହେରାଙ୍କ ସହ ବାର ଆସୋସିଏସନର ସମସ୍ତ ସଦସ୍ୟ ନୂତନ ବିଚାର ପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।ନୂତନ ବିଚାର ପତିଙ୍କୁ ଅଦାଲତରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ଏବଂ ଅସହାୟ ଲୋକଙ୍କୁ ଦେୟ ମୁକ୍ତ ନ୍ୟାୟ ସେବା ପ୍ରଦାନ ନିମନ୍ତେ ଆବଶ୍ୟକ ସହଯୋଗ ବାର ତରଫରୁ ଯୋଗାଇ ଦେବାପାଇଁ ପ୍ରତିଶୃତି ଦିଆ ଯାଇଥିଲା।



ଗ୍ରାମବାସୀଙ୍କ ଅଗୋଚରରେ ଗ୍ରାମସଭା

## ଭିଏଲ୍ଡବ୍ଲ୍ୟୁଙ୍କୁ ଘେରିଲେ ଲୋକେ

**ଯାଜପୁର, ୧୨।୧୧ (ସଂଚାର ବ୍ୟୁରୋ):** ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଚାଲୁଥିବା ବେଳେ ଏହାକୁ ବିରୋଧ ଅଞ୍ଚଳବାସୀ ପଞ୍ଚାୟତ ଅଫିସ ତାଲା ପକାଇ ନାରାବାଜି ହେବା ସହ ହୋହାଲ୍ଲା କରିଥିଲେ। ଅଞ୍ଚଳବାସୀଙ୍କ ଅଗୋଚରରେ ଏପରି କାର୍ଯ୍ୟ କରାଯାଉଥିବାର ଅଭିଯୋଗ ସେମାନେ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ ।

ସୂଚନା ଅନୁସାରେ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଂଚାୟତରେ ଗ୍ରାମସଭା ଚାଲିଥିବା ବେଳେ କିଛି ଅଞ୍ଚଳବାସୀ ଗ୍ରାମସଭାକୁ ବିରୋଧ କରି ହୋ-ହାଲ୍ଲା କରିଥିଲେ। ପଲ୍ଲୀସଭା କି ଗ୍ରାମସଭା ପୂର୍ବରୁ ଗାଁରେ ନୋଟିସ ବୁଲାଇବା ସହ ପ୍ରଚାର ଜରିଆରେ ସମସ୍ତ ଅଞ୍ଚଳବାସୀଙ୍କୁ ଉପସ୍ଥିତ ରହିବାର ସୁଯୋଗ ରହିଛି। ଭୁବନେଶ୍ୱରପୁର ପଞ୍ଚାୟତରେ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ପଞ୍ଚାୟତର ଭିଏଲଡବ୍ଲୁ, ଲୋକ ପ୍ରତିନିଧି ଏବଂ ଏମବିକେ,ସିଆରପିଙ୍କ ସହଯୋଗରେ ଗୁପ୍ତ ଗ୍ରାମସଭା ବୈଠକ ଚାଲିଥିବା ବେଳେ ଅଞ୍ଚଳବାସୀ ବିରୋଧ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପଂଚାୟତର ପିଇଓ, ସରପଞ୍ଚ, ସିଆରପି, ଏମବିକେଙ୍କୁ ଅଟକ ରହିଥିଲେ। ତେବେ ପୂର୍ବ ସରକାରଙ୍କ ସମୟରୁ ସବୁ ପଞ୍ଚାୟତରେ ସମାନ ଶୈଳୀରେ ଅଞ୍ଚଳବାସୀଙ୍କ ଅଜାଣତରେ ଗ୍ରାମସଭା ଓ ପଲ୍ଲୀସଭା କରାଯାଇ ମନ ଇଚ୍ଛା ପ୍ରକଳ୍ପ ମଂଜୁରୀ କରାଯାଉଥିବା ବେଳେ ସେହି ଢ଼ଙ୍ଗରେ କରିବାକୁ ଯୋଜନାକୁ ଅଞ୍ଚଳବାସୀ ଓ ବିଜେପି ସମର୍ଥକମାନେ ଭଣ୍ଡୁର କରିଛନ୍ତି। ବହୁ ସମୟ ଉତ୍ତେଜନା ପରେ ନିଜେ ଭିଏଲଡବ୍ଲୁ ଏପରି ଗ୍ରାମସଭା ଆୟୋଜନ ନିୟମାନୁସାରେ ହୋଇନଥିବା ସ୍ୱୀକାର କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଅଞ୍ଚଳବାସୀ ଭିଏଲଡବ୍ଲୁଙ୍କ ବଦଳି ଦାବି ସହ ସବୁ କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ ବ୍ଲକ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ସମୟରେ ଚିତରଂଜନ ସାହୁ,ଅନିଲ ମହାପାତ୍ର,ଶ୍ରୀଧର ବିଶ୍ୱାଳ,ଟୁମୁକି ଜେନା,ଉପେନ୍ଦ୍ର ବିହାରୀ,ରମାକାନ୍ତ ସାହୁ,ପରୀକ୍ଷିତ ଜେନା,ମାନୀ ଜେନା,ପୁରୁଷୋତ୍ତମ ସେଠୀ,ଟୁଟୁ ଜେନା ଓ ସରୋଜ ଜେନା ପ୍ରମୁଖଙ୍କ ସହ ବହୁ ପଞ୍ଚାୟତବାସୀ ସାମିଲ ହୋଇଥିଲେ।



## ଚୋରି ମାମଲାରେ ୫ କୋର୍ଟ ଚାଲାଣ

**୬ ବାଇକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ**



**ବାଲିଚନ୍ଦ୍ରପୁର, ୧୨।୧୧ (ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ପୋଲିସକୁ ମିଳିଛି ଚୋରି ଘଟଣାରେ ସଫଳତା। କିଛି ଦିନ ହେବ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଘରେ ପଶି ଚୋରି କରିବା ସହ ଅନେକ ଦୋକାନ ମାନଙ୍କରୁ ମଧ୍ୟ ଲୁଟ କରିଥିଲେ। ଚୋରି ସମ୍ପର୍କରେ କ୍ରମାଗତ ଭାବେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଆସୁଥିଲା। ଉକ୍ତ ଚୋରି ଘଟଣାକୁ ଗୁରୁତ୍ୱ ଦେଇ ଯାଜପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଥିଲା। ଗତ କାଲି କୌଣସି ସୂତ୍ରରୁ ଖବର ପାଇ ସାଉଡ଼ିଆ ପଞ୍ଚାୟତ ରଇପୁର ନଦୀଘାଟ ନିକଟରେ ଡ଼କାୟତି କରିବାକୁ ଯୋଜନା କରୁଥିବା ବେଳେ ବାଲିଚନ୍ଦ୍ରପୁର ପୋଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଆଜି ଅଭିଯୁକ୍ତ ମାନଙ୍କୁ ଡାକ୍ତରି ମଇନା ପରେ କୋର୍ଟ ଚାଲାଣ କରଯାଇଥିଲା ଜଣାପଡ଼ିଛି।

ଅଭିଯୁକ୍ତ ମାନେ ହେଲେ ରାମଦାସପୁର ଗ୍ରାମର ରତ୍ନାକର ସେନାପତିଙ୍କ ପୁଅ ପ୍ରାଣକୃଷ୍ଣ ସେନାପତି ଆଲିଆସ ପପୁନା (୩୦), ବାଲିକୁଦା ଗ୍ରାମର ସାଉଁଟି ଦଳେଇଙ୍କ ପୁଅ ମଣିନାଥ ଦଳେଇ(୩୨), ବାଲିକୁଦା ଗ୍ରାମର ବାବାଜି ଦଳେଇଙ୍କ ପୁଅ ପର୍ଶୁରାମ ଦଳେଇ(୨୭), ବାଲିକୁଦା ଗ୍ରାମର ଲୋଚନ ଦଳେଇଙ୍କ ପୁଅ ସମିର ଦଳେଇ(୩୫), ବାଲିକୁଦା ଗ୍ରାମର କଳ୍ପତରୁ ଦଳେଇଙ୍କ ପୁଅ ପପୁ ଦଳେଇ(୨୪) ଏମାନେ ସମସ୍ତେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଅଧିବାସୀ ଅଟନ୍ତି। ବାଲିଚନ୍ଦ୍ରପୁର ଥାନା କେଶ ନମ୍ବର ୪୩୯/୨୪, ୪୦୮/୨୪, ୪୫୨/୨୪, ୫୦୩/୨୪, ୫୦୨/୨୪ ମାମଲାରେ ସମ୍ପୃକ୍ତି ନେଇ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏମାନଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ପୂର୍ବରୁ କେଶ ମଧ୍ୟ ରହିଛି। ଯେହେତୁ ମଟରସାଇକେଲ ଲୁଟରେ ଅଭିଯୁକ୍ତ ମାନେ ସମ୍ପୃକ୍ତି ଅଛନ୍ତି ସେଥିପାଇଁ ଏମାନେ ଅନ୍ୟସ୍ଥାନରେ ଅପରାଧ କରିଥାନ୍ତି ବୋଲି ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରିରଖିଥିବା ଏସଡ଼ିପିଓ ସଞ୍ଜୟ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଏହି ଚୋର ରାକେଟ୍‌କୁ ଧରିବା ପାଇଁ ଥାନା ପକ୍ଷରୁ ଥାନାଧିକାରୀଙ୍କ ସମେତ ତଦନ୍ତ ଅଧିକାରୀ ଏସ.ଆଇ ସୁବାଶିଷ ଦାସ, ଏସ.ଆଇ ହରିଶ ଚନ୍ଦ୍ର ସିଂହ, ହାବିଲଦାର ରାଜ କିଶୋର ସ୍ୱାଇଁ, କନେଷ୍ଟବଳ ବି.କେ ତ୍ରିପାଠୀ, ସୁକୁମାର ବିଶ୍ୱାଳ, ମହିଳା କନେଷ୍ଟବଳ ବେଙ୍ଗୁଲି ଜେନା, ଗ୍ରାମରକ୍ଷୀ ଜନ୍ମେଜୟ ଷେଣ୍ଢ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ।

**ବାଉଁଶ କାରିଗରୀ ଦେଇଛି ସ୍ୱତନ୍ତ୍ର ପରିଚୟ**

## ବଦଳିଛି ଭାଗ୍ୟ, ଆତ୍ମନିର୍ଭରଶୀଳ ହୋଇଛନ୍ତି ମହିଳା

**ବ୍ରହ୍ମପୁର, ୧୨।୧୧ (ସଂଚାର ବ୍ୟୁରୋ):** ଦିନେ ଘର କୋଣରେ ରହୁଥିବା ମହିଳାମାନେ ଆଜି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇଛନ୍ତି। ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଢି ବାଉଁଶ କାରିଗରୀକୁ ରୋଜଗାରର ମାଧ୍ୟମ କରିଛନ୍ତି। ଏହି ବାଉଁଶ ତିଆରି ସାମଗ୍ରୀକୁ ବିକ୍ରି କରି ମାସକୁ ଭଲ ରୋଜଗାର କରିପାରୁଛନ୍ତି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବେଦିରୀ ସାହିର ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। କିଏ ବାଉଁଶ କାଟି ପାତିଆ ପ୍ରସ୍ତୁତ କରୁଛନ୍ତି ତ ଆଉ କିଏ ବାଉଁଶ ପାତିଆକୁ ଯୋଡ଼ି ବିଭିନ୍ନ ପ୍ରକାରର ସାମଗ୍ରୀ ତିଆରି କରୁଛନ୍ତି। ସକାଳୁ ସକାଳୁ ଘର କାମ ସାରି ଏହି ଗୋଷ୍ଠୀର ମହିଳା ମାନେ ଏକାଠି ହୁଅନ୍ତି। ଏବଂ ବିଭିନ୍ନ ଘର ସଜ୍ଜା ଉପକରଣ ପ୍ରସ୍ତୁତ କରନ୍ତି ।



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବେଦିରୀ ସାହିର ସିରିଡି ସ୍ୱୟଂ ସହାୟକ ସଂଘର ମହିଳାମାନେ ଏହି ବାଉଁଶ କାରିଗରୀରୁ ପାଇଛନ୍ତି ସ୍ୱତନ୍ତ୍ର ପରିଚୟ। ବାଉଁଶରୁ ଭଳି କି ଭଳି ସାମଗ୍ରୀ ପ୍ରସ୍ତୁତ କରି ଗୋଷ୍ଠୀର ମହିଳା ମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ବାଉଁଶକୁ ପାତିଆ କରି ସେଥିରୁ ବିଭିନ୍ନ ପ୍ରକାରର ଘର ସଜା ଉପକରଣ ଯଥା ଫୁଲଦାନୀ, ପେନ ଷ୍ଟାଣ୍ଡ, ମନି ପର୍ସ, ଲ୍ୟାମ୍ପ ଭଳି ଅନେକ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ୮ ବର୍ଷ ତଳେ ସୋନପୁରର ଏକ ସଂସ୍ଥା ଏହି ମହିଳାମାନଙ୍କୁ ବାଉଁଶ କାରିଗରୀ ଉପରେ ତାଲିମ ଦେଇଥିଲା। ପରେ ଏହି ମହିଳାମାନେ ବ୍ୟାଙ୍କରୁ ଋଣ ଆଣି ବାଉଁଶ କିଣି ସେଥିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏହି ସାହିର ପାଖାପାଖି ୨୦ରୁ ୩୦ ଜଣ ମହିଳା ବାଉଁଶ ତିଆରି କାମ କରି ଭଲ ରୋଜଗାର କରୁଛନ୍ତି । କେବଳ ସେତିକି ନୁହଁ ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ଆର୍ଥିକ ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରୁଛନ୍ତି ।



ବାଉଁଶରେ ତିଆରି ଏହି ସୁନ୍ଦର କଳାକୃତିକୁ ଘର ସଜାଇବା ସହ ଅଫିସ ଠାରୁ ଆରମ୍ଭ କରି ବଡ଼ ବଡ଼ ହୋଟେଲକୁ ମଧ୍ୟ ଡେକୋରେଟ୍ କରାଯାଇପାରିବ। ଏହି ମହିଳା ମାନେ ପୂର୍ବରୁ କେବଳ ଟୋକେଇ ଓ କୂଲା ପ୍ରସ୍ତୁତ କରୁଥିଲେ। ୨୦୧୫ ମସିହା ଠାରୁ ତାଲିମ ପାଇବା ପରେ ବାଉଁଶରୁ ପ୍ରାୟ ୩୦ରୁ ଅଧିକ ପ୍ରକାରର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। କାରିଗରଙ୍କ ହାତରେ ତିଆରି ହୋଇଥିବା ଏହି ସାମଗ୍ରୀ ବଜାରରେ ମଧ୍ୟ ବେଶ୍ ଆଦୃତ ଲାଭ କରିଛି । କିନ୍ତୁ ପରିଶ୍ରମ ହିସାବରେ ସେତେଟା ଲାଭ ମିଳୁନଥିବାରୁ ଏହି କାମ ପ୍ରତି ମହିଳାଙ୍କ ଆଗ୍ରହ ବଢୁନି। ଉଚିତ ବଜାର ସହ ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇବେ ବୋଲି ଗୋଷ୍ଠୀର ମହିଳା ମାନେ କହିଛନ୍ତି ।

## ଶିଶୁର ଚିକିତ୍ସା ପାଇଁ ଅର୍ଥ ବାଧକ



**ବାଲିଅନ୍ତା/ବାଲିପାଟଣା, ୧୨।୧୧ (ସଂଚାର ବ୍ୟୁରୋ):** ଦୁଇ ମାସର ପିଲାର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ ପିଲାର ଚିକିତ୍ସା କରାଇବା ପାଇଁ ଅର୍ଥ ଆକୁଳ ନିବେଦନ କରିଛନ୍ତି ବାପ ମାଆ। ଏହି ଭଳି ଏକ ଘଟଣା ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ପମ୍ପାଲୋ ଗ୍ରାମ ପଞ୍ଚାୟତର କୁଳନ୍ତିରା ଗ୍ରାମର ଅଜୟ ମଲ୍ଲିକ ଓ ଅର୍ପିତା ମଲ୍ଲିକଙ୍କର ଦୁଇ ମାସର ପୁତ୍ର ସନ୍ତାନ ଏବେ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଦିନ ମଜୁରୀଆ ଭାବେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରନ୍ତି । କିନ୍ତୁ ଦଇବ ଦାଉ ସାଜିଲା ପରି ପିଲାଟି ମେଡ଼ିକାଲରେ ଜନ୍ମ ଗ୍ରହଣ କରିବା ପରେ ସେ କିଛି ଦିନ ଘରେ ରହିବା ପରେ ନବଜାତ ଶିଶୁ ପୁତ୍ରଟିର କିଛି ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଲା । ଯେଉଁଥି ପାଇଁ ଶିଶୁ ପୁତ୍ରଟି ଖାଦ୍ୟ ପେୟ କରିବା ପାଇଁ ସମସ୍ୟା ଦେଖା ଦେବାରୁ ସେ ଜନ୍ମରୁ ଚିକିତ୍ସିତ ହେଉଛନ୍ତି ଏକ ଘରୋଇ ମେଡିକାଲ୍ ରେ ସରକାରୀ ମେଡିକାଲ୍ ରୁ ଆରମ୍ଭ କରି ଘରୋଇ ମେଡ଼ିକାଲରେ ଚିକିତ୍ସା କରିବା ପରେ ଶିଶୁ ପୁତ୍ରର ଏକ ଅସ୍ତ୍ର ପ୍ରଚାର କରାଯାଇ ତାହା ଠିକ୍ କରାଯାଇ ପାରିବ ବୋଲି ଡକ୍ଟର କହିଛନ୍ତି । ଅସ୍ତ୍ର ପ୍ରଚାର କରିବା ପାଇଁ ୪ରୁ ୫ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେବ ବୋଲି ଶିଶୁ ପୁତ୍ରର ମାତା ପିତାଙ୍କୁ ଡକ୍ଟର କହିଛନ୍ତି। କିନ୍ତୁ ଦିନ ମଜୁରୀ କରୁଥିବା ବାପା ନିଜର ପିଲାର ଚିକିତ୍ସା କରାଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ବି ପଇସା ସରିଯିବ ପରେ ସେ ମାଗି ଯାଚି ଧାର କରଜ କରି ଚିକିତ୍ସା କରାଉଛନ୍ତି। କିନ୍ତୁ କୋମଳ ମତି ଶିଶୁ ପୁତ୍ରର ଅସ୍ତ୍ର ପ୍ରଚାର କରିବା ପାଇଁ ସେ ଆକୁଳ ନିବେଦନ କରିଛନ୍ତି। ଯଦି କେହି ସହଯୋଗ କରିବା ପାଇଁ ଚାହୁଛନ୍ତି ତେବେ ଫୋନ୍ ପେ ନମ୍ବର-୭୯୭୮୧୧୪୪୦୮, ଏସିସି ନମ୍ବର-୩୬୨୯୫୨୨୨୯୩୦, ଆଇଏଫ୍ଏସ୍ସି କୋଡ୍-ଏସ୍ବିଆଇଏନ୍୦୦୧୨୦୩୧ (ଅର୍ପିତା ମଲ୍ଲିକ) । ଏହି ଆକାଉଣ୍ଟରେ ନମ୍ବରରେ ସାହାର୍ଯ୍ୟ ସହଯୋଗ କରିବା ପାଇଁ ଆକୁଳ ନିବେଦନ କରିଛନ୍ତି ।

# ଭିନ୍ନ ଏକ ମା’ ମୀରା



ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ମୀରା ପରିଡା, ତୃତୀୟଲିଙ୍ଗୀଙ୍କ ପାଇଁ ମା’। ଗୋଟେ ସମୟ ଥିଲା, ଯେତେବେଳେ ତୃତୀୟଲିଙ୍ଗୀଙ୍କୁ ସମାଜରେ ଘୃଣ୍ୟ ଚକ୍ଷୁ୍ୟରେ ଦେଖାଯାଉଥିଲା। ସେ ସମୟରେ ମୀରା ପରିଡା ସେମାନଙ୍କ ପାଇଁ ଛାତି ଦେଖାଇ ଛିଡା ହେଲେ। ଜଣେ ଉଚ୍ଚଶିକ୍ଷିତା, ସମାଜସେବୀ ଓ ଲେଖିକା ଭାବେ ମୀରା ତୃତୀୟଲିଙ୍ଗୀଙ୍କୁ ନ୍ୟାୟ ଦେବା ସହ ଗର୍ବର ସହ ଛିଡା ହେବାକୁ ସାହସ ଦେଲେ। ସରକାରଙ୍କ ସହ ଲଢି ଶେଷରେ ନ୍ୟାୟ ପାଇଲେ। ଆମେ ତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚରିତ୍ରରେ ଓ ଭୂମିକାରେ ଦେଖିଛୁ। ସମସ୍ତେ ତାଙ୍କୁ ମା’ ବୋଲି ଡାକନ୍ତି। କିନ୍ତୁ ମା’ କାହିଁକି? ଆମ ଭଳି ବହୁ ଲୋକଙ୍କ ମନକୁ ସେ ପ୍ରଶ୍ନ ନିଶ୍ଚିତ ଭାବେ ଆନ୍ଦୋଳିତ କରୁଥିବ। ଏଭିତରେ ମୀରାଙ୍କ ସୋସିଆଲ ମିଡିଆର କିଛି ରିଲ୍ସ ଆମ ନଜରକୁ ଆସିଛି, ଆଉ ସେ ଭିଡିଓ ଦେଖିଲେ ପ୍ରକୃତରେ ସେ କାହିଁକି ସମସ୍ତଙ୍କ ପାଇଁ ମା ତାହା ଆଉ ବୁଝିବାକୁ ବାକି ରହିନି।

ଏହି ଭିଡିଓରେ ସେ ତାଙ୍କ ସ୍ୱାମୀ ଅଶୋକ ଚମ୍ପତିଙ୍କୁ ନେଇ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି। ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା କଥା କହିଲେ ଅଶୋକ କେଉଁ ଦୂରାରୋଗ୍ୟରେ ପିଡିତ ତାହା ସମସ୍ତେ ବୁଝିପାରୁଥିବେ। ମୀରା ତାଙ୍କ ରିଲ୍ସରେ କେତେବେଳେ କାନ୍ଦୁଛନ୍ତି, କେତେବେଳ ପୂର୍ବ ସ୍ମୃତିକୁ ମନେପକାଉଛନ୍ତି, ତ କେତେବେଳେ ଅଶୋକଙ୍କ ସହ ହସଖୁସୀରେ ଗୀତ ଗାଉଛନ୍ତି। ଅଶୋକ ଓ ମୀରାଙ୍କ ସମ୍ପର୍କ କାହାକୁ ଅଛପା ନୁହେଁ। କାରଣ ମୀରା ତାଙ୍କ ପାଇଁ ସାବିତ୍ରୀ ବ୍ରତ ଠାରୁ ଆରମ୍ଭ କରି ଓଡିଆଣୀ ପରି ସବୁ ପୂଜା କରିଥାନ୍ତି।

କ୍ୟାନସରରେ ପିଡିତ ବ୍ୟକ୍ତିଙ୍କ ପାଇଁ ଜୀବନ ନିଶ୍ଚିତ ଦୁର୍ବିସହ। କିନ୍ତୁ ଦୃଢ ଇଚ୍ଛାଶକ୍ତି ଓ ଚିକିତ୍ସା ବିଜ୍ଞାନ ଦ୍ୱାରା ଏହାର ନିରାକରଣ କରାଯାଇପାରିବ। ଅଶୋକଙ୍କୁ ସେଇ ମନୋବଳ ଦେଉଛନ୍ତି ମୀରା। ମା’ ପରି ତାଙ୍କ ସହ ଛାଇ ଭଳି ରହୁଛନ୍ତି। ନିଜେ ଲୁଚି ଲୁଚି କାନ୍ଦୁଛନ୍ତି କିନ୍ତୁ ଅଶୋକଙ୍କୁ ହସାଉଛନ୍ତି। ଯେଉଁ ମୀରା ଓଡିଶା ସହ ସାରା ଦେଶରେ ତୃତୀୟଲିଙ୍ଗୀଙ୍କ ପାଇଁ ଏକ ଉଦାହାରଣ ହୋଇଛନ୍ତି ଆଉ ସମାଜରେ ଗର୍ବର ସହ ସଂଘର୍ଷ କରିବାକୁ ମନୋବଳ ଦେଇଛନ୍ତି ସେଇ ମୀରା ଆଜି ବିଷର୍ଣ୍ଣ। ତଥାପି ସେ ଅଶୋକଙ୍କ ପାଇଁ ନିଜ ଲୁହ ନିଜେ ଢୋକି ହସୁଛନ୍ତି। ବୋଧହୁଏ ସେଇଥିପାଇଁ ସେ ସମସ୍ତଙ୍କ ପାଇଁ ମା’।

# କୁଳପତି ଚୟନରେ ବିଳମ୍ବ



ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଚଳିତମାସ ଶେଷ ସପ୍ତାହରେ ସରିବ। କିନ୍ତୁ ଏ ଯାଏଁ ନୂଆ କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ସୂଚନା ମିଳିଛି। ବିଳମ୍ବ ଯୋଗୁଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୧୯୮୯ର ପ୍ରାବଧାନ ଆଧାରରେ ଏବେ ଏସବୁ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତିଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ଏପଟେ ବିଶ୍ୱବିଦ୍ୟାଳୟଗୁଡ଼ିକର ବୃହତର ସ୍ୱାର୍ଥ ଦୃଷ୍ଟିରୁ ନୂଆ କୁଳପତି ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ରାଜଭବନ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଚିଠି ଲେଖାଯାଇଛି। କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନବିଏସ୍ ରାଜପୁତ ୮ତାରିଖରେ ରାଜ୍ୟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଚିଠି ଲେଖିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସଙ୍କ ନିର୍ଦ୍ଦେଶରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୧୯୮୯ର ପ୍ରାବଧାନ ଆଧାରରେ ନୂଆ କୁଳପତି ଚୟନ ପାଇଁ ଚୟନ କମିଟିର ସଂଯୋଜକ ଭାବେ ବିଜ୍ଞାପନ ଜାରି କରିବାକୁ ଉଚ୍ଚଶିକ୍ଷା ସଚିବଙ୍କୁ ଚିଠିରେ ଅନୁରୋଧ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ସ୍ତରରେ ଏହି ଚୟନ ପ୍ରକ୍ରିୟା ପଡ଼ି ରହିଥିବା ଚିଠିରେ କୁହାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନୂଆ କୁଳପତି ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସେ ଅନୁରୋଧ କରିଛନ୍ତି।

# ଶକ୍ତି ସଂସ୍କାରର ନେତୃତ୍ୱ ନେବ ଓଡ଼ିଶା

ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ନୂଆଦିଲ୍ଲୀର ଯଶୋଭୂମି ଠାରେ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ସୁଦୃଢ କରିବା ଲାଗି ଉଦ୍ଦିଷ୍ଟ ଯୋଜନା ବିଷୟରେ ଉପସ୍ଥାପନ କରିଛନ୍ତି।

ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡ଼ିଶାର ନେତୃତ୍ୱ ତଥା ଭାରତର ସବୁଜ ଶକ୍ତି ଲକ୍ଷ୍ୟକୁ ନେଇ ଅଗ୍ରଗତି କରୁଥିବାବେଳେ ଏହାର ଶକ୍ତି ଭିତ୍ତିଭୂମି ଆଧୁନିକୀକରଣ ପାଇଁ ପ୍ରତିବଦ୍ଧତା ଉପରେ ଶ୍ରୀ ସିଂହଦେଓ ଆଲୋକପାତ କରିଛନ୍ତି। ବିଦ୍ୟୁତ୍ ବିତରଣରେ ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ୍(ପିପିପି) ମଡେଲଗୁଡ଼ିକର ସଫଳ ରୂପାୟନ ରାଜ୍ୟର ୪ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ କାର୍ଯ୍ୟ ଦକ୍ଷତା ଓ ଆର୍ଥିକ କ୍ଷମତାକୁ ସୁଦୃଢ କରିଛି। ଶକ୍ତି ମନ୍ତ୍ରାଳୟର ମୂଲ୍ୟାୟନ ଅନୁଯାୟୀ ଶ୍ରେଷ୍ଠ ୧୦ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏନଓଡିଏଲ୍ ସ୍ଥାନ ପାଇଛନ୍ତି। ଶକ୍ତି କ୍ଷେତ୍ର ସଂସ୍କାରରେ ସଫଳତା ଓଡ଼ିଶାକୁ ଅଗ୍ରଣୀ ମାନ୍ୟତା ପ୍ରଦାନ କରିଛି । ପୁନରୁଦ୍ଧାର ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ) ଅନ୍ତର୍ଗତ ୩୦୬୯ କୋଟି ଟଙ୍କାର ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଦ୍ୱାରା ସମୀକ୍ଷା କରାଯାଉଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତା ଅଧିକାର ନିୟମ ୨୦୨୦ କୁ ଓଡ଼ିଶା ସକ୍ରିୟ ଭାବେ କାର୍ଯ୍ୟକାରୀ କରୁଛି ଏବଂ ପିଏମ୍-ସୂର୍ଯ୍ୟଘର ଯୋଜନାକୁ ଅଧିକ ସୁଲଭ କରିବା ନିମନ୍ତେ ଓଡ଼ିଶା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚିନ୍ତା କରୁଛି । ଓଡ଼ିଶା ୮୮୫୬ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ନାଗରିକଙ୍କ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିଛି ଏବଂ ୨୦୩୦ ସୁଦ୍ଧା ୧୫୬୦୩ ମେଗାୱାଟ ଶକ୍ତି ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ୨୦୩୦ ସୁଦ୍ଧା ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା ୧୦,୦୦୦ ମେଗାୱାଟ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଶକ୍ତି ସଂରକ୍ଷଣକୁ ପ୍ରାଥମିକତା ଦେଇ ଓଡ଼ିଶା ୧୦,୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପିଏସପି ପ୍ଲାଣ୍ଟ ପାଇଁ ଯୋଜନା କରୁଛି। ଏଗୁଡିକୁ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ (ବିଏସଏସ) ଏବଂ ପିଏସପି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସହାୟତା ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ଜାତୀୟ ଗ୍ରୀଡ୍ ସହିତ ସଂଯୋଗ କରିବା ପାଇଁ ଗ୍ରୀନ ଏନର୍ଜି କରିଡରର ତୃତୀୟ ସୋପାନରେ କେନ୍ଦ୍ରୀୟ ସହାୟତା ପାଇଁ ସେ ଅନୁରୋଧ କରିଛନ୍ତି।




## ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼

# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାବାହୁ



ପୁରୀ, ୧୨।୧୧ (ସଂଚାର ବ୍ୟୁରୋ): ମଙ୍ଗଳବାରରୁ ଆରମ୍ଭ ହୋଇଥିବା ପଞ୍ଚୁକପାଇଁ ଶ୍ରୀକ୍ଷେତ୍ର ପୁରୀ ଚଳଚଞ୍ଚଳ। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଛି। ଏକ ମାସ ଧରି ଚାଲିଥିବା ମହାପ୍ରଭୁଙ୍କ ରାଧାଦାମୋଦର ବେଶ ସରିବା ପରେ ପଞ୍ଚୁକ ପାଞ୍ଚଦିନ ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶରେ ଭକ୍ତଙ୍କୁ ମହାପ୍ରଭୁ ଦର୍ଶନ ଦେଇଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଛି। ଅବକାଶ ନୀତି ଶେଷ ହେବା ପରେ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଥାଇ ଶ୍ରୀଜିଉମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ଅନୁଷ୍ଠିତ ହୋଇଛି। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଭୂଷିତ କରିଥାଆନ୍ତି। ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଭଳି ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥାଆନ୍ତି। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ। ଏହି ଦୁର୍ଲଭ ବେଶ ଦର୍ଶନ କଲେ ଅନନ୍ତ ପୁଣ୍ୟ ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ପଞ୍ଚୁକ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ସୁବିଧା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଜିଲ୍ଲା ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ୩୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଭକ୍ତମାନେ ମାର୍କେଟ ଛକରୁ ଅସ୍ଥାୟୀ ବ୍ୟାରିକେଡରେ ପ୍ରବେଶ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବା ସହ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ଭକ୍ତମାନଙ୍କ ପାଇଁ ମରଚିକୋଟ ଛକରେ ଜୋତା ଷ୍ଟାଣ୍ଡ କରାଯାଇଥିବା ବେଳେ ଡାକବାଜି ଯନ୍ତ୍ର ଦ୍ୱାରା ନୀତିକାନ୍ତି ବିଷୟରେ ସୂଚନା ଦିଆଯାଉଛି। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁ ନିଦ୍ରାଭଙ୍ଗ ହୋଇଛନ୍ତି। ଏହାକୁ ହରି ଉତ୍ଥାପନ ଏକାଦଶୀ କୁହାଯାଇଥାଏ। ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ। ବୁଧବାର ଗରୁଡ ଦ୍ୱାଦଶୀ ସହ ମହାପ୍ରଭୁଙ୍କ ବାମନ ବା ବାଙ୍କଚୁଡ ବେଶ ଅନୁଷ୍ଠିତ ହେବ।

# ପଶିଗଲେ ଅଣହିନ୍ଦୁ ମହିଳା



ପୁରୀ, ୧୨।୧୧ (ସଂଚାର ବ୍ୟୁରୋ): ପଞ୍ଚୁକ ଭିଡ଼ର ସୁଯୋଗ ନେଇ ଶ୍ରୀମନ୍ଦିରରେ ପଶିଗଲେ ଅଣହିନ୍ଦୁ ମହିଳା। ସିଂହଦ୍ୱାର ଦେଇ ଜଣେ ମହିଳା ଶ୍ରୀମନ୍ଦିର ଗୁମୁଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ତାଙ୍କୁ ଧରି ଥିଲେ ଜଗନ୍ନାଥ ଟେମ୍ପୁଲ ପୁଲିସ୍। ମହିଳା ଜଣକ ଚାଇନିଜ୍ ଭାଷାରେ କଥା ହେଉଥିଲେ। ଉଦ୍ଧାର ବେଳେ ସେ ପୁଲିସ୍‌କୁ ବିରୋଧ କରୁଥିଲେ। ହେଲେ ପୁଲିସ୍ ତାଙ୍କୁ ଜବରଦସ୍ତି ଉଦ୍ଧାର ଅସ୍ଥାୟୀ ଆଉଟ୍ ପୋଷ୍ଟକୁ ନେଇ ଦୀର୍ଘ ସମୟ ଧପଚରାଉଚରା କରିଛାଡ଼ି ଦେଇଥିଲା। ପୂର୍ବରୁ କିଛି ବାଂଲାଦେଶୀ ଶ୍ରୀମନ୍ଦିର ଭିତରେ ପଶିଥିଲେ। ସେମାନେ ମନ୍ଦିର ଚାରି ପାର୍ଶ୍ୱରେ ବୁଲାବୁଲି କରୁଥିବା ସେବାୟତଙ୍କ ନଜରରେ ପଡ଼ିଥିଲେ। ପୁଲିସ୍ ସେମାନଙ୍କୁ ପଚରାଉଚରା କରିବା ପରେ ସେମାନେ ବାଂଲାଦେଶୀ ବୋଲି ଜଣାପଡ଼ିଥିଲା। ଢିଲା ସୁରକ୍ଷା ଯୋଗୁ ବିଦେଶୀମାନେ ବାରମ୍ବାର ଶ୍ରୀମନ୍ଦିର ଭିତରେ ପଶୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ମନୋଜ ମିଶ୍ରଙ୍କ ନାଁରେ ଏତଲା



ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ଓଡ଼ିଆ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ କଟକ ସାଇବର ଥାନାରେ ଏତଲା ଦେଲେ ଓଡ଼ିଶା ଫିଲ୍ମ ଓ ଟିଭି ନିର୍ଦ୍ଦେଶକ ସଂଘ। ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକଙ୍କ ବିରୋଧରେ ବାରମ୍ବାର ସୋଶାଲ ମିଡ଼ିଆରେ ଅରୁଚିକର ମନ୍ତବ୍ୟ ଦେଉଥିବ। ଅଭିଯୋଗ କରିଛି ସଂଘ। ବ୍ୟକ୍ତିଗତ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ମନୋଜ ବଦନାମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବସନ୍ତ ସାହୁ, ତାପସ ସରଘରିଆ, ବବି ଇସଲାମ୍ ପ୍ରମୁଖ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଘଟଣାର ତଦନ୍ତ କରୁଛି। ମନୋଜ ମିଶ୍ରଙ୍କ ମନ୍ତବ୍ୟ ନେଇ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି, ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରିକୁ ୮୮ ବର୍ଷ ହେଲାଣି। ଓଡ଼ିଶାରେ କେତେ ବଡ଼ବଡ଼ ନିର୍ଦ୍ଦେଶକ ଥିଲେ। ନିତେଇ ପାଲିତଙ୍କଠାରୁ ଆରମ୍ଭ କରି ହେମନ୍ତ ଦାସ, ହର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ମନମୋହନ ମହାପାତ୍ର ପର୍ଯ୍ୟନ୍ତ। ସେମାନଙ୍କ ଫିଲ୍ମ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାଁ କରିଛି। ଆମମାନଙ୍କର ମଧ୍ୟ ଫିଲ୍ମ ଲାଇନ୍‌ରେ ୫୦ ବର୍ଷ ହୋଇଗଲାଣି। ଏହା ସତ୍ତ୍ୱେ ସେ ବିଭିନ୍ନ ସମୟରେ କହି ଚାଲିଛନ୍ତି ଓଡ଼ିଶାରେ ଭଲ ନିର୍ଦ୍ଦେଶକ ନାହାନ୍ତି। ସେ ଯେଉଁ ଢଙ୍ଗରେ ମନ୍ତବ୍ୟ ଦେଉଛନ୍ତି, ତାହା ଅତି ନିମ୍ନମାନର। ତାଙ୍କ ମନ୍ତବ୍ୟ ଓଡ଼ିଶା ଫିଲ୍ମକୁ ପ୍ରଭାବିତ କରିଛି। ଯେଉଁଥିପାଇଁ ଆମେ ସାମ୍ନାକୁ ଆସିବା ପାଇଁ ବାଧ୍ୟ ହେଲୁ।

## ଟ୍ରେଡିଂ ଆପ୍‌ରେ ଫସିଲେ ଯୁବକ

# ବିବାହ ପୂର୍ବରୁ କଲେ ଆତ୍ମହତ୍ୟା



ଝାରସୁଗୁଡ଼ା, ୧୨।୧୧ (ସଂଚାର ବ୍ୟୁରୋ): ଟ୍ରେଡିଂ ଆପ ନେଲା ଯୁବକଙ୍କ ଜୀବନ। କ୍ଷତି ସହି ନ ପାରି ଟ୍ରେନଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଯୁବକ। ଝାରସୁଗୁଡାରୁ ଆସିଛି ଏଭଳି ଦୁଃଖ ଖବର। ବିବାହର ସପ୍ତାହେ ପୂର୍ବରୁ ସେ ଜୀବନ ହାରିଛନ୍ତି। ହ୍ୱାଟସଆପ୍‌ରେ ସେ ଦେଇଥିବା ମେସେଜ ଶୋକାକୂଳ ପରିବେଶ ସୃଷ୍ଟି କରିଛି। କେନ୍ଦ୍ରାପଡ଼ାର ଅଚ୍ୟୁତାନନ୍ଦ ସାହୁ ଝାରସୁଗୁଡାର ଏକ ହୋଟେଲରେ କ୍ୟାସ୍ ମ୍ୟାନେଜର ଥିଲେ। ଟ୍ରେଡିଂ ଆପରେ ସେ ପ୍ରାୟ ୨୫ ଲକ୍ଷ ଟଙ୍କା କ୍ଷତି କରିଥିଲେ। ଋଣ ଶୁଝିବା ଚିନ୍ତାରେ ଉପାୟ ନ ପାଇ ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଲେଖିଛନ୍ତି, ନା ମୁଁ ଭଲ ପୁଅ ହେଇପାରିଲି, ନା ଭଲ ଭାଇ, ନା ଭଲ ମାମୁଁ, ନା ଭଲ ଦାଦା, ନା ସାଙ୍ଗ। ସମସ୍ତଙ୍କ ବିଶ୍ୱାସ ଆଉ ମନକୁ ଆଘାତ ଦେଇଛି। ଗୋଟେ ଭୁଲ ଯୋଗୁ ଜୀବନ ହରେଇବାକୁ ବାଧ୍ୟ ହେଉଛି। ଝାରସୁଗୁଡ଼ା ଜିଆର୍‌ପି ଥାନା ଅନ୍ତର୍ଗତ ବାଲିଜୁରୀରେ ରହୁଥିବା ଅଚ୍ୟୁତା ନନ୍ଦ ସାହୁ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଆସନ୍ତା ୧୭ରେ ତାଙ୍କର ବିବାହ ସ୍ଥିର ହୋଇଥିଲା।

# ଜରିପାଲ ଘେରା ଭଙ୍ଗା ଘରେ ବିତୁଛି ଜୀବନ

## ଦାରିଦ୍ର୍ୟ ସୀମାରେଖା ତଳେ ରହି ବି ଆବାସ ଯୋଜନାରୁ ବାଦ୍ ୬ ପରିବାର



ଫୁଲନଖରା, ୧୨।୧୧ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ୩୩ ନଂ ଜୋନ ହରିଅନ୍ତା ଗ୍ରାମ ପଞ୍ଚାୟତ ଅନ୍ଧୋଟି ଗ୍ରାମରେ ପ୍ରାୟ ୧୬୦୦ ଲୋକ ବସବାସ କରନ୍ତି। ଏହି ଗ୍ରାମରେ ରହୁଛନ୍ତି ଲୋକନାଥ ଭୋଇ, କାଶୀନାଥ ଭୋଇ ଓ ରବୀନ୍ଦ୍ର ଭୋଇଙ୍କ ପରିବାର ପରି ଆହୁରି ୩ ପରିବାର। ଦାରିଦ୍ର୍ୟ ସୀମା ରେଖା ତଳେ ରହୁଥିବା ଏହି ୬ ପରିବାର ଚାଳ ଘରେ ଜରି ପାଲ ପକେଇ ଦୟନୀୟ ଅବସ୍ଥାରେ ରହୁଛନ୍ତି। ଆଜି ଯାଏ ଏମାନଙ୍କୁ ସରକାରୀ ଆବାସ ଯୋଜନାରେରେ ଘର ଖଣ୍ଡେ ମିଳି ପାରିନାହିଁ। ଗରିବ ବାସହୀନ ପରିବାରକୁ ଚିହ୍ନଟ କରି ଘର ଯୋଗାଇ ଦେବା ପାଇଁ ପ୍ରଣୟନ ହୋଇଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ଓ ବିଜୁ ପକ୍କା ଘର ଯୋଜନା। କିନ୍ତୁ ୩୩ ନଂ ଜୋନ୍‌ରେ ବାସହୀନ ଗରିବଙ୍କ ବଦଳରେ ଅଯୋଗ୍ୟ ହିତାଧୀକାରୀଙ୍କୁ ଚିହ୍ନଟ କରିଛନ୍ତି ପୂର୍ବ ସରକାରଙ୍କ କିଛି ଦୁର୍ନୀତିଗ୍ରସ୍ତ ଲୋକ ପ୍ରତିନିଧି। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରି ବଡ଼ବଡ଼ିଆ ବାବୁମାନେ ସରକାରୀ ଆବାସ ହାତେଇଥିବା ଦେଖିବାକୁ ମିଳିଛି। ୨୪ ବର୍ଷର ବିଜେଡି ଶାସନର ପ୍ରକୃତ ମୁଖା ଖୋଲିଦେଉଛି ଏହି ପରିବାରର ଦୃଶ୍ୟ। ରାଜଧାନୀଠାରୁ ମାତ୍ର ୧୫ କିମି ଦୂରରେ ରହିଛି ଅନ୍ଧୋଟି। କିନ୍ତୁ ଏ ଦୃଶ୍ୟ ଦେଖିଲେ ଯେମିତି ଲାଗୁଛି ଆମେ କେଉଁ ଉପାନ୍ତ ଅଞ୍ଚଳରେ ଅଛୁ। ୧୯୯୯ ମହାବାତ୍ୟା ପର ଠାରୁ ଦୀର୍ଘ ବର୍ଷ ହେଲା ଦହନୀୟ ଅବସ୍ଥାରେ ଜରି ପାଲ ଘେରା ଚାଳ ଘରେ ବିପଦସଂକୁଳ ଅବସ୍ଥାରେ ଜୀବନ ବିତାଉଛନ୍ତି ଏହି ୬ ପରିବାର। ଶୋଇଥିବା ସମୟରେ ବିଭିନ୍ନ ପ୍ରକାର ବିଷାକ୍ତ ସାପ ମଧ୍ୟ ଘରେ ପସିଥାନ୍ତି। କେତେବେଳେ ଯେ ଏହି ଦଦରା ମାଟି କାନ୍ଥ ଭୁଶୁଡ଼ି ପଡ଼ିବ ତାହାର କିଛି ଠିକ ଠିକଣା ନାହିଁ। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଅନେକ ଥର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପାଖରେ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳିନି ବୋଲି କହିଛନ୍ତି ପରିବାର ଲୋକେ। ୨୦୧୫ -୨୦୧୬ ମସିହାରେ ଏହି ପଞ୍ଚାୟତରେ କିଛି ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ସହିତ ମୋ’ କୁଡିଆ ଓ ବିଜୁ ପକ୍କାଘର ଆବାସ ମିଳିଛି। ଆହୁରି ମଧ୍ୟ ଅଭିଯୋଗ ହେଶଇଛି, ଏହି ପଞ୍ଚାୟତରେ ଆବାସ ପାଇଥିବା ବ୍ୟକ୍ତିଙ୍କ ଘରର ଫଟୋ ସେହି ସ୍ଥାନର ନ ହୋଇ ଅନ୍ୟ ସ୍ଥାନର ଉଠେଇ ବିଲ୍ ପାସ୍ କରାଯାଇଛି। ପ୍ରକୃତ ଅସହାୟ, ଗରିବ, ବାସହୀନ, ପରିବାରକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ମିଳିପାରୁ ନ ଥିବା ବେଳେ ଏହି ପଞ୍ଚାୟତରେ ଜଣଙ୍କୁ ୨ଟି ଲେଖା ଆବାସ ମିଳିଛି କିପରି? ଅନେକ ଅଯୋଗ୍ୟ ହିତାଧୀକାରୀ ସରକାରୀ ଘର ହାତେଇ ଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରାଯାଇଛି। ଫଳରେ ଅସହାୟ, ଗରିବ, ବାସହୀନ, ପରିବାର ଭଙ୍ଗା ଦଦରା କୁଡିଆରେ ଭାଗ୍ୟକୁ ଆଦରି ଜୀବନ ବିତାଉଛନ୍ତି। ନୂଆ ସରକାର ଓ ପ୍ରଶାସନ ଆବାସ ଯୋଜନାରେ ଏହି ପରିବାରଙ୍କୁ ସାମିଲ କରି ପକ୍କାଘର ଯୋଗାଇ ଦେବାକୁ ଦାବି ହେଉଛି।

## ସୁଭଦ୍ରା ଯୋଜନା | ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ନଭେମ୍ବର ୨୪ ତାରିଖରେ ‘ସୁଭଦ୍ରା’ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ମିଳିବ। ହିତାଧିକାରୀଙ୍କ ଆକାଉଣ୍ଟକୁ କିପରି ଅର୍ଥ ଯିବ, ସେଥିପାଇଁ ପ୍ରସ୍ତୁତି ଓ ସୁବ୍ୟବସ୍ଥା ସଂପର୍କରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇଥିବା ବେଳେ ସମସ୍ତ ଜିଲ୍ଲାରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବିଡିଓମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପଞ୍ଜୀକରଣ କରି ସୁଦ୍ଧା ବ୍ୟାଙ୍କ ଏବଂ ଆଧାର ସଂଯୋଗୀକରଣ ସମସ୍ୟା ଯୋଗୁଁ ବାଦ ପଡିଥିବା ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ସିପିଆଇ (ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ) ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଅର୍ଥ ପ୍ରେରଣବେଳେ ଯେଉଁମାନଙ୍କର ତୃଟି ଦେଖା ଦେଇଥିଲା, ତାହାକୁ ଅନୁଧ୍ୟାନ କରାଯିବ। ହିତାଧ୍ୟାକାରୀଙ୍କୁ ସହାୟତା ପାଇଁ ସମସ୍ତ ଜିଲ୍ଲାରେ ସୁଭଦ୍ରା ହେଲ୍ ଡେସ୍କମାନ କାର୍ଯ୍ୟ କରୁଛି । କ୍ଷେତ୍ରସ୍ତରରେ ପାଂଚ ଟିମ୍ ମାନେ ଆବେଦନଗୁଡିକୁ ଯାଞ୍ଚ କରିବେ।

# ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ

## ୨ ଯୁବକ ଥାନାରେ ଅଟକ



ବଲାଙ୍ଗୀର, ୧୨।୧୧ (ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ ଅଭିଯୋଗ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ନାଁ ନେଇ ଚାକିରୀ କରାଇ ଦେବା କହି ଠକେଇ ଅଭିଯୋଗ। ଏହି ଘଟଣାରେ ୨ ଜଣ ଯୁବକଙ୍କୁ ପାଟଣାଗଡ଼ ଥାନାରେ ଅଟକ ରଖିଛି ପୁଲିସ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଚାକିରୀ କରାଇ ଦେବେ କହି ସେମାନଙ୍କଠୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।

ଅଟକ ଥିବା ଯୁବକମାନେ ବିଲାଇସାଥି ଗାଁର ବୁଦ୍ଧଦେବ ସାହୁ ଏବଂ ସାଲେପାଲି ଗାଁର ସୁଶୀଲ ରାଓ ବୋଲି ଜଣାପଡ଼ିଛି। ଅଭିଯୋଗ ପରେ ପୁଲିସ ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅଟକ ଥିବା ଦୁଇ ଜଣ ପୂର୍ବରୁ ମଧ୍ୟ ବିଭିନ୍ନ ନେତାଙ୍କ ନାଁ ନେଇ ଲୋକଙ୍କ ଠାରୁ ଅନେକ ଟଙ୍କା ଠକି ନେଇଥିବା ସୂଚନା ମିଳିଛି। ଏଥର ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ କରିବା ସେମାନଙ୍କୁ ମହଙ୍ଗା ପଡ଼ିଛି।

# ଝାଡଖଣ୍ଡ ପ୍ରଚାରରେ ନାହାନ୍ତି ଓଡ଼ିଶା କଂଗ୍ରେସ ନେତା



ଭୁବନେଶ୍ୱର, ୧୨।୧୧: ପଡୋଶୀ ରାଜ୍ୟ ଝାଡଖଣ୍ଡରେ ହେଉଥିବା ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାର ବହୁ ବିଜେପି ନେତା ସେଠାରେ ଧୂଆଁଧାର ପ୍ରଚାର କରୁଥିବାବେଳେ ଓଡ଼ିଶାର କୌଣସି ପ୍ରଭାବଶାଳୀ କଂଗ୍ରେସ ନେତାଙ୍କୁ କିନ୍ତୁ ସେଠାରେ ଦେଖିବାକୁ ମିଳୁନାହିଁ। ରାଜ୍ୟ କଂଗ୍ରେସର ସଭାପତି ପଦବୀ ମାସ ମାସ ଧରି ଖାଲି ପଡ଼ିଥିବାବେଳେ ମଙ୍ଗୁଆଳ ବିହୀନ ଓଡ଼ିଶା କଂଗ୍ରେସର ପ୍ରଭାରୀ ଡକ୍ଟର ଅଜୟ କୁମାର ଝାଡଖଣ୍ଡରେ ନିର୍ବାଚନ ଲଢୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଓଡ଼ିଶାର ବହୁ ମନ୍ତ୍ରୀ ଏବଂ ବିଜେପି ବିଧାୟକ ଓ ସାଂସଦ ଝାଡଖଣ୍ଡରେ ଡେରା ପକାଇ ରହିଛନ୍ତି। ଏମିତିକି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଘନ ଘନ ଝାଡଖଣ୍ଡ ଗସ୍ତ କରୁଛନ୍ତି। ଷଢେଇକଳା, ଖରସୁଆଁ, ସିଂହଭୂମ, ଜାମସେଦପୁର ଆଦି ଓଡ଼ିଆ ବହୁଳ ଅଞ୍ଚଳରେ ବିଜେପିର ମାଳ ମାଳ ନେତାଙ୍କୁ ଦେଖିବାକୁ ମିଳୁଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ସୋନପୁର ଆଦି ଜିଲ୍ଲାରୁ ବିଜେପିର ବହୁ କର୍ମକର୍ତ୍ତା ମଧ୍ୟ ଝାଡଖଣ୍ଡରେ ପଞ୍ଚାୟତ ସ୍ତରରେ ବୁଥ୍ ଦାୟିତ୍ୱରେ ରହିଛନ୍ତି। ଝାଡଖଣ୍ଡର ଆଦିବାସୀ ଭୋଟକୁ ପ୍ରଭାବିତ କରିବାପାଇଁ ଓଡ଼ିଶା ବିଜେପିର ଆଦିବାସୀ ମୋର୍ଚ୍ଚା ସହ ସମ୍ପୃକ୍ତ ବହୁ କାର୍ଯ୍ୟକର୍ତ୍ତା ମଧ୍ୟ ଏବେ ଝାଡଖଣ୍ଡରେ। ଏହାଛଡା ଦଳର ରାଜ୍ୟଶାଖା ସଭାପତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ବି ବାରମ୍ବାର ଝାଡଖଣ୍ଡ ଯାଉଛନ୍ତି। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ପୁତ୍ରବଧୂ ପୂର୍ଣ୍ଣିମାସାହୁ ଦାସଙ୍କ ବିଜେପି ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୁଦ୍ଧରେ ଓଡ଼ିଶା ପାଇଁ ଥିବା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଲଢୁଛନ୍ତି। ତେବେ ଜାମସେଦପୁର ଅଞ୍ଚଳରେ ପୂର୍ଣ୍ଣିମାଙ୍କ ସପକ୍ଷରେ ଓଡିଆ ଭାଷାଭାଷୀ ଓ ଆଦିବାସୀ ବହୁଳ ଅଞ୍ଚଳରେ ଓଡିଆ ନେତାମାନଙ୍କ ଭିଡ ଦେଖିବାକୁ ମିଳୁଥିବାବେଳେ ସେମିତି କେହି ପ୍ରଭାବଶାଳୀ ଓଡ଼ିଶା କଂଗ୍ରେସ ନେତା ସେଠାରେ ନିର୍ବାଚନ ପ୍ରଚାର କରୁନାହାନ୍ତି। ଝାଡଖଣ୍ଡ ସହିତ ମହାରାଷ୍ଟ୍ର ବିଧାନସଭା ଲାଗି ମଧ୍ୟ ନିର୍ବାଚନ ହେଉଛି। ଏମିତିକି ଛତିଶଗଡ଼ର ବିଧାନସଭା ଓ ଲୋକସଭା ନିର୍ବାଚନବେଳେ ସୀମାନ୍ତବର୍ତ୍ତୀ ଅଞ୍ଚଳର ଓଡିଆ ବିଜେପି ନେତାମାନେ ବି ଭୋଟ ଯୋଗାଡରେ ଲାଗିଥିଲେ। ବିଶେଷକରି ନିର୍ବାଚନ ପୂର୍ବରୁ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ଼ର ରାଜ୍ୟପାଳ ଭାବେ ନିଯୁକ୍ତ କରାଯିବାପରେ ସେଠାକାର ଜଣାଶୁଣା ଓଡିଆ ନେତାଙ୍କୁ ବିଜେପି ପ୍ରାର୍ଥୀ କରି ଛତିଶଗଡ଼ରେ କଂଗ୍ରେସକୁ ଗାଦିଚ୍ୟୁତ କରିବା ସହ ସରକାର ଗଢିବାରେ ସଫଳ ହୋଇଥିଲା। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ 'ଖୁସିୟୋଁ କା ତ୍ୟୋହାର ସିଜିନ-୩'




ଭୁବନେଶ୍ୱର, ୧୨।୧୧: ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ସଲଫେଜ, ଇଥସ୍ ୱାଚେସ୍, ଓଣ୍ଡରେଲା ଓ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ମିଳିତ ସହଯୋଗରେ ମଲ୍ ପରିସରରେ ଆରମ୍ଭ ହୋଇଥିବା 'ଖୁସିୟୋଁ କା ତ୍ୟୋହାର' ଶେଷ ହୋଇଛି। 'ଖୁସିୟୋଁ କା ତ୍ୟୋହାର' ରେ ଅଂଶ ଗ୍ରହଣ କରିଥିବା ଗ୍ରାହକମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ଅତିଥି ଭାବେ ଅଭିନେତ୍ରୀ ଦେବଜାନୀ ଦେଘୁରିଆ ଯୋଗଦେଇ ବିଜେତା ଗ୍ରାହକମାନଙ୍କୁ ପୁରସ୍କୃତ କରିଛନ୍ତି। ଏହି ଅବସରରେ ବିଜେତା ଗ୍ରାହକ ଅନାମିକା ହୀରା ହାର ଜିତିଛନ୍ତି। ସେହିପରି ଗ୍ରାହକ ଅସିତଙ୍କୁ ମାର୍ସାଲ ସ୍ପିକର, ପୁଷ୍ପଲତାଙ୍କୁ ସୁନା ମୁଦ୍ରା, ସ୍ୱର୍ଣ୍ଣ ମିଶ୍ରଙ୍କୁ ଫ୍ରିଜ୍, ସ୍ନିଗ୍ଧା ମିଶ୍ରଙ୍କୁ ଏଲଇଡି ଟିଭି, ପ୍ରଜ୍ଞା, ପ୍ରକାଶ ସାହୁ ଓ ସତ୍ୟଶ୍ରୀ ସାସମଲଙ୍କୁ ଦାମୀ ଘଣ୍ଟା ପ୍ରଦାନ କରାଯାଇଛି। ଏହି କର୍ଯ୍ୟକ୍ରମରେ ଉତ୍କଳ ବିଲ୍ଡର ପ୍ରତିଷ୍ଠାତା ସୁବାସ ଭୁରା, ଉତ୍କଳ କନିକା ଗ୍ୟାଲେରିଆ ମଲର ଜେନେରାଲ ମ୍ୟାନେଜର ଦୁଲାଲ ଚନ୍ଦ୍ର ସାହୁ, ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ

## ହୀରା ହାର ଜିତିଲେ ଅନାମିକା

ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗତ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଖୁସିୟୋଁ କା ତ୍ୟୋହାର ନଭେମ୍ବର ୮ ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ୫୦ ହଜାର ଗ୍ରାହକ ଲକି ଡ୍ରରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରତି ସପ୍ତାହରେ ଲକି ଡ୍ର କରାଯାଇଥିଲା। ଯେଉଁଥିରେ ଗ୍ରାହକମାନେ ସୁନା ମୁଦ୍ରା ଓ ସପିଂ ଭାଉଚର ଜିତିଥିଲେ।

## ମହିଳା ସ୍ଥପତିଙ୍କ ଅନ୍ତର୍ଜାତୀୟ ସମ୍ମିଳନୀ

# ଐତିହ୍ୟ, ଉତ୍କର୍ଷ ଏବଂ ସ୍ଥାପତ୍ୟ ପ୍ରତି ସମ୍ମାନ ଉତ୍ସବ




ଭୁବନେଶ୍ୱର, ୧୨।୧୧: ଇଣ୍ଡିଆ ନ୍ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ) ଓଡ଼ିଶା ଚାପ୍ଟର ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ପିଙ୍କ ପ୍ରିଣ୍ଟ-ଇଣ୍ଟରନ୍ୟାସନାଲ କନଫରେନ୍ସ ଅଫ୍ ଓମେନ୍ ଆର୍କିଟେକ୍ଟସ୍'ର ତୃତୀୟ ତଥା ଅନ୍ତିମ ଦିନ ସଫଳତାର ସହ ଶେଷ ହୋଇଛି। ଶେଷ ଦିନରେ ସମ୍ମିଳନୀର ବିଷୟବସ୍ତୁ: ସ୍ଥାପତ୍ୟ କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ଦେବାଏବଂ ସ୍ଥାପତ୍ୟ ଐତିହ୍ୟର ଉତ୍ସବକୁ ସମ୍ମାନ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମ, ପୁରସ୍କାର ଏବଂ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ସମ୍ମିଳନୀର ଲୋଗୋ ପଛରେ ଥିବା ସ୍ଥାପତ୍ୟ ପ୍ରେରଣାଐତିହାସିକ ଚଉଷଠୀ ଯୋଗିନୀ ମନ୍ଦିରକୁ ସକାଳୁଐତିହ୍ୟ ପଦଯାତ୍ରା ସହ ଦିନ ଆରମ୍ଭ ହୋଇଥିଲା ଏବଂ ଏହା ପରେ ଏକାମ୍ରକ୍ଷେତ୍ରର ଅନୁସନ୍ଧାନ କରାଯାଇଥିଲା। ଏହି ପଦଯାତ୍ରାରେ ସାରା ବିଶ୍ୱରୁ ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସ୍ଥାପତ୍ୟ ବିସ୍ମୟ ଉପରେ ଆଲୋକପାତ କରିବା ସହ ଏହାର ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ମହତ୍ୱରୁ ପ୍ରେରଣା ନେଇଥିଲେ।

ଐତିହ୍ୟ ପଦଯାତ୍ରା ପରେ ହୋଟେଲ ସ୍ୱସ୍ତି ପ୍ରିମିୟମ ପୁରୀରେ ଏହି ସମ୍ମିଳନୀ ପୁନଃ ଆରମ୍ଭ ହୋଇଥିଲା, ଯେଉଁଠାରେ ସମାପନୀ ଅଧିବେଶନରେ ଅନେକ ବିଶିଷ୍ଟ ସ୍ଥପତିଙ୍କ ସଫଳତାକୁ ସ୍ୱୀକୃତି ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ମୁଖ୍ୟ ନିର୍ବାଚନ ଅଧିକାରୀ ଆଇଏଏସ୍ ଆରଏସ ଗୋପାଳନ ଓ ସମ୍ମାନିତ ଅତିଥି ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ଏହି କ୍ଷେତ୍ରକୁ ଆକାର ଓ ସମୃଦ୍ଧ କରିଥିବା ସ୍ଥପତିମାନଙ୍କ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ।

ଆଇଆଇଏ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ସ୍ଥପତି ସ୍ୱପ୍ନଦତା ମହାନ୍ତି, ଆୟୋଜକ ଦଳ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ବିଶ୍ୱର ବିଶିଷ୍ଟ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧିବେଶନରେ ଅନେକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅତିରିକ୍ତ ପୁରସ୍କାର ସ୍ଥପତି ଶାଶ୍ୱତ ଶେଖର ଷଡ଼ଙ୍ଗୀ, ସ୍ଥପତି ଆଚାର୍ଯ୍ୟ ଶୁଭଲକ୍ଷ୍ମୀ ପଟ୍ଟଯୋଶୀ, ସ୍ଥପତି ନୀଳାଞ୍ଜନା ରାୟ ଓ ସ୍ଥପତି ଅଭିକ ରାୟ ଏବଂ ସ୍ଥପତି ଅତୁଲ୍ୟ ସୁହୁଲା ଓ ସ୍ଥପତି ରୋଜାଲିନ ପାତ୍ରଙ୍କ ସମେତ ଅନ୍ୟ ଉତ୍ସର୍ଗୀକୃତ ସ୍ଥପତିଙ୍କ ପ୍ରତିଭାକୁ ସମ୍ମାନିତ କରାଯାଇଥିଲା। 'ମୋସନ୍' ଶୀର୍ଷକ ଏକ ନିଆରା ଫ୍ୟାସନ୍‌ସୋ' ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଏ ଓଡ଼ିଶା ଚାପ୍ଟରର ପେସାଦାର ମହିଳା ସ୍ଥପତିମାନେ ଫ୍ୟାସନ୍‌କଳା ମାଧ୍ୟମରେ ବିଶ୍ୱ ସ୍ଥାପତ୍ୟର କାଳଜୟୀ ସୌନ୍ଦର୍ଯ୍ୟକୁ ସମ୍ମାନ ଜଣାଇଥିଲେ।ଏହି ସୃଜନଶୀଳ ଉପସ୍ଥାପନାରେ ସଂସ୍କୃତିକୁ ସମସାମୟିକ ଡିଜାଇନ୍ ସହ ମିଶାଇ ସ୍ଥାପତ୍ୟ ରୂପ ଓ ପରମ୍ପରାକୁ ପ୍ରଶଂସା କରାଯାଇଥିଲା।

ଓଡ଼ିଶାରଐତିହ୍ୟ ପ୍ରତି ଅନ୍ତିମ ସମ୍ମାନ ସ୍ୱରୂପ ଏହି ଅଧ୍ୟାୟରେ ପ୍ରତିନିଧିମାନଙ୍କ ପାଇଁ ଶ୍ରୀମନ୍ଦିର ଓ କୋଣାର୍କ ମନ୍ଦିର ପରିଦର୍ଶନର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ସେମାନେ ଏହି ଅଞ୍ଚଳର ସାଂସ୍କୃତିକ ଗଭୀରତା ଏବଂ ଐତିହାସିକ ସମୃଦ୍ଧିକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରିବେ।

ପିଙ୍କ ପ୍ରିଣ୍ଟର ସଫଳତା ସ୍ଥାପତ୍ୟ କ୍ଷେତ୍ରରେ ମହିଳାଙ୍କ ସଫଳତା ଏବଂ ଉଭୟ ଆଧୁନିକ ଏବଂ ପାରମ୍ପରିକ ଡିଜାଇନ ପ୍ରତି ସେମାନଙ୍କର ସମର୍ପଣର ପ୍ରମାଣ। ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ ଓ ପ୍ରଭାବଶାଳୀ ଅନୁଭୂତିରେ ପରିଣତ କରିଥିବାରୁ ଆଇଆଇଏ ଓଡ଼ିଶା ଚାପ୍ଟର ସମସ୍ତ ଅଂଶଗ୍ରହଣକାରୀ, ଆୟୋଜକ ଓ ଯୋଗଦାନକାରୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛି।



# ବେଦାନ୍ତ ଲାଞ୍ଜିଗଡ଼ ଜୋନାଲ ସ୍ପୋର୍ଟସ୍ ମିଟ୍

ଭୁବନେଶ୍ୱର, ୧୨।୧୧: ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ଲାଞ୍ଜିଗଡ଼ ଆନୁକୂଲ୍ୟରେ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ଜୋନାଲ ସ୍ପୋଟର୍ସ ମିଟ୍ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଜିଲାର ୧୯୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଲାଞ୍ଜିଗଡ଼ ଉଭୟ ୧୯ ବର୍ଷରୁ କମ୍ ଓ ୧୪ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଜିତିଥିବା ବେଳେ ଡିଏଭି ଟିଟିଲାଗଡ଼ ୧୭ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇଥିଲା। କମ୍ପାନୀ ନିକଟରେ ହକିଇଣ୍ଡିଆ ଲିଗ୍ ଦଳ କଳିଙ୍ଗ ଲାନସର୍ସ ସହିତ କେବଳ ଚୁକ୍ତି କରିଛି ତା' ନୁହେଁ ନିୟମିତ ଭାବେ ସ୍ଥାନୀୟ କ୍ରୀଡ଼ା ଇଭେଣ୍ଟ, ଟୁର୍ନାମେଣ୍ଟ ଓ ଛାତ୍ର ପ୍ରଶିକ୍ଷଣର ଆୟୋଜନ କରିଆସୁଛି। ତୃଣମୂଳ କ୍ରୀଡ଼ାର ବିକାଶ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। କମ୍ପାନୀ ତରଫରୁ ୧୦୦ରୁ ଊର୍ଦ୍ଧ୍ୱ ତୀରନ୍ଦାଜୀଙ୍କୁ ତାଲିମର ବ୍ୟବସ୍ଥା କରାଯାଇଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହ ସିକ୍ୟୁରଆଇଜ୍'ର ବୁଝାମଣା



ଭୁବନେଶ୍ୱର,୧୨।୧୧: ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ସିକ୍ୟୁରଆଇଜ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷର ସଫଳତାର ସହ ସମ୍ପନ୍ନ ହୋଇଛି।

ଏ ସମ୍ପର୍କରେ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ବିଶ୍ୱବିଦ୍ୟାଳୟ ସର୍ବଦା ଆବଶ୍ୟକତା ଅନୁଯାୟୀ ଶିକ୍ଷା ଓ ଜ୍ଞାନକୌଶଳକୁ ଆପଣାଇବା ସହ ଶିକ୍ଷାର ବିକାଶ ଓ ସମାଜର ହିତ ସାଧନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ। ସିକ୍ୟୁରଆଇଜ୍‌ର ସିଇଓ କର୍ମେନ୍ଦ୍ର କୋହଲି କହିଥିଲେ,ପରବର୍ତ୍ତୀ ପିଢ଼ିର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କୁ ପ୍ରତିପୋଷଣ କରିବା ପାଇଁ ଆମର ଜ୍ଞାନ ଆଦାନପ୍ରଦାନ କରିବା ଲାଗି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଆସନ୍ତାକାଲିର ଆହ୍ୱାନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରି ଏହି ସହଯୋଗ ଶିଳ୍ପରେ ଦକ୍ଷତା ବ୍ୟବଧାନକୁ ଦୂର କରିବ। ସିକ୍ୟୁରଆଇଜ୍‌ର ସିଟିଓ ସିମନ୍ତ ପଟ୍ଟନାୟକ କହିଥିଲେ,ଏକାଡେମିକ ସହିତ ହ୍ୟାଣ୍ଡ-ଅନ ଟ୍ରେନିଂକୁ ଏକତ୍ର କରି ଆମେ କୁଶଳୀ ସାଇବର ସୁରକ୍ଷା ବୃତ୍ତିଗତଙ୍କ ପ୍ରତିଭା ପୁଲ୍ ସୃଷ୍ଟି କରିବୁ। ଏହି ସହଭାଗିତା ସାଇବର ସୁରକ୍ଷା କ୍ଷେତ୍ରରେ ନବସୃଜନ, ଅନୁସନ୍ଧାନ ଏବଂ ଅଭିବୃଦ୍ଧି ଘଟାଇବ। ଅପରପକ୍ଷରେ ଏହି ବୁଝାମଣା ଶିଳ୍ପ ପ୍ରଫେସନାଲମାନଙ୍କୁ ବିକଶିତ କରିବା ପାଇଁ ଏକ ରଣନୀତିକ ଯୋଜନା ହୋଇଥିଲାବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି। ଏପରିକି ବୁଝାମଣା ମାଧ୍ୟମରେ ସଂଗଠନଗୁଡ଼ିକ ଆପରେନଟିସ ଏମବୋଡେଡ ସ୍ନାତକ, ସ୍ନାତକୋତର ଏବଂ ଦକ୍ଷତା ପ୍ରମାଣୀକରଣ କାର୍ଯ୍ୟକ୍ରମ ଆରମ୍ଭ ସହ ସହଯୋଗୀ ଅନୁସନ୍ଧାନ ଏବଂ ପରାମର୍ଶକୁ ବୃଦ୍ଧି କରିବେ।

# ପେପ୍ସି, କୁର୍‌କୁରେ ଓ ହର୍ଲିକ୍ସ ପରି ଖାଦ୍ୟ ସାମଗ୍ରୀ ବନିପାରେ କ୍ଷତିକାରକ !

ନୂଆଦିଲ୍ଲୀ, ୧୨।୧୧: ଯଦି ଆପଣ ପେପସିକୋ, ୟୁନିଲିଭର ଏବଂ ଡେନୋନ୍ ପରି କମ୍ପାନିର ଖାଦ୍ୟ ପଦାର୍ଥ ବ୍ୟବହାର କରୁଛନ୍ତି ତେବେ ସାମାନ୍ୟ ସତର୍କ ହୋଇଯାଆନ୍ତୁ। ନିକଟରେ ଏଟିଏନ୍ଆଇ ବା ଆକ୍ସେସ୍ ଟୁ ନ୍ୟୁଟ୍ରିସନ୍ ଇନିସିଏଟିଭ୍ ନାମକ ଏକ ବିଶ୍ୱସ୍ତରୀୟ ଫାଉଣ୍ଡେସନ୍ ରିପୋର୍ଟରେ ଏହି ସବୁ କମ୍ପାନିର କିଛି ଖାଦ୍ୟପଦାର୍ଥକୁ କ୍ଷତିକାରକ ବୋଲି ପ୍ରକାଶ କରିଛି। ପେପସିକୋ ଦେଶରେ ପେପସି, ସେଭେନଅପ୍, ସ୍ଲାଇସ୍, ଷ୍ଟିଙ୍ଗ୍, ଚିପ୍ସ, କୁର୍କୁରେ ଇତ୍ୟାଦି ବିକ୍ରି କରେ। ସେହିପରି ୟୁନିଲିଭର ହର୍ଲିକ୍ସ, ରେଡ୍ ଲେଭଲ୍ ଚା, ତାଜମହଲ ଚା, କ୍ଲୋଜ୍ଅପ୍ ଟୁଥ୍ ପେଷ୍ଟ , କ୍ଲିନିକ୍ ପ୍ଲସ୍ ସାମ୍ପୁ ଏବଂ ତେଲ, କପୋତ ସାବୁନ୍ ବିକ୍ରି କରେ। ଏହା ବ୍ୟତୀତ, ଡେନୋନ୍ ଶିଶୁ ଖାଦ୍ୟ ସାମଗ୍ରୀ ବିକ୍ରୟ କରେ ଯେଉଁଥିରେ ପ୍ରୋଟିନେକ୍ସ ମଧ୍ୟ ଅନ୍ତର୍ଭୁକ୍ତ। ପେପସିକୋ, ୟୁନିଲିଭର, ଡେନୋନ୍ ପରି କମ୍ପାନିଗୁଡିକ ଭାରତ ସମେତ ସାରା ବିଶ୍ୱରେ ଅନେକ ପ୍ରକାରର ଉତ୍ପାଦ ବିକ୍ରି କରନ୍ତି। ଏଟିଏନ୍ଆଇ ପ୍ରକାଶ କରିଥିବା ରିପୋର୍ଟ ଅନୁଯାୟୀ, ଏହି କମ୍ପାନିଗୁଡିକ ଭାରତ ସମେତ ଅନ୍ୟାନ୍ୟ ଦେଶରେ ଖରାପ ଗୁଣବତ୍ତା ଉତ୍ପାଦ ବିକ୍ରି କରୁଛନ୍ତି। ଏହା ସ୍ପଷ୍ଟ ଯେ ଏହି କମ୍ପାନିଗୁଡିକ ଅଧିକ ଲାଭର ଲୋଭରେ ଆମ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି। ରିପୋର୍ଟ ଅନୁଯାୟୀ, ଉଚ୍ଚ ଆୟକାରୀ ଦେଶଗୁଡିକରେ କମ୍ପାନି ବିକ୍ରି କରୁଥିବା ସାମଗ୍ରୀର ଉନ୍ନତ ସ୍ୱାସ୍ଥ୍ୟ ତାରକା ମୂଲ୍ୟାୟନ ରହିଛି। ତେବେ ଇଥିଓପିଆ, ଘାନା, କେନିଆ, ନାଇଜେରିଆ, ପାକିସ୍ଥାନ, ଫିଲିପାଇନ୍ସ, ତାଞ୍ଜାନିଆ ଏବଂ ଭିଏତନାମ ଆଦି ଦେଶରେ ଭାରତ ପରି ନିମ୍ନ ଗୁଣବତ୍ତାର ସାମଗ୍ରୀ ବିକ୍ରି କରାଯାଉଥିବା ସୂଚନା ରହିଛି।


# ମାଲାବାରର ନୂତନ କଲେକ୍ସନ 'ସ୍ୱର୍ଣ୍ଣାକୃତି'




ଭୁବନେଶ୍ୱର,୧୨।୧୧: ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନୂତନ କଲେକ୍ସନ 'ସ୍ୱର୍ଣ୍ଣାକୃତି'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ଏକ୍ସକ୍ଲୁସିଭ୍ ଷ୍ଟୋର (ମାଲାବାର ଶହୀଦନଗର ଷ୍ଟୋର) ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମାଲାବାରର ନୂତନ କଲେକ୍ସନ 'ସ୍ୱର୍ଣ୍ଣାକୃତି'ର ଡିଜାଇନ୍ ଓ ଦକ୍ଷ କାରିଗରିର ବଳିଷ୍ଠ କଳାକୃତି ଏହା ଜରିଆରେ ପରିପ୍ରକାଶ ପାଇଛି। ସେହିଭଳି ଚଳିତ ବିବାହ ଋତୁକୁ ନଜରରେ ରଖି ଏହି ନୂତନ ସଂଗ୍ରହର ଶୁଭାରମ୍ଭ ସହିତ ସମସ୍ତ ଶୋ'ରୁମ୍‌ରେ ଉପଲବ୍ଧ କରାଇଛି। ଏପରିକି ଏହି ନୂତନ ସଂଗ୍ରହରେ କଳା, ସଂସ୍କୃତି ଓ କାରିଗରିର ମିଳନରୁ ଏକ ସୁନ୍ଦର ଡିଜାଇନ୍ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ୍ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ନୂତନ କଲେକ୍ସନ 'ସ୍ୱର୍ଣ୍ଣାକୃତି'ର ଆନୁଷ୍ଠାନିକ ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସୌନ୍ଦର୍ଯ୍ୟ ଓ କଳାକୃତିର ସୁନ୍ଦର ପରିକଳ୍ପନାରୁ ଏହି ନୂତନ ସଂଗ୍ରହର ଅୟମାରମ୍ଭ ହୋଇଥିଲା। ସେହିପରି ମହିଳାଙ୍କ ଶରୀରର ସୌନ୍ଦର୍ଯ୍ୟକୁ ଚମକାଇବା ସହ ସେମାନଙ୍କୁ ଏହା ଏକ ନୂଆ ରୂପ ଓ ପରିଭାଷା ପ୍ରଦାନ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ବଢ଼ିଆ ଫିଚର୍ସ ସହ ଲଞ୍ଚ ହେବ ହୋଣ୍ଡା ଆମେଜ୍



ମୁମ୍ବାଇ, ୧୨।୧୧: ହୋଣ୍ଡା ନୂଆ କମ୍ପାକ୍ଟ ସେଡାନ୍ ଆମେଜ୍‌ର ନୂଆ ଜେନେରେସନର ମଡେଲ୍ ଲଞ୍ଚ କରିବାକୁ ଘୋଷଣା କରିଛି। ଆସନ୍ତା ଡିସେମ୍ବର ୪ ତାରିଖରେ ନୂଆ ହୋଣ୍ଡା ଆମେଜ୍ ଲଞ୍ଚ ହେବାକୁ ଯାଉଛି। ଅଟୋମେକର୍ସ ଟିଜରରେ ନୂଆ କାରର ଇଣ୍ଟେରିୟରର ଝଲକ ମଧ୍ୟ ଦେଖାଇଛନ୍ତି। ହୋଣ୍ଡା ଆମେଜ୍‌ରେ ଅନେକ ନୂଆ ଫିଚରଗୁଡିକ ସାମିଲ କରାଯାଇପାରିବ।

ହୋଣ୍ଡା ଆମେଜ୍‌ର ଥାର୍ଡ ଜେନେରେସନ୍ ର ମଡେଲ୍ ଭାରତୀୟ ବଜାରରେ ଲଞ୍ଚ ହେବାକୁ ପ୍ରସ୍ତୁତ ହୋଇଯାଇଛି। ନୂଆ ହୋଣ୍ଡା ଆମେଜ୍‌ର ଫଟୋ ନୂଆ ଟିଜରରେ ସେୟାର କରାଯାଇଛି। ଏହି ଫଟୋଗୁଡ଼ିକରୁ ଏହି ଗାଡ଼ିର ଲୁକ୍ ହୋଣ୍ଡା ସିଟି ପରି ଦେଖାଯାଉଛି। ଏହି ଗାଡ଼ିର ଆଗ ଭାଗ ଏକ ବୋର୍ଡ ପରି ରହିଛି ଯେଉଁଥିରେ ହେଡଲାଇଟ୍ ସହିତ ଏକ ବଡ଼ କ୍ରୋମ୍ ଷ୍ଟ୍ରିପ୍ ରହିଛି। ଏହାର ବମ୍ପର ଡିଜାଇନ୍ ରେ ମଧ୍ୟ ବିଭିନ୍ନ କଟ୍ସ କରାଯାଇଛି । ଯଦି ଆମେ କେବଳ ଏହାର ଆଗ ଡିଜାଇନ୍ ବିଷୟରେ କଥା ହେବା ତେବେ ଏହି କାରଟି ହୋଣ୍ଡା ଏଲିଭେଟ୍ ପରି ଦେଖାଯାଏ। ନୂଆ ଗାଡ଼ିର ପଛ ଡିଜାଇନ୍ ହୋଣ୍ଡା ସିଟି ପରି ରହିଛି। ଏହି ଗାଡିରେ ବମ୍ପର ଡିଜାଇନ୍ ସହିତ ବଡ଼ ଟେଲ ଲ୍ୟାମ୍ପ ଲଗାଯାଇଛି। ହୋଣ୍ଡାର ଏହି ନୂଆ ମଡେଲ୍ ଥାଇଲ୍ୟାଣ୍ଡର ହୋଣ୍ଡା 'ଆର ଆଣ୍ଡ ଡି' ଏସିଆ ପାସିଫିକ୍ ସେଣ୍ଟରରେ ପ୍ରସ୍ତୁତ କରାଯାଇଛି।

ହୋଣ୍ଡା ସିଟି ପରି ହୋଣ୍ଡା ଆମେଜ୍ ମଧ୍ୟ ଏକ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ସହିତ ଫିଟ୍ ହୋଇପାରିବ। ଏହି କାରଟି ଏକ ନୂଆ ଡ୍ୟାସବୋର୍ଡ ପ୍ୟାଟର୍ନ ସହିତ ଆସିପାରେ। ହୋଣ୍ଡା ଆମେଜ୍ ଇଣ୍ଟେରିୟର ଫଟୋଗୁଡ଼ିକୁ ଦେଖିଲେ ଜଣାପଡ଼େ ଯେ କାରରେ ଥିବା ଟଚ୍ ସ୍କ୍ରିନ୍ ର ସ୍ଥାନକୁ ବଦଳାଯାଇଛି। ଏହା ସହିତ ଏହି କାର ଏକ ଭିନ୍ନ ଡିଜାଇନ୍ ଷ୍ଟିଅରିଂ ହ୍ୱିଲ୍ ସହିତ ଆସିପାରେ। ଏହି ଗାଡିରେ ଷ୍ଟୋରେଜ୍ ସ୍ପେସ୍ ମଧ୍ୟ ବହୁତ ଭଲ ଦେଖାଯାଏ।

ନୂଆ ହୋଣ୍ଡା ଆମେଜ୍‌ରେ ୧.୨ ଲିଟର ପେଟ୍ରୋଲ ଇଞ୍ଜିନ ଲଗାଯାଇଛି। ଏହି ଇଞ୍ଜିନ୍ ସହିତ ସିଭିଟି ଟ୍ରାନ୍ସମିସନ ଉପଲବ୍ଧ ହୋଇପାରିବ। ଅନ୍ୟପଟେ ଷ୍ଟାଣ୍ଡାର୍ଡ ମଡେଲ୍ ମାନୁଆଲ୍ ଗିଅର୍ ବକ୍ସ ସହିତ ଆସିପାରେ। ନୂଆ ଇଞ୍ଜିନ୍ ସହିତ ଏହି କାର ପୂର୍ବ ଅପେକ୍ଷା ଭଲ ମାଇଲେଜ୍ ଦେଇପାରେ। ଭାରତୀୟ ବଜାରରେ ଲଞ୍ଚ ହେବାକୁ ଯାଉଥିବା ନୂଆ ମାରୁତି ଡିଜାଇରକୁ ନୂଆ ହୋଣ୍ଡା ଆମେଜ୍ କଡ଼ା ଟକ୍କର ଦେଇପାରେ।




# ୨୬ତମ ବୀମା ଲୋକପାଳ ଦିବସ ପାଳିତ

ଭୁବନେଶ୍ୱର,୧୨।୧୧: ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବୀମା ଲୋକପାଳ ଦିବସ (ଡେ) ସୋମବାର ସର୍ବଭାରତୀୟସ୍ତରରେ ପାଳିତ ହୋଇଯାଇଛି। ଏପରିକି ବୀମା ଲୋକପାଳର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର(ଓଡ଼ିଶା) ପକ୍ଷରୁ ସୋମବାର ଭୁବନେଶ୍ୱରର ଗୀତଗୋବିନ୍ଦ ସଦନ(ଜୟଦେବ ଭବନ)ଠାରେ ୨୬ତମ ବୀମା ଲୋକପାଳ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ପ୍ରଶାସକ ସନ୍ତୋଷ କୁମାର ମହାନ୍ତି, ଦେବରାଜ ପଣ୍ଡା, ଲକ୍ଷ୍ମୀନାରାୟଣ ମଲ୍ଲିକଙ୍କ ସମେତ ବୀମା ଲୋକପାଳ ଓଡ଼ିଶା ମନୋଜ ପରିଡ଼ା, ସମ୍ପାଦକ ଅଜୟ କୁମାର ଦାସ ଏବଂ ବି. ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀମା ଲୋକପାଳର ଭୂମିକା ଓ ସଫଳତା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ବୀମା ଲୋକପାଳଙ୍କ କାର୍ଯ୍ୟକୁ ନେଇ ଲୋକମାନେ ଉପଯୁକ୍ତ ଭାବେ ସଚେତନ ନାହାନ୍ତି। ସବୁବର୍ଗର ଲୋକଙ୍କ ଲାଗି ବୀମା ଲୋକପାଳର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରାଗଲେ ଲୋକେ ଉପକୃତ ହେବାସହ ବୀମା ଲୋକପାଳର ଆଭିମୁଖ୍ୟ ମଧ୍ୟ ପୂରଣ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୀମା ଲୋକପାଳ ଭୁବନେଶ୍ୱରର ସମ୍ପାଦକ ଅଜୟ କୁମାର ଦାସ ସ୍ୱାଗତ ଅଭିଭାଷଣ ସହ ବୀମା ଲୋକପାଳର ସଫଳତା ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେହିଭଳି ବୀମା କମ୍ପାନୀର ପ୍ରତିନିଧି ଓ ଅଭିଯୋଗକାରିଣୀମାନେ ସେମାନଙ୍କ ମତ ଓ ବୀମା ଲୋକପାଳର କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥିଲେ। ପରିଶେଷରେ ବି. ପଣ୍ଡା ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ୨୩ରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ

# ବେତନ ସୀମା ୨୧ ହଜାର କରିବ ଇପିଏଫ୍‌ଓ




ନୂଆଦିଲ୍ଲୀ, ୧୨।୧୧: ଘରୋଇ କ୍ଷେତ୍ରର କର୍ମଚାରୀମାନଙ୍କ ଭବିଷ୍ୟନିଧି ପାଣ୍ଠି ପରିଚାଳନା କରୁଥିବା ସଂସ୍ଥା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏହାର ସର୍ବନିମ୍ନ ବେତନ ସୀମାକୁ ବଢ଼ାଇବା ଉପରେ ବିଚାର କରୁଛି। ବର୍ତ୍ତମାନ ଏହି ସୀମା ମାସିକ ୧୫ ହଜାର ଟଙ୍କା ରହିଛି। ତାହାକୁ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ। କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ର ବେତନ ସୀମା ପର୍ଯ୍ୟନ୍ତ ତାହା ବୃଦ୍ଧି ପାଇବ। କେବଳ ସେତିକି ନୁହେଁ, ଇପିଏଫ୍‌ଓରେ ଯୋଡ଼ି ହେବା ଲାଗି ଏକ ସଂସ୍ଥାର ସର୍ବନିମ୍ନ କର୍ମଚାରୀ ସଂଖ୍ୟାକୁ ୨୦ରୁ ହ୍ରାସ କରି ୧୫ କିମ୍ବା ୧୦ କରିବା ଉପରେ ମଧ୍ୟ ବିଚାର କରାଯାଉଛି। ଏହା ହେଲେ ଅଳ୍ପ କର୍ମଚାରୀଙ୍କୁ ନିୟୋଜିତ କରିଥିବା ସଂସ୍ଥାଗୁଡ଼ିକ ମଧ୍ୟ ଇପିଏଫ୍‌ଓରେ ସାମିଲ ହୋଇପାରିବେ।

ଶେଷ ଥର ପାଇଁ ୨୦୧୪ରେ ଇପିଏଫ୍‌ଓର ସର୍ବନିମ୍ନ ବେତନ ସୀମାରେ ସଂଶୋଧନ କରାଯାଇଥିଲା। ସେହି ସମୟରେ ଏହି ସୀମା ମାସିକ ୬୫୦୦ ଟଙ୍କାରୁ ବୃଦ୍ଧି ପାଇ ୧୫ ହଜାର ଟଙ୍କା କରାଯାଇଥିଲା। ଏଥର ଯଦି ବେତନ ସୀମାକୁ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ତେବେ ସଦସ୍ୟମାନେ ଉପକୃତ ହେବେ। କାରଣ ସେମାନେ ବର୍ତ୍ତମାନ ସମୟ ତୁଳନାରେ ଅଧିକ ଟଙ୍କା ନିଜ ଭବିଷ୍ୟନିଧି ପାଣ୍ଠିରେ ଜମା କରିପାରିବେ। ଏହା ସହିତ ଅଧିକ ଯୋଗଦାନ ଦ୍ୱାରା ବର୍ଦ୍ଧିତ ପେନ୍‌ସନ୍ ମଧ୍ୟ ପାଇପାରିବେ। କିନ୍ତୁ ସର୍ବନିମ୍ନ ବେତନ ସୀମା ବୃଦ୍ଧି ପ୍ରସ୍ତାବ ଉପରେ ଅଣୁ ଓ କ୍ଷୁଦ୍ର କମ୍ପାନିଗୁଡ଼ିକ ଆପତ୍ତି ଉଠାଇଛନ୍ତି। ଏହି ପ୍ରସ୍ତାବ ଲାଗୁ ହେଲେ ଖର୍ଚ୍ଚ ବହୁତ ବଢ଼ିଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି।

ଇପିଏଫ୍‌ଓ ସ୍କିମ୍‌ରେ ପ୍ରତି ମାସରେ କର୍ମଚାରୀଙ୍କ ମୂଳ ବେତନର ୧୨ ପ୍ରତିଶତ ରାଶିକୁ ଉଭୟ କର୍ମଚାରୀ ଓ ନିଯୁକ୍ତିଦାତା ଭବିଷ୍ୟନିଧି ଖାତାରେ ଜମା କରୁଛନ୍ତି। କର୍ମଚାରୀଙ୍କ ଅବଦାନ ବାବଦର ୧୨ ପ୍ରତିଶତ ରାଶି ସମ୍ପୂର୍ଣ୍ଣ ରୂପେ ଭବିଷ୍ୟନିଧି ଖାତାରେ ଜମା ହେଉଛି। ମାତ୍ର ନିଯୁକ୍ତିଦାତା ଦେଉଥିବା ୧୨ ପ୍ରତିଶତ ଅବଦାନ ରାଶିର ୮.୩୩ ପ୍ରତିଶତ କର୍ମଚାରୀ ପେନ୍‌ସନ୍ ସ୍କିମ୍‌ରେ ଜମା ହେଉଥିବା ବେଳେ ଅବଶିଷ୍ଟ ୩.୬୭ ପ୍ରତିଶତ ରାଶି ଭବିଷ୍ୟନିଧି ଖାତାରେ ଜମା ହେଉଛି। ଭବିଷ୍ୟନିଧି ପାଣ୍ଠିରେ ଉନ୍ନତି ଆଣିବା ଲାଗି ଅଂଶୀଦାରମାନେ ଦେଇଥିବା ପ୍ରସ୍ତାବଗୁଡ଼ିକ ଉପରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ବିଚାର କରୁଛି। ଲୋକମାନଙ୍କ ପାଇଁ ସାମାଜିକ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ସାମାଜିକ ସୁରକ୍ଷା କୋଡ୍ କାର୍ଯ୍ୟକାରୀ କରିବାକୁ ସରକାର ଚାହୁଁଛନ୍ତି। ଏକ ଷ୍ଟିୟରିଂ କମିଟିର ପ୍ରସ୍ତାବ ପରେ ସରକାର ଏହାକୁ ନେଇ ବେଶ୍ ତତ୍ପର ହୋଇପଡ଼ିଛନ୍ତି। ଚଳିତ ମାସ ୨୩ରେ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ବୈଠକ ବସିବ। ସେଥିରେ ଏହାର ହିସାବ ଖାତା, ଉଚ୍ଚ ପେନ୍‌ସନ୍ କାର୍ଯ୍ୟକାରୀ କରିବା ସଂକ୍ରାନ୍ତ ପ୍ରସ୍ତାବ ଓ କେନ୍ଦ୍ରୀକୃତ ପେନ୍‌ସନ୍ ପଇଠ ବ୍ୟବସ୍ଥା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏଥି ସହିତ ଇପିଏଫ୍‌ଓ ଷ୍ଟକ୍ ବଜାରରେ ଯେଉଁ ନିବେଶ କରୁଛି ତାହାର ମଧ୍ୟ ସମୀକ୍ଷା କରାଯିବ। କେନ୍ଦ୍ରୀକୃତ ପେନ୍‌ସନ୍ ପଇଠ ବ୍ୟବସ୍ଥାକୁ ୨୦୨୫ ଜାନୁଆରିରୁ ଲାଗୁ କରିବା ଉପରେ ବିଚାର କରାଯାଉଛି। ଏହା ଲାଗୁ ହେଲେ ୭୮ ଲକ୍ଷ ପେନ୍‌ସନ୍‌ଭୋଗୀ ଉପକୃତ ହେବେ।

## ସାହ୍ଲେପାଲିରେ ରକ୍ତଦାନ ଶିବିର ୫୧ ୟୁନିଟ ରକ୍ତ ସଂଗ୍ରହ



**ଭେଡେନ, ୧୨।୧୧ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସାହ୍ଲେପାଲି ଗ୍ରାମ ରେ ଉତ୍କଟ ରକ୍ତ ଅଭାବ କୁ ଦୂର କରିବା ପାଇଁ କାର୍ତ୍ତିକ ପଞ୍ଚୁକ ଅବସର ରେ ସାହ୍ଲେପାଲି ଯୁବ ଗୋଷ୍ଠୀ ଓ ନିଷ୍ଠା ପରିବାର ର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ଶିବିରରେ ସାହ୍ଲେପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିବର୍ଦ୍ଧନ ପଧାନ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ପଧାନ, ଅଶୋକ କୁମାର ମହାନନ୍ଦ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଶିବିର ର ଶୁଭାରମ୍ଭ କରିଥିଲେ। ଦୁଇ ଜଣ ରକ୍ତ ଦାତା ଦମ୍ପତ୍ତି, ପାଞ୍ଚ ଜଣ ମହିଳା ରକ୍ତ ଦାତା ଓ ୪୨ଜଣ ପୁରୁଷ ରକ୍ତ ଦାତା ମାନଙ୍କୁ ମିଶାଇ ସର୍ବମୋଟ ୫୧ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ପରିଶେଶ ରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ସାହ୍ଲେପାଲି ଯୁବ ଗୋଷ୍ଠୀ କୁ ନିଷ୍ଠା ପରିବାର ତରଫ ରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଶିବିରକୁ ସାହ୍ଲେପାଲି ଯୁବ ଗୋଷ୍ଠୀ ର ପ୍ରଭାକର ପଧାନ, ବାଲଗୋପଲ ଭୋଇ, ଉମାକାନ୍ତ ନାୟକ, ସୁଦାମ ସାହୁ, ଭୋଜରାଜ ଭୋଇ ସୁନୀଲ କୁମାର ବାରିକ,ଗୋପାଳ ସାହୁ, ସୌଦାଗର ବାରିକ, ପିଣ୍ଟୁ ସାହୁ, ଉତ୍ତର ସାହୁ, ଶିରାଜ ପଧାନ, ସୌନ୍ଦର୍ଯ୍ୟ ପଧାନ, ଅନ୍ୟ ସଦସ୍ୟ ଓ ନିଷ୍ଠା ପରିବାରର ସଦସ୍ୟମାନେ ସୁପରିଚାଳନା କରିଥିଲେ।ସମସ୍ତ ରକ୍ତ ଦାତା,ସାହ୍ଲେପାଲି ଯୁବ ଗୋଷ୍ଠୀ ଓ ଗ୍ରାମବାସୀଙ୍କୁ ନିଷ୍ଠା ପରିବାର ତରଫ ଧନ୍ୟବାଦ ଅର୍ପଣ କରଯାଇଥିଲା।

## ମାର୍କେଟ ୟାର୍ଡରେ ଚାଷୀ ସମାବେଶ



**ଭେଡେନ, ୧୨।୧୧ (ସଂଚାର ବ୍ୟୁରୋ) :** ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମାର୍କେଟୟାଡ଼ ଠାରେ ତାଳମେଣ୍ଡା ଗ୍ରାମ ପଞ୍ଚାୟତ ସ୍ତରୀୟ କୃଷକ ସଂଗଠନ ର ଆହ୍ୱାନ କ୍ରମେ ଏକ ଚାଷୀ ସମାବେଶ ଆୟୋଜନ କରାଯାଇଥିଲା। ସଭାପତି ବୃନ୍ଦାବନ ସାହୁଙ୍କ ଆବାହକତ୍ୱ ତଥା ନନ୍ଦିଘୋଷ ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ବୈଠକ ରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଉତ୍ପନ୍ନ କୁମାର ଭୋଇ ଓ ଭେଡେନବ୍ଲକ କୃଷକ ସଂଗଠନର ସମ୍ପାଦକ ସୁଦାମ ପାତ୍ର ଯୋଗ ଦେଇଥିଲେ। ବୈଠକ ରେ ଚଳିତ ଖରିଫ ଋତୁରେ ଚାଷୀ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ମୁଖ୍ୟତଃ ଧାନ ବିକ୍ରି ଯେମିତି ସ୍ୱଚ୍ଛ ନିର୍ମଳ ଭାବେ ହୋଇପାରିବ ତଥା ବେପାରୀ ଷଡଯନ୍ତ୍ର ନ ରହିବ ସେ ସଂକ୍ରାନ୍ତରେ ବିଷଦ ଚର୍ଚ୍ଚା ହୋଇ ଆବଶ୍ୟକ ସ୍ଥଳେ ଆନ୍ଦୋଳନ ମଧ୍ୟ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୮ନଭେମ୍ବର ହେବାକୁଥିବା ମିଗ ଜୋମ ଜନିତ ଫସଲ ବୀମା କ୍ଷତିପୂରଣ ଦାବିରେ ରେଳ ରୋକ ଆନ୍ଦୋଳନକୁ ତୀବ୍ର କରାଯିବ ସେ ବିଷୟରେ ସମସ୍ତେ ପ୍ରସ୍ତୁତ ଥିବା ଜଣା ପଡିଥିଲା। ପରେ ସହରାଟିକ୍ରା ମଣ୍ଡି ପରିଚାଳନା ପାଇଁ ଗୋଟିଏ କମିଟି ଗଠନ କରାଗଲା କମିଟି ରେ ପୂର୍ବରୁ ଥିବା କର୍ମ କର୍ତ୍ତା ମାନଙ୍କୁ ପୁନଃ ମନୋନୀତ କରାଯାଇଛି। ସଭାରେ ଲୋକନାଥ ଦାସ ଧନ୍ୟବାଦ ଦେଇ ସଭାସଙ୍ଗ କରିଥିଲେ ।

## ବାଗଝରଣ ଗ୍ରାମରେ ଜଳନ୍ଧର ଦରବାର



**ପାଟଣାଗଡ଼, ୧୨।୧୧ (ସଂଚାର ବ୍ୟୁରୋ) :** ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବାଗଝରଣ ଗ୍ରାମରେ ପଞ୍ଚୁକ ରେ ଜଳନ୍ଧର ଦରବାର ଚାଲିଛି । ବାଗଝରଣ ଗ୍ରାମ ର ପୂଜା କମିଟିର ସଭ୍ୟ ମାନେ ବସି ଆଲୋଚନା କଲେ କାର୍ତ୍ତିକ ମାସ ଶେଷ ପଞ୍ଚୁକ ପଡୁଥିବାରୁ ଗ୍ରାମରେ ଯାତ୍ରା ପାଇଁ ପ୍ରସ୍ତାବ କରାଗଲା କି ଆସନ୍ତା ୧୧ ତାରିଖ ଠାରୁ ୧୫ ତାରିଖ ୫ ଦିନ ପାଇଁ ଗ୍ରାମର ମାଁ ଓ ଭଉଣି ମାନେ ଉପାସ ରହି ପଞ୍ଚୁକ ପାଳନରେ ଜଳନ୍ଧର ରାଜ ମନୋରଞ୍ଜନ ପାଇଁ ପଦ୍ମପୁର ଉପଖଣ୍ଡ ଦହିତା ଗ୍ରାମର ଭାଗବତିଆ ମେହେର ଜଳନ୍ଧର ଭୂମିକାରେ ୧୧ ତାରିଖ ରୁ ଅଭିନୟ କରୁଛନ୍ତି । ଅଭିନୟ ଦେଖିବା ପାଇଁ ପ୍ରବଳ ଭିଡ଼ ହେଉଛି । ପଞ୍ଚୁକ ରେ ପୂଜା କର୍ତ୍ତା ପରମାନନ୍ଦ ବରିହା ଓ ଗିତା ବରିହା କାର୍ଯ୍ୟ ତୁଲାଇଥିଲେ । ପୁଜା କମିଟୀର ସଭାପତି କୃଷ୍ଣଚନ୍ଦ୍ର ଭୋଇ, ଉପସଭାପତି ରାଧେ ଶ୍ୟାମ ନାଗ, ସଂପାଦକ ଚନ୍ଦ୍ରଭାନୁ ଜେନା, ପୂଜକ ଉଦ୍ଧବ ଚାନ୍ଦ ଓ ଶୁଖିରାମ ଚାନ୍ଦ କମିଟୀ ସଭ୍ୟ ଜପିନ୍ଦ୍ର ସୁନା, କିଚକ ବରିହା, ତପିନ୍ଦ୍ର ସୁନା ପ୍ରମୁଖ ସଭ୍ୟ ମାନେ ସହଯୋଗ କରୁଛନ୍ତି ।

**ଗଞ୍ଜାମରେ ବାଘ ଆତଙ୍କ**

# ଫେକ୍ ଭିଡିଓ ଭାଇରାଲ କରନ୍ତୁନି: ଡିଏଫ୍ଓ

### ବୁଲୁଛି ମହାରାଷ୍ଟ୍ରର ମହାବଳ ବାଘ, ୨୪ ଘଣ୍ଟା ନଜର ରଖୁଛି ୩ ଟିମ୍

**ବ୍ରହ୍ମପୁର, ୧୨।୧୧ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲାକୁ ଆସିଛି ମହାରାଷ୍ଟ୍ରର ମହାବଳ ବାଘ । ବାଘ ଚଳପ୍ରଚଳକୁ ନେଇ ବ୍ରହ୍ମପୁର ଡିଏଫଓ ଶନି ଖୋଖର ପ୍ରେସମିଟରେ ସୂଚନା ଦେଇଛନ୍ତି । ବିଭିନ୍ନ ବନାଞ୍ଚଳରେ ବର୍ତ୍ତମାନ ମହାବଳ ବାଘ ଚଳପ୍ରଚଳ କରୁଛି । ଦିଗପହଣ୍ଡି ବନାଞ୍ଚଳ ପକ୍ଷରୁ ବିଭିନ୍ନ ବନାଞ୍ଚଳରେ ଟ୍ରାପ କ୍ୟାମେରା ଲାଗିଛି। ବର୍ତ୍ତମାନ ସୁଦ୍ଧା ବାଘ ୬ଟି ଗୃହପାଳିତ ପଶୁକୁ ଆକ୍ରମଣ କରି ମାରିସାରିଲାଣି । ୬ଟି ଗୃହପାଳିତ ପଶୁଙ୍କ ମାଲିକ ମାନଙ୍କୁ ୫୮ ହଜାର ୫୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନେଇ ପଦକ୍ଷେପ ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ବାଘ କୌଣସି ମଣିଷକୁ ଆଘାତ କରିନାହିଁ। ଏସିଏଫଙ୍କ ନେତୃତ୍ୱରେ ବାଘର ଚଳପ୍ରଚଳ ଜାଣିବାକୁ ନେଇ ଟିମ୍ ଗଠନ ହୋଇଛି। ତିନୋଟି ଟିମ୍ ଜରିଆରେ ବାଘର ଚଳପ୍ରଚଳକୁ ନେଇ ୨୪ ଘଣ୍ଟିଆ ନଜର ରଖାଯାଇଛି। ବାଘକୁ ନେଇ ଫେକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରଲ୍ ନକରିବାକୁ ବନବିଭାଗ ଲୋକଙ୍କୁ ନିବେଦନ କରିଛନ୍ତି।

ସୂଚନା ପ୍ରକାରେ ଗତ କିଛି ଦିନ ହେବ ଗଞ୍ଜାମ ଜିଲ୍ଲାରେ ବାଘର ଆତଙ୍କ ସୃଷ୍ଟି ହୋଇଛି। ଜିଲ୍ଲାର



ବିଭିନ୍ନ ଅଂଚଳରେ ବାଘ ବୁଲୁଥିବା ଖବର ସାମ୍ନାକୁ ଆସିବା ପରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ନିକଟରେ ବ୍ରହ୍ମପୁର ଫୋରେଷ୍ଟ ରେଞ୍ଜ ଟାମଣା ଘାଟିରୁ ଯାଇ ପୁଣି ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧୀନ ଜକର ପଞ୍ଚାୟତ ଚୈତନ୍ୟ ପ୍ରସାଦ ଗ୍ରାମ ସଂଲଗ୍ନ ରତନେଇ ଜଙ୍ଗଲରେ ବନବିଭାଗ ମହାବଳ ବାଘର ପାଦ ଚିହ୍ନ ଚିହ୍ନଟ କରିଛି । ଖବର ପାଇ ବ୍ରହ୍ମପୁର ସହକାରୀ ବନ୍ୟପ୍ରାଣୀ ସଂରକ୍ଷକ ଡ଼. ରୁଦ୍ର ପ୍ରସାଦ ରଥ,ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ସଦଳ ବଳେ ପହଞ୍ଚି ତଥ୍ୟ ସଂଗ୍ରହ କରି ଫେରିଥିଲେ। ଆଖପାଖରେ ଥିବା ବିଭିନ୍ନ ଗ୍ରାମବାସୀଙ୍କୁ ବାଘର ଉପସ୍ଥିତି ନେଇ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ସନ୍ଧ୍ୟାରୁ ସକାଳ ଯାଏ ସମ୍ପୃକ୍ତ ଅଞ୍ଚଳରେ ଲୋକେ ଘରୁ ନ ବାହରିବା ପାଇଁ ସୂଚନା ଦିଆଯାଇଛି।



ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତର ଆଦିବାସୀ ଗ୍ରାମ ପଦ୍ମପୁର ନିକଟସ୍ଥ ମକାବାଡରେ ମହାବଳ ବାଘର ପାଦ ଚିହ୍ନକୁ ବନବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ବନବିଭାଗ ପକ୍ଷରୁ ୩ ଟିମ ଗଠନ କରାଯାଇ ବାଘର ଗତିପଥକୁ ଅନୁଧ୍ୟାନ ନିମନ୍ତେ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଇବା ସହ ବନ କର୍ମଚାରୀ ମାନଙ୍କୁ ସେଠାରେ ମୁତୟନ କରାଯାଇଛି। ଗତ ୧ ତାରିଖରେ ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧିନ ନୂଆପଡ଼ା ବିଟ ଗାଇଡ଼ା ଜଙ୍ଗଲ ସଂଲଗ୍ନ ବାତରଡ଼ା ପଲ୍ଲୀ ଗ୍ରାମ ନିକଟରୁ ବନ ବିଭାଗ ବାଘର ପାଦ ଚିହ୍ନ ସଂଗ୍ରହ କରିଥିଲା। ମହାବଳ ଗତ ପ୍ରାୟ ୧ ମାସ ହେଲା ବନ ବିଭାଗକୁ ନୟାନ୍ତ କଲାଣି। ବାଘ ଟ୍ରାକିଂ ପାଇଁ ଜଙ୍ଗଲରେ ଟ୍ରାପ କ୍ୟାମେରା ଖଞ୍ଜା ଯାଇଥିଲେ ମଧ୍ୟ ବାଘ ଚକମା ଦେଖାଇ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଘୁରି ବୁଲୁଥିବା ଜଣାପଡିଛି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ, ୧୨।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୦ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭୭ଟି ବ୍ୟକ୍ତିଗତ ଅଭିଯୋଗ, ୯ଟି ଗ୍ରାମ୍ୟ ସମ୍ପର୍କରେ ଅଭିଯୋଗ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଓ ରେଡ଼କ୍ରସ ସହାୟତା ପାଇଁ ୨ଟି ଆବେଦନ ମିଳିଥିଲା। ତତକ୍ଷଣାତ ୨୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଏଥିରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ତରକୋର ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଠପ୍

# ନଈ ପାଣି ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ଲୋକେ

**କୋଣାର୍କ, ୧୨।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଞ୍ଚାୟତରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଦୈନନ୍ଦିନ ହେଉ ନଥିବାରୁ ନଈ ପାଣି ପିଇ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତି ଘରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ ପ୍ରକଳ୍ପ, ଯୋଜନା ଓ ସହାୟତା ପ୍ରଦାନ କରୁଥିଲେ ମଧ୍ୟ ଗୋପ ବ୍ଲକ୍ ପ୍ରଶାସନ ଓ ତରକୋର ପଞ୍ଚାୟତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସ୍ୱଚ୍ଛ ପାନୀୟ ଜଳ ନପାଇ କେତେକ ଗ୍ରାମର ଲୋକେ ବେମାରରେ ପଡୁଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି।

ତରକୋର ପଞ୍ଚାୟତ ଜଗନ୍ନାଥପୁର, ମଲିଆ ତୁଠ ଆଦି ଗ୍ରାମର ନଳକୂପରୁ ଆଇରନ ପାଣି ବାହାରୁଥିବା ଯୋଗୁଁ ଏହା ରନ୍ଧନ କିମ୍ବା ପିଇବା ଯୋଗ୍ୟ ନୁହେ। ତେଣୁ କାହିଁ କେଉଁ କାଳରୁ ଲୋକମାନେ ନିକଟସ୍ଥ କୁଶଭଦ୍ରା ନଦୀରୁ ପାଣି ଆଣି ରୋଷେଇ କରିବା ସହ ପିଇବା ବ୍ୟବସ୍ଥା କରନ୍ତି। ଏଥି ଯୋଗୁ ପୂର୍ବରୁ ଅନେକ ଲୋକ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ପାଇପ ଲାଇନ କିମ୍ବା ଗଭୀର ନଳକୂପ ବ୍ୟବସ୍ଥା ନଥିବାରୁ ବ୍ଲକ୍ ପ୍ରଶାସନ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ରାକ୍ଟର ଟ୍ୟାଙ୍କର ଜରିଆରେ ଦୈନନ୍ଦିନ ପାଣି ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଥିଲା। ଏ ବାବଦରେ ମଧ୍ୟ ଲକ୍ଷ



ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସ୍ଥାନୀୟ ସରପଞ୍ଚ ଶୁଶାନ୍ତ ପରିଡ଼ାଙ୍କ ଅଯୋଗ୍ୟ ପଣିଆରୁ ୧୦୦ରୁ ଉର୍ଦ୍ଧ୍ୱ ପରିବାର ପିଇବା ପାଣି ମୁନ୍ଦେ ପାଉ ନାହାଁନ୍ତି। ପ୍ରତିଦିନ ବଦଳରେ ୮ଦିନ ୧୦ଦିନ ରେ ପାଣି ଯୋଗାଇ ଦିଆଯାଉଛି। ଯାହା ଫଳରେ ସ୍ଥାନୀୟ ଲୋକମାନେ ନଈରୁ ପନୀୟ ଜଳ ଆଣି ବ୍ୟବହାର କରୁଛନ୍ତି। ତେଣୁ ଝାଡ଼ା, ବାନ୍ତି ସହ ନାନାଦି ରୋଗରେ ପଡି ଆକ୍ରାନ୍ତ ହେଉଛନ୍ତି। ପାଣି ଯୋଗାଇ ଦେବାକୁ ଟଙ୍କା ମିଳୁନାହିଁ ବୋଲି ସରପଞ୍ଚ ଲୋକଙ୍କୁ କହି ଭୁଆଁ ବୁଲାଉଛନ୍ତି।

ଏନେଇ ବ୍ଲକ୍ ଅଧିକାରୀଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ହେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଓ ଗୋପ ବିଡ଼ିଓ ମହୋଦୟାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଉଭୟ ଫୋନ କଲ୍ ଉଠାଇନଥିଲେ। ଏନେଇ ପୁରୀ ଜିଲ୍ଲାପାଳ, ପାନୀୟ ଜଳ ଯୋଗାଣ ବିଭାଗ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ସାଧାରଣ ଦାବି କରିଛନ୍ତି।

### ହାତିବନ୍ଧା ଯୁବଗୋଷ୍ଠୀଙ୍କ ନିଆରା ପ୍ରୟାସ

# ଉପାନ୍ତରେ ଯୋଗାଇଲେ ମାଗଣା ସ୍ୱାସ୍ଥ୍ୟ ସେବା

**ସିନାପାଲି, ୧୨।୧୧ (ସଂଚାର ବ୍ୟୁରୋ) :** ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗ୍ରାମର ଯୁବକଙ୍କ ଏକ ନିଆରା ପ୍ରୟାସ । ସେବା ମନୋଭାବ ନେଇ ଆରମ୍ଭ କରିଛନ୍ତି ଏକ ଅଭିନବ ଉଦ୍ୟମ । ମାନବ ସେବା ହିଁ ମାଧବ ସେବା ବୋଲି ସମର୍ପିତ ହୋଇ ଆଗେଇ ଆସିଛନ୍ତି ଯୁବଗୋଷ୍ଠୀ। ଗରିବ, ଅସହାୟଙ୍କ ମୁହଁରେ ଫୁଟାଇ ପାରିଛନ୍ତି ହସ। ଉପାନ୍ତରେ ନିଶୁଳ୍କ ଡାକ୍ତରୀ ଚିକିତ୍ସା ସହ ମାଗଣା ଔଷଧ କରୁଛନ୍ତି ପ୍ରଦାନ। ଏଭଳି ଏକ ମହତ ଉଦ୍ଦେଶ୍ୟ ନେଇ ସେବା କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସିତ ହେଉଛନ୍ତି ଯୁବଗୋଷ୍ଠୀ।

ସିନାପାଲିର ଉପାନ୍ତ ଅନୁନ୍ନତ ବଣପାହାଡ ଘେରା ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସୁଧାର ଆଣିବା ସହ ସୁସ୍ଥ ସମାଜ ଗଠନ ନେଇ ଲକ୍ଷ୍ୟ ରଖି ଆଗେଇ ଚାଲିଥିବା ପ୍ରକାଶ କରିଛନ୍ତି। ତତ୍ସହିତ ବୃକ୍ଷ ରୋପଣ ଓ ନିଶା ନିବାରଣ ଭଳି ଅଭିଯାନ ହାତକୁ ନେଇଥିବା ଜଣାପଡିଛି। ଏଭଳି ଏକ ଯୁବଗୋଷ୍ଠୀ ମୁଣ୍ଡ ଟେକିଛନ୍ତି ହାତିବନ୍ଧା ଠାରେ। ଗାୟତ୍ରୀ ପ୍ରଜ୍ଞାପିଠ ର ପ୍ରେରଣା କ୍ରମେ ଶ୍ରୀରାମ ସେବା ଫାଉଣ୍ଡେସନ ନାମରେ ଏକ ସଂଗଠନ କରିଛନ୍ତି।




ଡାକ୍ତର,ଶିକ୍ଷକ, ଶିକ୍ଷାବିତ,ଛାତ୍ର ତଥା ସମାଜସେବୀଙ୍କ ମିଳିତ ଉଦ୍ୟମରେ ଗଠନ କରାଯାଇଛି ଏହି ସଂଗଠନ। ପ୍ରତି ରବିବାର ଦିନ ଉପାନ୍ତ ଅଂଚଳର ଏକ ନିର୍ଦ୍ଦିଷ୍ଟ ଗାଁରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ସମସ୍ତଙ୍କ ମିଳିତ ଆର୍ଥିକ ସହାୟତାରେ ଆୟୋଜନ କରୁଥିବା ପ୍ରକାଶ କରିଛନ୍ତି।

ନିରୀହ ଗରିବ ଅସହାୟ ଲୋକଙ୍କୁ ଦ୍ୱାର ମୁହଁରେ ଦେଉଛନ୍ତି ସ୍ୱାସ୍ଥ୍ୟ ସେବା। ନିଶୁଳ୍କ ଡାକ୍ତରୀ ଚିକିତ୍ସା କରିବା ସହ ମାଗଣାରେ ଔଷଧ ପ୍ରଦାନ କରୁଛନ୍ତି। ତତ୍ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ଠିକ ରଖିବା ପାଇଁ ସଚେତନ ମଧ୍ୟ କରୁଛନ୍ତି। ଏହି କ୍ରମରେ ବିଗତ ଦିନରେ ସିନାପାଲି ଅନ୍ତର୍ଗତ ଉପାନ୍ତ ପତିଆଲପଡା, ଜରେଳପଦର, ବରପାଲି ତଥା କଳାହାଣ୍ଡି ସୀମାନ୍ତ ଗୁଡୁରଘୁମା ଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଲୋକଙ୍କୁ ମାଗଣା ଡାକ୍ତରୀ ଚିକିତ୍ସା ଓ ଔଷଧ ପ୍ରଦାନ କରିଥିଲେ। ସେହିପରି ଆଜି ଭରୁଆମୁଣ୍ଡା ଅନ୍ତର୍ଗତ ସାନଗଉନ୍ତିଆପଡା ଠାରେ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ୭୦ ଜଣ ମହିଳା,୩୬ ଜଣ ପୁରୁଷ ଓ ବହୁ ସଂଖ୍ୟକ ଶିଶୁଙ୍କ ଚିକିତ୍ସା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ଡା. ବିବେକାନନ୍ଦ ମେହେରଙ୍କ ସମେତ ନିଲମ୍ବର ମେହେର, ଅଜିତ ମେହେର, ଡମ୍ବରୁଧର ମେହେର, ସରୋଜ ସିଂ ନିନା,ରୂପେଶ ମେହେର ,ମିଳନ ମେହେର,ହିତେଶ ସୁନାନୀ,ଚୋଡଗଙ୍ଗ ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ

## ଜିଜ୍ଞାସୁ ହେଲେ ଛାତ୍ରଛାତ୍ରୀ ଆଗକୁ ବଢ଼ିବେ

### ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଜରୁରୀ



**କାକଟପୁର/ଅସ୍ତରଙ୍ଗ, ୧୨।୧୧ (ସଂଚାର ବ୍ୟୁରୋ) :** ବିଜ୍ଞାନ ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପାଦ ରଖିପାରିଛି। ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଜରୁରୀ ହୋଇ ପଡିଛି ବୋଲି ମତବ୍ୟକ୍ତ କରିଛନ୍ତି ମୁଖ୍ୟଅତୀଥି ଅବସରପ୍ରାପ୍ତ ଶାଖା ପ୍ରବନ୍ଧକ ପ୍ରମୋଦ କୁମାର ନାୟକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ବିଦ୍ୟାଳୟସ୍ତରୀୟ ଶ୍ରୀଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ବନ୍ତିଲୋ ଠାରେ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନ ଶିବିର ୨୦୨୪ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଯୋଗାଯୋଗ, ପ୍ରାକୃତିକ କୃଷି, ବିପର୍ଯ୍ୟୟ ପରିଚାଳନା, ସମ୍ବଳ ପରିଚାଳନା ଆଦି ବିଷୟକୁ ନେଇ ବିଜ୍ଞାନ ମେଳାରେ ୫ମ ରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମୋଟ ୩୦ ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରୁ ୩ ଟି ପ୍ରକଳ୍ପ ସେଥିରେ ପ୍ରଥମ ସ୍ଥାନ ଆଦିତ୍ୟ ସାହୁ, ଦ୍ୱିତୀୟ ସ୍ଥାନ ପ୍ରୀତିପ୍ରଜ୍ଞା ନାୟକ,ମନୀଷାମୁଦୁଲି, ତୃତୀୟ ସ୍ଥାନ ଲିଖିତା ନାୟକ ନିଜ ନିଜ ବିଷୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହେବା ସହ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ପରିଡା ଙ୍କ ସଭାପତିତ୍ୱରେ ମୁଖ୍ୟଅତୀଥି ଅବସରପ୍ରାପ୍ତ ଶାଖା ପ୍ରବନ୍ଧକ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡା, ସଂମାନୀତ ଅତୀଥି ପୂର୍ବତନ ପ୍ରଧାନଶିକ୍ଷକ ଦ୍ୱିଜବର ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବୀଣାପାଣି ରାଉତ, ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଚାରମଣ୍ଡଳୀ ସ୍ୱପ୍ନେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅରୁଣ ମହାନ୍ତି ଓ ଜନତା ହାଇସ୍କୁଲ ଶିକ୍ଷକ ଶ୍ରୀଧର ସାହୁ ବିଭିନ୍ନ ପ୍ରକଳ୍ପ ବୁଲି ଚୟନ କରିଥିଲେ।

### ନରେନ୍ଦ୍ର ପ୍ରସାଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ସେମିଫାଇନାଲକୁ ଉନ୍ନୀତ

**ଦଶରଥପୁର, ୧୨।୧୧ (ସଂଚାର ବ୍ୟୁରୋ) :** ଦଶରଥପୁର ବ୍ଲକ କସ୍ବା ପଞ୍ଚାୟତସ୍ତ ପଲ୍‌ହାସାଇ କାଳି ପଡିଆ ଠାରେ ନରେନ୍ଦ୍ର ପ୍ରସାଦ ସ୍ମାରକୀ ୟୁଥକ୍ଳବ ଆନୁକୂଲ୍ୟରେ ୨୯ ତମ ନରେନ୍ଦ୍ର ପ୍ରସାଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟଟି ଆଜି ଉଦଘାଟିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ଦଶରଥପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତଥା ମହାନ ଜନ ନାୟକ ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨୯ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଜି ଏହି ଟୁର୍ଣ୍ଣାମେଣ୍ଟଟିକୁ ଯାଜପୁର ବିଧାୟିକା ସୁଜାତା ସାହୁ ଓ ଯାଜପୁରର ବରିଷ୍ଠ ସମାଜ ସେବି କର୍ଣ୍ଣାଟ କେଶରି ଦାସ ଯୋଗ ଦେଇ ଫିତାକାଟି ଉଦ୍‌ଘାଟନ କରିଥିବା ବେଳେ ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ,ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ସରପଞ୍ଚ




ଅଜୟ ମଲ୍ଲିକ, କସ୍ବା ପଞ୍ଚାୟତର ସରପଞ୍ଚ ତୃପ୍ତିବାଳା ମହାନ୍ତି, ସମାଜସେବୀ ମନୋଜ ରାଉତ, ଦୁଦୁରାଅନ୍ତା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ସେଠି, ଶରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ଅତିଥି ମାନେ ପ୍ରଥମେ ମହାନ ପୁରୁଷ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଉଦଘାଟନ ମ୍ୟାଚଟି ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ଯାଜପୁର ଓ ଏମବିସି ବାଟ ମଙ୍ଗଳା କ୍ରିକେଟ ଟିମ୍ ବରୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ଟସ ଜିଣି ଏମବିସି କ୍ରିକେଟ ଟିମ ବରି ବ୍ୟାଟିଂ କରିଥିଲା । ୨୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବରି କ୍ରିକେଟ ଟିମ ୧୮ ଓଭର ୪ଟି ବଲରେ ସମସ୍ତ ଉଇକେଟ ହରେଇ ୧୯୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଯାଜପୁର କ୍ରିକେଟ ଟିମ ୧୮ ଓଭରରେ ୬ ଟି ଉଇକେଟ ହରେଇ ୧୯୫ ରନ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ । ଆଜିର ଖେଳରେ ପଦ୍ମଲୋଚନ ଜେନା, ନିତ୍ୟାନନ୍ଦ ଦାସ ଅମ୍ପେୟାର ଦାୟିତ୍ୱ ତୁଲାଇଥିବା ବେଳେ ଅତନୁ ସବ୍ୟସାଚୀ ଧଳ ଓ ଗୋବିନ୍ଦ ଦାସ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଟିମ ଖେଳିବାକୁ ଥିବା ବେଳେ ୨୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ବରିଷ୍ଠ ସଭ୍ୟ ସତ୍ୟରଞ୍ଜନ ସାହୁ, ପୁଷ୍ପକ ସାହୁ, କମଳ ଲୋଚନ ଜେନା, ଅଚ୍ୟୁତାନନ୍ଦ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଜଳୁନି ଷ୍ଟ୍ରିଟ ଲାଇଟ୍, ଅନ୍ଧାରରେ ସୋନପୁର

**ସୁବର୍ଣ୍ଣପୁର, ୧୨।୧୧ (ସଂଚାର ବ୍ୟୁରୋ) :** ମନ୍ଦିର ମାଳିନୀ ସୋନପୁର ସହର ଏବେ ରାତି ହେଲେ ଚାରିଆଡେ ଅନ୍ଧାର। ଷ୍ଟ୍ରିଟ ଲାଇଟ ମେଣ୍ଟେନାନ୍ସ ଅଭାବରୁ ବର୍ତ୍ତମାନ ସଞ୍ଜ ନଇଁଲେ ରାଜ କରୁଛି ଅନ୍ଧାର। ସବୁ ଆଡ଼େ ଅନ୍ଧାର ଯୋଗୁଁ ଭୟଭୀତ ଅବସ୍ଥାରେ ଯିବା ଆସିବା କରୁଛନ୍ତି ଲୋକେ । କେହି ଶୁଣୁନି କାହାର କଥା, ସତେ ଯେମିତି ପ୍ରଶାସନ କି ରାଜନେତା କେହି ନାହିଁ। ମୁରବୀ ବିହୀନ ଜିଲ୍ଲା ବୋଲି କହୁଛନ୍ତି ବାହାରର ପର୍ଯ୍ୟଟକ । ଜନଗହଳିପୂର୍ଣ୍ଣ ସହରର ବସଷ୍ଟାଣ୍ଡ ସମେତ ମୁଖ୍ୟ ମାର୍କେଟ ରାସ୍ତା ଗୁଡିକ ଅନ୍ଧାର ଘେରରେ ରହୁଛି। ତହସିଲ ଛକରୁ ଆରଟିଓ ଅଫିସ ଛକ, ବ୍ଲକ ଛକରୁ କୁଞ୍ଜ ଛକ, ନଳିନୀ ଛକରୁ ତେଲ ନଦୀ ବ୍ରିଜ ଛକ ସମେତ ସମସ୍ତ ୱାର୍ଡ ର ଗଳିକନ୍ଦି ରାସ୍ତା ମଧ୍ୟ ଅନ୍ଧାର। ପବିତ୍ର କାର୍ତ୍ତିକ ମାସରେ ସମସ୍ତ ମନ୍ଦିର ରାସ୍ତା ମାନଙ୍କରେ ମଧ୍ୟ ଅନ୍ଧାର ରାଜ କରୁଛି। ମେଣ୍ଟେନାନ୍ସ ଅଭାବରୁ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ସହରୀକରଣ ଆଲୋକ ବ୍ୟବସ୍ଥା।

ସୋନପୁର ମ୍ୟୁନିସପାଲିଟି ଆଲୋକିକରଣ ବ୍ୟବସ୍ଥା ବଜାଜ କମ୍ପାନୀ ଠିକା ନେଇଥିବା ବେଳେ ଭୁବନେଶ୍ୱରର ଗ୍ଲାଡିଅରସ୍ ନାମକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଛି। ଉକ୍ତ



ସଂସ୍ଥା ଅଧୀନରେ ତିନିଜଣ ଅସ୍ଥାୟୀ କର୍ମଚାରୀ କାମ କରୁଥିବା ବେଳେ ସେମାନେ ଦୀର୍ଘ ତିନି ମାସ ହେଲା ଦରମା ପାଇନଥିବା ଅଭିଯୋଗ କରିଛନ୍ତି। ପୁଣି କମ ଦରମାରେ କାମ କରିବା ପାଇଁ କମ୍ପାନୀ ବାଧ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି କର୍ମଚାରୀ। ଏଠି ପ୍ରଶ୍ନ ଉଠେ ଯେ ଲୋକଙ୍କ ସେବା ପାଇଁ ନେତାମାନେ ନିର୍ବାଚିତ ହୋଇଛନ୍ତି ନା ଶୋଷଣ ଲୁଣ୍ଠନ ପାଇଁ । ସାମ୍ବାଦିକ ମାନେ ଲେଖିଦେଲେ ସବୁ ସମାଧାନ ହେବ ବୋଲି କେବଳ ଚର୍ଚ୍ଚା କରିବେ ସବୁଠି । ଦୀର୍ଘ ବର୍ଷରୁ ଏଠି ଗୋଳିଆ ରାଜନୀତି ପାଇଁ ସବୁ ବିଭାଗରେ ଅଳିଆ। ଏହା ବି ଚର୍ଚ୍ଚା ହୁଏ ଯେ,ସୋନପୁର ସହର ଓ ଜିଲ୍ଲା ପାଇଁ ସାହା ଭରଷା ସେଇ ଏକା କାଳିଆ।